

ପୃଷ୍ଠା ୪

ବିଜେପି ଓ ଅକାଳୀଦଳ ମେଣ୍ଟ ସମ୍ଭାବନା

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 138 ଭାଗ ୩୪ | ସଂଖ୍ୟା ୧୩୮ | Saturday 8 August 2026 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର,୮ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲା

## ଏନ୍‌ଟିଏର ୩ ଅଧିକାରୀ ମୁଖ୍ୟ ଅଭିଯୁକ୍ତ

- ୯୪ ପୃଷ୍ଠାର ଚାର୍ଜସିଟ୍ ଦାଖଲ କଲା ସିବିଆଇ
- କାଗଜ ସ୍ଲିପରେ କପି ସହ ଅଧ୍ୟାୟ ଓ ଅନୁଚ୍ଛେଦ ଚିହ୍ନଟ କରୁଥିଲେ



ନୂଆଦିଲ୍ଲୀ,୭।୮: ନିଟ-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୯୪ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। ଚାର୍ଜସିଟରେ ପିଭି କୁଲକର୍ଣ୍ଣୀ, ମନୀଷା ମନ୍ଧାରେ ଓ ମନୀଷା ହାବଲଦାରଙ୍କୁ ପେପର ଲିକ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଭାବରେ ନାମିତ କରାଯାଇଛି। କୁଲକର୍ଣ୍ଣୀ ରସାୟନ ବିଜ୍ଞାନର ବିଶେଷଜ୍ଞ ଥିବା ବେଳେ ମନ୍ଧାରେ ଓ ହାବଲଦାର ଯଥାକ୍ରମେ ଉଦ୍ଭିଦ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନର ବିଶେଷଜ୍ଞ ଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସିବିଆଇ ଦ୍ୱାରା ଗିରଫ ୧୩ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ଏଇ ତିନିଜଣଙ୍କୁ ମଧ ଗିରଫ କରାଯାଇଛି।

ଚାର୍ଜସିଟ୍‌ର ତଥ୍ୟ ଅନୁଯାୟୀ, ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ବିଶେଷଜ୍ଞମାନେ ପ୍ରଶ୍ନକୁ ମନେ ରଖିବା ସହିତ ଚିଟ୍ ବ୍ୟବହାର କରୁଥିଲେ। ଏପରିକି, ପ୍ରଶ୍ନଗୁଡ଼ିକୁ ମନେ ରଖିବା ସହିତ ଏହାକୁ ଚିଟ୍‌ରେ ଲେଖିବା ସହିତ ପୁସ୍ତକରେ ପ୍ରାସଙ୍ଗିକ ➪ପୃଷ୍ଠା-୬

### ଓଡ଼ିଶା ଫୁଡ୍ ପ୍ରୋ ୨୦୨୬

## ଓଡ଼ିଶା ହେବ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ପ୍ରଥମ ପସନ୍ଦ




- ନୂଆ ବିକାଶ ଏଜେଣ୍ଡାର ଭିଜନ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ
- ପ୍ରଥମ ସେକ୍ଟର ଆଧାରିତ ରୋଡ୍ ଶୋ'ରେ ଯୋଗ ଦେଲେ ୩୦୦ରୁ ଅଧିକ ଶିଳ୍ପ ନେତା
- ଖାଦ୍ୟ ପ୍ରକ୍ରିୟାକରଣ କୃଷକଙ୍କ ସମୃଦ୍ଧି, ଗ୍ରାମୀଣ ରୂପାନ୍ତର ଓ ଶିଳ୍ପ ଭବିଷ୍ୟତ ମଧ୍ୟରେ ସେତୁ
- ୨୭ଟି ଏମଓୟୁ ସ୍ୱାକ୍ଷରିତ; ଆଉ ୧୨ ପ୍ରକଳ୍ପ ପାଇଁ ମିଳିଛି ନିବେଶ ଇଚ୍ଛା ପ୍ରାପ୍ତ
- ୪୩,୪୩୭ କୋଟିର ପ୍ରକଳ୍ପ ଜରିଆରେ ୪୩,୩୧୬ ନିଯୁକ୍ତି ସମ୍ଭାବନା

ନୂଆଦିଲ୍ଲୀ,୭।୮(ସଂଚାର ବ୍ୟୁରୋ): 'ଖାଦ୍ୟ ପ୍ରକ୍ରିୟାକରଣ କେବଳ ଆଉ ଏକ ଶିଳ୍ପ ନୁହେଁ। ଏହା ଆମ କୃଷକଙ୍କ ସମୃଦ୍ଧି, ଗ୍ରାମୀଣ ରୂପାନ୍ତର ଓ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ସେତୁ। ଏହି କ୍ଷେତ୍ରରେ ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରରେ ମୂଲ୍ୟ ସୃଷ୍ଟି କରେ, ଗାଁରେ ନିଯୁକ୍ତି ସୃଷ୍ଟି କରେ, ରପ୍ତାନି ମଜବୁତ କରେ ଏବଂ ଏକ ଶକ୍ତିଶାଳୀ ଅର୍ଥନୀତି ଗଢ଼େ। ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣରେ ଭାରତର ପସନ୍ଦର ଗନ୍ତବ୍ୟସ୍ଥଳ ହେବାକୁ ପ୍ରସ୍ତୁତ ଏବଂ ମୁଁ ଶିଳ୍ପଜଗତକୁ ଏହି ଯାତ୍ରାରେ ଆମ ସହ ଭାଗୀଦାର ହେବାକୁ ଆମନ୍ତ୍ରଣ କରୁଛି'।

ଏହି ଦୃଷ୍ଟିକୋଣ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ରେ ରାଜ୍ୟ ପାଇଁ ଏକ ନୂଆ ବିକାଶ ଏଜେଣ୍ଡା ଉପସ୍ଥାପନ କରିଛନ୍ତି। ଏହା ଓଡ଼ିଶା ବାହାରେ ଆୟୋଜିତ ରାଜ୍ୟର ପ୍ରଥମ ସେକ୍ଟର ଆଧାରିତ ନିବେଶ ରୋଡ୍ ଶୋ'। ଏହି ରୋଡ୍ ଶୋ' କେବଳ ଏକ ନିବେଶ କାର୍ଯ୍ୟକ୍ରମ ନୁହେଁ। ଏହା କୃଷିକୁ ଉତ୍ପାଦନ, ରପ୍ତାନୀ ଓ ବିଶ୍ୱ ବଜାର ସହ ଯୋଡ଼ି ଏକୀକୃତ ଖାଦ୍ୟ ପ୍ରକ୍ରିୟାକରଣ ପରିବେଶ ବିକାଶ ଦିଗରେ ଓଡ଼ିଶାର ରଣନୀତିକ ପରିବର୍ତ୍ତନକୁ ସଙ୍କେତ କରୁଛି।

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଓଡ଼ିଶା ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀ, ଆସୋଚାମର ପ୍ରତିନିଧି ତଥା ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ୩୦୦ରୁ ଅଧିକ ଶିଳ୍ପ ନେତା, ଖାଦ୍ୟ ପ୍ରକ୍ରିୟାକରଣ ସଂଗଠନ, ଉଦ୍ୟୋଗୀ, ନିବେଶକ ଓ ବ୍ୟବସାୟ ପ୍ରତିନିଧି ଯୋଗ ଦେଇଥିଲେ। ଏହି ରୋଡ୍ ଶୋ'ରେ ୨୭ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ପ୍ରସ୍ତାବିତ ନିବେଶର ପରିମାଣ ହେଉଛି ୪୧,୭୪୮ କୋଟି ଏବଂ ୩୫,୨୫୨ ନିଯୁକ୍ତି ➪ପୃଷ୍ଠା-୬

## ବ୍ରିକ୍ସରୁ ବିଶ୍ୱକୁ ମିଳିଲା ନୂଆ ଦିଗ୍‌ଦର୍ଶନ

- ଯୁବପିଢ଼ିର ଆକାଂକ୍ଷା ପୂରଣ ପାଇଁ ନବସୃଜନ ଜରୁରୀ
- ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ତ୍ରୟୋଦଶ ବୈଠକ




ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ବ୍ରିକ୍ସ ସହଯୋଗରେ ଜନକୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ। ଶ୍ରୀ ଯୋଶୀ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ଘୋଷଣାନାମା ଗୃହୀତ ହୋଇଛି।

କେନ୍ଦ୍ର ମନ୍ତ୍ରୀ ବ୍ରିକ୍ସ ସହଯୋଗୀଙ୍କ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବା ଲାଗି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି ବୈଠକରେ ସୃଷ୍ଟି ହୋଇଥିବା ଧାରା ଫଳପ୍ରଦ ପରିଣାମ ଆଣିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ୨୦୨୬ର ବାର୍ତ୍ତା 'ଦୃଢ଼ତା, ନବସୃଜନ, ସହଯୋଗ ଓ ଦୀର୍ଘସ୍ଥାୟିତ୍ୱ ପାଇଁ ନିର୍ମାଣ' ବିଷୟରେ ଉଲ୍ଲେଖ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଶିକ୍ଷା ବ୍ୟବସ୍ଥା ମାନବୀୟ ମୂଲ୍ୟବୋଧର ମୂଳଦୁଆରେ ଦୃଢ଼ ଭାବେ ତିଷ୍ଠି ରହିବା ସହ ଯୁବପିଢ଼ିଙ୍କୁ ପରିବର୍ତ୍ତିତ ସୁଯୋଗ ପାଇଁ ପ୍ରସ୍ତୁତ କରିବା ଉଚିତ। ବିଦ୍ୟାର୍ଥୀ, ଶିକ୍ଷକ, ଗବେଷକ ଓ ଯୁବପିଢ଼ିଙ୍କୁ ନୀତି ନିର୍ଦ୍ଧାରଣ ଓ ଅନ୍ତର୍ଜାତୀୟ ସହଯୋଗର କେନ୍ଦ୍ରରେ ରଖାଯିବା ଆବଶ୍ୟକ। ଶ୍ରୀ ଯୋଶୀ କହିଥିଲେ, ଶିକ୍ଷା ହେଉଛି ସମାବେଶୀ ବିକାଶ ଓ ସହଭାଗୀ ସମୃଦ୍ଧିର ମୂଳଦୁଆ। ଆଜିର ବୈଠକରେ ଗୃହୀତ ହୋଇଥିବା ଘୋଷଣାନାମା ୫ଟି ପ୍ରାଥମିକତା କ୍ଷେତ୍ରରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଛି।

କେନ୍ଦ୍ର ମନ୍ତ୍ରୀ ନୂତନତ୍ୱ ଓ ଐତିହ୍ୟ ପରସ୍ପରର ପରିପୂରକ ବୋଲି ମତ ବ୍ୟକ୍ତ କରି ପାରମ୍ପରିକ ଓ ସ୍ୱଦେଶୀ ଜ୍ଞାନ ପ୍ରଣାଳୀର ସଂରକ୍ଷଣ ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଥିଲେ। ପାରମ୍ପରିକ ଜ୍ଞାନକୁ ସଂରକ୍ଷଣ କରିବା, ଏହାକୁ ଗଭୀର ଭାବରେ ଅଧ୍ୟୟନ କରିବା ଏବଂ ଭବିଷ୍ୟତ ପିଢ଼ିକୁ ଏହାର ମୂଲ୍ୟ ପ୍ରଦାନ କରିବା ଲାଗି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ସମୃଦ୍ଧ ସଭ୍ୟତା ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଛି।

### ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟା କ୍ଷୟକ୍ଷତି ସମୀକ୍ଷା

## ୨୩ ଜିଲ୍ଲା ପ୍ରଭାବିତ; ୩୫୬୭ ଘର କ୍ଷତିଗ୍ରସ୍ତ



ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟର ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି। କ୍ଷୟକ୍ଷତି ଆକଳନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରାୟ ପ୍ରଭାବିତ ଜିଲ୍ଲାମାନଙ୍କର ରିପୋର୍ଟ ଇତି ମଧରେ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ତେବେ କେତେକ ଜିଲ୍ଲାରେ ସମ୍ପୂର୍ଣ୍ଣ ରୂପେ ବନ୍ୟାଜଳ ପ୍ରଭାବ ହ୍ରାସ ହୋଇ ନ ଥିବାରୁ ପରିସ୍ଥିତିରେ ସୁଧାର ଆସିବା ପରେ ଯଥାଶୀଘ୍ର ସେ ସମସ୍ତ ଜିଲ୍ଲାର ରିପୋର୍ଟ ପଠାଇବାକୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତି ଆକଳନ ସହ କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ୟାରେ ପ୍ରାୟ ୨୩ଟି ଜିଲ୍ଲା ଆଂଶିକ ବା ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ବେଳେ ସ୍ଥିତି କ୍ରମଶଃ ସ୍ୱାଭାବିକ ଅବସ୍ଥାକୁ ଆସୁଛି। ଅଦ୍ୟାବଧି ହସ୍ତଗତ ହୋଇଥିବା ରିପୋର୍ଟ ଅନୁଯାୟୀ, ୩୫୬୭ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩୭,୨୯୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଏଥିରେ ବୃଦ୍ଧି ଘଟିପାରେ। ଏହି ପରିପ୍ରେକ୍ଷୀରେ ଆସନ୍ତା ଦିନେ ଦୁଇ ଦିନ ଭିତରେ ସମସ୍ତ ଜିଲ୍ଲାର ଚୂଡ଼ାନ୍ତ ରିପୋର୍ଟ ସହ ସମ୍ପୂର୍ଣ୍ଣ ତଥ୍ୟ ଆସିପାରିବ ବୋଲି ରାଜସ୍ୱ ମନ୍ତ୍ରୀ ➪ପୃଷ୍ଠା-୬

## ଘୋଷଣା ହେଲା ନୂଆଁଖାଇ ଲଗ୍ନ

ବଲାଙ୍ଗୀର,୭।୮ (ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଆଜି ଲଗ୍ନ ଧାର୍ଯ୍ୟ ହୋଇଛି। ବଲାଙ୍ଗୀର ଜିଲ୍ଲା ପାଇଁ ପାଟଣା ମହାରାଜାଙ୍କ ଶୈଳଶ୍ରୀ ପ୍ୟାଲେସରୁ ଶୁକ୍ରବାର ଘୋଷଣା କରାଯାଇଛି ନୂଆଖାଇଁ ଲଗ୍ନ। ଆସନ୍ତା ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥି ସେପ୍ଟେମ୍ବର ୧୫ ତାରିଖ ମଙ୍ଗଳବାର ସକାଳ ୯ଟା ୩୬ ମିନିଟ୍‌ରୁ ଦିନ ୧୦ଟା ୧୦ ମିନିଟରେ ମଧ୍ୟରେ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗିହେବ। ଏହାପରେ ବଲାଙ୍ଗୀର ଜିଲ୍ଲାର ଲୋକେ ନୂଆ ଖାଇବେ ବୋଲି ରାଜପୁରୋହିତ ସନ୍ତୋଷ କୁମାର ଦାସ ସୂଚନା ଦେଇଛନ୍ତି। ଏନେଇ ଶୈଳଶ୍ରୀ ପ୍ୟାଲେସରେ ଜ୍ୟୋତିର୍ବିଦ ଓ ପଣ୍ଡିତ ମହାସଭାର ସଦସ୍ୟଙ୍କୁ ନେଇ ଲଗ୍ନ ସ୍ଥିର କରାଯାଇଛି। ନୂଆଁଖାଇ ଏକ ଗଣପର୍ବ ହୋଇଥିବାରୁ ଗ୍ରାମ ବା ସହରର ପଡ଼ା ଅଞ୍ଚଳରେ ନୂଆଁଖାଇ ଦିନ ନବାନ୍ନ ଦେଇ ପୂଜା ବିଧି ସମାପ୍ତ ହେବା ପରେ ପରିବାରର ମୁଖ୍ୟଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରିଥାନ୍ତି। ତାହା ଖାଇ ସାରି ପରିବାରର ସମସ୍ତ ବ୍ୟକ୍ତି ବୟସ୍କମାନଙ୍କୁ ଭୂମିଷ୍ଠ ପ୍ରଣାମ ସହ ଆଶୀର୍ବାଦ ଗ୍ରହଣ କରିଥାନ୍ତି।

### ଖରିଫ ଋତୁ ପାଇଁ ପର୍ଯ୍ୟାପ୍ତ ସାର ଯୋଗାଇଲେ ସରକାର

## କଳାବଜାରୀ ଓ ହୋର୍ଡିଂ କଲେ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୭।୮ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଖରିଫ-୨୦୨୬ ଋତୁ ପାଇଁ ସାର ଯୋଗାଣ ଓ ସୁଷମ ବଣ୍ଟନ ସୁନିଶ୍ଚିତ କରିବାକୁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ କିସମର ସାର ଆବଣ୍ଟନ କରାଯିବା ପରେ ଚାଷୀଙ୍କ ସମ୍ପୂର୍ଣ୍ଣ ଚାହିଦା ପୂରଣ ପାଇଁ ମାର୍କଫେଡ୍, ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (ଲାମ୍ପସ) ଓ ଅଧିକୃତ ଖୁଚୁରା ବିକ୍ରେତାଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ସାର ଗଚ୍ଛିତ ରଖାଯାଇଛି। ଏଥିପାଇଁ ଚାଷୀମାନେ ଭୟଭୀତ ହୁଅନ୍ତୁ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସାର ଯୋଗାଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ➪ପୃଷ୍ଠା-୬

### ଆଠମଲ୍ଲିକରେ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

## ତ୍ୱରାନ୍ୱିତ ହେବ ଆର୍ଥିକ ପ୍ରଗତି: ଧର୍ମେନ୍ଦ୍ର

- ଦୁର୍ଗା ମନ୍ଦିରର ପୁନରୁଦ୍ଧାର ଓ ହାଇମାଷ୍ଟ ଲାଇଟ୍ ସ୍ଥାପନ ପାଇଁ ଶିଳାନ୍ୟାସ
- ପଶୁ ଡାକ୍ତରଖାନା ଛକ-ମହାନଦୀ ସେତୁ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ



ଅନୁଗୋଳ/ଆଠମଲ୍ଲିକ,୭।୮(ସଂଚାର ବ୍ୟୁରୋ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଆଠମଲ୍ଲିକ ଗସ୍ତ କାଳରେ ଅଞ୍ଚଳର ଆଧ୍ୟାତ୍ମିକ, ଯୋଗାଯୋଗ ଓ ଭିତ୍ତିଭୂମିର ବିକାଶ ପାଇଁ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିବା ସହ ଉଦ୍‌ଘାଟନ କରିଛନ୍ତି। ଶ୍ରୀ ପ୍ରଧାନ ବରଟିକିରାଠାରୁ ଟାଙ୍ଗିଆନିଶା ଓ ଛତିଆ ସାହି ଠାରୁ ପଦ୍ମପୋଖରୀ ପର୍ଯ୍ୟନ୍ତ ପକ୍କା ସଡ଼କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଆଠମଲ୍ଲିକ ଦୁର୍ଗାବଜାରସ୍ଥିତ ଆରାଧ୍ୟା ଦେବୀ ମା' ଦୁର୍ଗା ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହାଛଡ଼ା ମାଧପୁର ବସଷ୍ଟାଣ୍ଡଠାରେ ନୂତନ ହାଇମାଷ୍ଟ ଲାଇଟ୍ ସ୍ଥାପନ ପାଇଁ ଶ୍ରୀ ପ୍ରଧାନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ସେ ପଶୁ ଡାକ୍ତରଖାନା ଛକଠାରୁ ମହାନଦୀ ସେତୁ ପର୍ଯ୍ୟନ୍ତ ନୂତନ ଆଲୋକୀକରଣ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହିସବୁ ପଦକ୍ଷେପ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ଯାତାୟାତକୁ ସୁଗମ ଓ ➪ପୃଷ୍ଠା-୬

## ସାପ କାମୁଡ଼ାରେ ମା'-ପୁଅ ମୃତ

ରାୟଗଡ଼,୭।୮(ସଂଚାର ବ୍ୟୁରୋ): ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି ମା' ଓ ପୁଅ। ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଜଲାଙ୍ଗ ପଞ୍ଚାୟତର କଦମ୍ବତାଳ ଗ୍ରାମର ଲଳିତା ବଡ଼ରଇତ (୩୦) ଓ ତାଙ୍କର ସାତ ବର୍ଷର ପୁଅ ଅମିତ ରାତିରେ ଶୋଇଥିବା ସମୟରେ ସେମାନଙ୍କୁ ଏକ ବିଷାକ୍ତ ରଣା ସାପ କାମୁଡ଼ି ଦେଇଥିଲେ। ତେବେ ସେମାନଙ୍କ ନିକଟରେ ବାପା ଅଜୟ କୁମାର ବଡ଼ରଇତ ଓ ଦେଢ଼ ବର୍ଷର ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ➪ପୃଷ୍ଠା-୬

### ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର

## ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ଟଙ୍କା

ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ପାଇଁ ଆସିଛି ବଡ଼ ଖୁସି ଖବର। ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି ଟଙ୍କା ପ୍ରଦାନ କରାଯିବ। ଏଥିସହ ଗତ ୨୫ ସୁଦ୍ଧା ଯେଉଁ ଆବେଦନଗୁଡ଼ିକର ନାମ ଜିଲ୍ଲା ସ୍ତରରୁ ଚୂଡ଼ାନ୍ତ ତାଲିକାରେ ଆସିଥିବ, ସେହି ଯୋଗ୍ୟ ହିତାଧିକାରୀମାନେ ମଧ ଏହି ପର୍ଯ୍ୟାୟରେ ➪ପୃଷ୍ଠା-୬

## ହସ୍ପିଟାଲରେ ମିଥୁନ୍



ନୂଆଦିଲ୍ଲୀ,୭।୮: ବଲିଉଡ୍‌ର ଡିସ୍କୋ ଡ୍ୟାନ୍ସର ଭାବେ ପରିଚିତ ତଥା ପଶ୍ଚିମବଙ୍ଗର ପ୍ରମୁଖ ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀ ଅସୁସ୍ଥ ହୋଇ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତକାଲି ତାଙ୍କଠାରେ ଏକ ସଫଳ ଅସ୍ତ୍ରୋପଚାର କରାଯାଇଛି। ଦୁର୍ଘଟଣା ପରେ ତାଙ୍କ ଶରୀରରେ ପୂର୍ବରୁ ଲାଗିଥିବା ଏକ ମେଟାଲ ପ୍ଲେଟ୍‌କୁ ବାହାର କରିଦିଆଯାଇଛି। ଅସ୍ତ୍ରୋପଚାର ପରେ ମିଥୁନଙ୍କ ଅବସ୍ଥା ଏବେ ସ୍ଥିର ରହିଥିବା ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରମାନେ ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମେଡିକାଲ ଯାଇ ଏହି ଭେଟେରାନ୍ ଅଭିନେତାଙ୍କୁ ଭେଟିବା ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ମଧ୍ୟ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।

## ଅଗଷ୍ଟ ୧୫ ପୂର୍ବରୁ ବିସ୍ଫୋରଣ ଧମକ

ମୁମ୍ବାଇ,୭।୮: ଭାରତର ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖ ପୂର୍ବରୁ ମୁମ୍ବାଇକୁ ବିସ୍ଫୋରଣ କରି ଉଡ଼ାଇ ଦିଆଯିବ ବୋଲି ମୁମ୍ବାଇ ମେୟର ଋତୁ ତାବଡେଙ୍କୁ ଏକ ଧମକପୂର୍ଣ୍ଣ ଇମେଲ ମିଳିଛି। ଏଥିରେ ଖଲିସ୍ତାନୀ ସମର୍ଥକଙ୍କ ନାରାବାଜି ମଧ୍ୟ ଉଲ୍ଲେଖ କରାଯାଇଛି। ଏହି ଧମକ ତାବଡେଙ୍କ ଅଫିସିଆଲ ଇ-ମେଲକୁ ଆସିଥିବା ବେଳେ ଏଥିରେ ମେୟରଙ୍କ ଅଫିସ, ମୁମ୍ବାଇ ମେଟ୍ରୋ, ସ୍କୁଲ ଓ ଷ୍ଟକ୍ ମାର୍କେଟରେ ବିସ୍ଫୋରଣ କରାଯିବ ବୋଲି କୁହାଯାଇଛି। ଏହି ମେଲ୍‌ରେ ଏକାଧିକ ଖଲିସ୍ତାନୀ ସମର୍ଥକଙ୍କ ନାଁ ମଧ୍ୟ ସାମିଲ କରାଯାଇଛି। ତେବେ ଏହି ମେଲ୍ କିଏ ପଠାଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାର ଯାଞ୍ଚ କରୁଛି।

## ଅନିଲ ମେନନଙ୍କ ପ୍ରଥମ ସ୍ପେସ୍‌ୱାକ୍



ନୂଆଦିଲ୍ଲୀ,୭।୮: ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ୍ ଗୁରୁବାର ପ୍ରଥମଥର ପାଇଁ ପ୍ରାୟ ୬ ଘଣ୍ଟା ୩୦ ମିନିଟ୍ ସ୍ପେସ୍‌ୱାକ୍ କରିଛନ୍ତି। ତାଙ୍କ ସହ ନାସାର ଅନ୍ୟତମ ମହାକାଶଯାତ୍ରୀ ଜେସିକା ମିର୍ ମଧ ସ୍ପେଶୱାକରେ ଅଂଶ ଗ୍ରହଣ କରିଥିଲେ। ଉଭୟ ମହାକାଶ କେନ୍ଦ୍ର ବାହାରେ କାମ କରିବେ। ସ୍ପେସ୍ ଷ୍ଟେସନ୍‌ରେ ବିଜୁଳି ବ୍ୟବସ୍ଥାକୁ ମଜଭୁତ କରିବା ଏହି ମିଶନର ଉଦ୍ଦେଶ୍ୟ। ଅନିଲଙ୍କର ଏହା ପ୍ରଥମ ସ୍ପେସ୍‌ୱାକ୍ ହୋଇଥିବା ବେଳେ ଜେସିକା ଏହା ପୂର୍ବରୁ ୫ ଥର ସ୍ପେସ୍‌ୱାକ୍ କରିଛନ୍ତି।

## ବିଦ୍ୟୁତ୍ ଟାରିଫ ଅର୍ଡର ଖୋଲିଲା ଟାଟା ପାୱାର୍‌ର ଗୁମର

- ଓଇଆରସିକୁ ଭୁଆଁ ବୁଲାଇବାକୁ ଉଦ୍ୟମ
- କମିଶନ ଧରିଥିଲେ ଅନିୟମିତତା




ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ ଟାରିଫ ଅର୍ଡର ଟାଟା ପାୱାରର ସବୁ ଗୁମର ଖୋଲି ଦେଇଛି। ଏହି ଟାରିଫ ଅର୍ଡର ଏବେ 'ସଂଚାର'ର ହସ୍ତଗତ ହୋଇଛି। ଏଥିରେ ନିଜର ପରିଚାଳନାଗତ କ୍ଷତି ଦର୍ଶାଇ ସେ ବାବଦୀୟ ଅର୍ଥ ହାତେଇବାକୁ ଟାଟା ପାୱାର କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କ ତାଲିକା ଲୁଚାଇବାକୁ ପଛାଇନାହିଁ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ଙ୍କ ନଜରକୁ ଏହା ଆସିବା ପରେ ଟାଟା ପାୱାରର ଚାଲ୍ ଧରାପଡ଼ିଛି।

୨୦୨୫-୨୬ ଆର୍ଥିକ ବର୍ଷରେ ଟାଟା ପାୱାର ଯେଉଁ ଖର୍ଚ୍ଚର ହିସାବ ଦେଇଥିଲା ସେଥିରେ ନିଜର ପରିଚାଳନା ଖର୍ଚ୍ଚ ଅଧିକ ଥିବା ଦର୍ଶାଇ ବିଦ୍ୟୁତ୍ ଦର ବଢ଼ାଇବାକୁ ଓଇଆରସିଙ୍କ ନିକଟରେ ଆବେଦନ କରିଥିଲା। ଆବେଦନପତ୍ର ତନଖି ସମୟରେ ଆୟୋଗର ତତ୍କାଳୀନ ଅଧକ୍ଷ ପ୍ରଦୀପ କୁମାର ଜେନା ଦେଖିଥିଲେ ଯେ ଟାଟା ପାୱାର କମିଶନଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛି। ଠିକା ଓ ଆଉଟସୋର୍ସିଂ କର୍ମଚାରୀଙ୍କ ତାଲିକା ଦେଇନାହିଁ। ତେବେ କମ୍ପାନୀ ଯେତିକି ତାଲିକା ଧରାଇଥିଲା, ତାହା ବି ଅଧିକ ବୋଲି କମିଶନ ଦର୍ଶାଇଥିଲେ। ତାଗିଦା ପରେ ବିତରଣ କମ୍ପାନୀ ସମସ୍ତ କର୍ମଚାରୀଙ୍କ ତାଲିକା ଦେଇଥିଲା। ତେବେ ଏତେ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି ନେଇ କମିଶନ ଆପତ୍ତି ଉଠାଇଥିଲେ। ପ୍ରତି ହଜାରେ ବିଦ୍ୟୁତ ଗ୍ରାହକଙ୍କ ପାଇଁ ୧.୪ ଜଣ କର୍ମଚାରୀ ନିଯୁକ୍ତି କରିବାକୁ ଥିବା ବେଳେ କମ୍ପାନୀ କିନ୍ତୁ ଢେର ଅଧିକ କର୍ମଚାରୀ ନିଯୁକ୍ତ କରିଛି। ତେବେ ଉପର ପାହ୍ୟାରେ ଥିବା ଅଣଓଡ଼ିଆ କର୍ମଚାରୀମାନେ ମୋଟା ଅଙ୍କର ବେତନ ନେଉଥିବାରୁ କମ୍ପାନୀ ଉପରେ ପରିଚାଳନାଗତ ବୋଝ ବଢ଼ିବାରେ ଲାଗିଛି। ଫଳରେ ତାହାକୁ ନିଜର କ୍ଷତି ବୋଲି ଟାଟା ପାୱାର ଦର୍ଶାଇଛି।

ଜଣାଯାଇଛି ଯେ ଟାଟା ପାୱାରର ପ୍ରାୟତଃ ସବୁ ବଡ଼ ହାକିମମାନେ ହେଉଛନ୍ତି ଅଣଓଡ଼ିଆ। ଏମାନେ ନେଉଥିବା ମୋଟା ଅଙ୍କର ବେତନ ସହ ଅନ୍ୟାନ୍ୟ ଦେୟ ବାବଦରେ ତଳିଆ କର୍ମଚାରୀମାନେ କିଛି ସୂଚନା ପାଆନ୍ତି ନାହିଁ। ଆଉଟିସୋର୍ସିଂ ଓ ଠିକା କର୍ମଚାରୀ ତାଲିକାରେ ପ୍ରାୟତଃ ଓଡ଼ିଆମାନେ ରହିଛନ୍ତି। ଫଳରେ ବଡ଼ ବାବୁମାନଙ୍କ ଦରମାଠାରୁ ଆରମ୍ଭ କରି ଯା'ଆସ, ଖିଆପିଆ ବାବଦରେ ଯେଉଁ ମୋଟା ଅଙ୍କର ଖର୍ଚ୍ଚ ହେଉଛି, ତାହା କମ୍ପାନୀର ପରିଚାଳନାଗତ କ୍ଷତି ବୋଲି କୁହାଯାଉଛି। ସବୁଠାରୁ ବଡ଼ କଥା ହେଲା ଟାଟା ପାୱାରର ଏହି ଅଣଓଡ଼ିଆ ବଡ଼ ବାବୁମାନେ ସହଜରେ ବାହାରକୁ ବାହାରନ୍ତି ନାହିଁ କି ଗ୍ରାହକମାନଙ୍କୁ ସାମ୍ନା କରନ୍ତି ନାହିଁ। ଅତି ଜରୁରୀ ନ ହେଲେ ଓଡ଼ିଶାବାସୀ ଏମାନଙ୍କର ଦେଖାଦର୍ଶନ ପାଆନ୍ତି ନାହିଁ। ଟାଟା ପାୱାର୍‌ର ଗ୍ରାହକସେବା କେନ୍ଦ୍ରକୁ ଏମାନଙ୍କର ଫୋନ୍ ନମ୍ବର କିମ୍ବା ଠିକଣା ମାଗିଲେ ଦିଆଯାଏ ନାହିଁ।

ତେବେ ସବୁଠାରୁ ବଡ଼ କଥା ହେଉଛି ଓଡ଼ିଶାରେ ବେପାର କରିବା ଓ ଓଡ଼ିଶା ସରକାରଙ୍କଠାରୁ କୋଟି କୋଟି ଟଙ୍କା ନେଉଥିବା ଏହି କମ୍ପାନୀର କାହିଁକି ପରିଚାଳନାଗତ କ୍ଷତି ହେଉଛି, ସେ ସଂକ୍ରାନ୍ତରେ ଶକ୍ତି ବିଭାଗ ଥରୁଟିଏ ବି ପଚାରୁନାହିଁ କିମ୍ବା ହିତାଧିକାରୀମାନଙ୍କୁ ଅବଗତ କରୁନାହିଁ। ଓଇଆରସି ଏବେ ମୁରବୀବିହୀନ ହୋଇଥିବାରୁ ଏହି ମଉକାରେ ନିଜର ପରିଚାଳନା କ୍ଷତିକୁ ଆଳ କରି ବିଦ୍ୟୁତ୍ ଦର ବଢ଼ାଇବା ପାଇଁ ଜୋରଦାର ଉଦ୍ୟମ ହେଉଥିବା ଏହି ସୂତ୍ରରୁ ଜଣାପଡ଼ିଛି।

## ପୋଖରୀରେ ବୁଡ଼ି ୪ ବର୍ଷର ଶିଶୁର ମୃତ୍ୟୁ
# ପରିବାରକୁ ଭେଟି ସମବେଦନା ଜଣାଇଲେ ବିଧାୟକ



ମହାକାଳପଡ଼ା,୭।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକର ରାମନଗର ପଞ୍ଚାୟତ ଅନ୍ତର୍ଗତ ବରଜ ବାହାକୁଦ ଗ୍ରାମର ଶଙ୍କର୍ଷଣ ଦେଙ୍କ ୪ ବର୍ଷର ଶିଶୁପୁତ୍ର ସକେତ ଦେ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣାର ସୂଚନା ପାଇ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ।

# କୁମ୍ଭୀର ଟାଣିନେଇଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର



ମହାକାଳପଡ଼ା, ୭।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତର ବରକନ୍ଧା ଗ୍ରାମରେ ଘଟିଥିବା କୁମ୍ଭୀର ଆକ୍ରମଣରେ ନିଖୋଜ ହୋଇଥିବା ବୃଦ୍ଧଙ୍କ ମୃତଦେହ ଶୁକ୍ରବାର ସକାଳେ ନଦୀରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ବରକନ୍ଧା ଗ୍ରାମର ଚକ୍ରଧର ବେହେରା (୭୫) ପୂର୍ବରୁ ଗୋଜାବନ୍ଧ ଗାନ୍ଧୀଜୀ ବିଦ୍ୟାପୀଠରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ ଏବଂ ପ୍ରାୟ ସାତ ବର୍ଷ ପୂର୍ବରୁ ଅବସର ଗ୍ରହଣ କରିଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୪ଟା ସମୟରେ ସେ ଗୁପ୍ତଗିରି ପୋଲ ତଳେ ଭଉଁରି ଜାଲରେ ମାଛ ଧରୁଥିବା ବେଳେ ହଠାତ୍ ଏକ କୁମ୍ଭୀର ତାଙ୍କୁ ଟାଣି ପାଣି ଭିତରକୁ ନେଇଯାଇଥିଲା। ଘଟଣା ସମୟରେ ଉପସ୍ଥିତ ଅନ୍ୟ ମତ୍ସ୍ୟଜୀବୀମାନେ ଏହାକୁ ଦେଖି ଚିତ୍କାର କରିଥିଲେ, ହେଲେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ଘଟଣା ପରେ ଗ୍ରାମବାସୀ, ପରିବାର ସଦସ୍ୟ, ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ତୁରନ୍ତ ଖୋଜାଖୋଜି ଆରମ୍ଭ କରିଥିଲେ। ରାତି ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନଥିବାବେଳେ ଶୁକ୍ରବାର ସକାଳେ ନଦୀରୁ ଚକ୍ରଧର ବେହେରାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣାରେ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

# ବରେଇ ରେଳ ଲାଇନ ପୋଲ ତଳେ ଚୋରା ଡିଜେଲ-ପେଟ୍ରୋଲ ବେପାର, ପ୍ରଶାସନ ଅଜଣା

ପାରାଦ୍ୱୀପ, ୭।୮ (ସଂଚାର ବ୍ୟୁରୋ): ପାରାଦ୍ୱୀପ ଭୂତମୁଣ୍ଡାଇ ଅଞ୍ଚଳରେ ରେଳ ଲାଇନ ନିକଟସ୍ଥ ପୋଲ ତଳେ ଖୋଲା ଖୁଲି ଚୋରା ଡିଜେଲ ଓ ପେଟ୍ରୋଲ ବେପାର ଚାଲିଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିଦିନ ଏଇଠାରେ କିଛି ବ୍ୟକ୍ତି ଜେରିକିନ୍ ଓ ବୋତଲରେ ଚୋରା ଡିଜେଲ ଏବଂ ପେଟ୍ରୋଲ ବିକ୍ରି କରୁଛନ୍ତି। ଅଧିକାଂଶ ଟ୍ରକ୍ ଓ ମାଲ ବୋଝେଇ ଗାଡି ଚାଳକ କମ୍ ଦାମରେ ତେଲ କିଣିବାକୁ ଏଇଠାକୁ ଆସୁଛନ୍ତି। ରେଳ ଲାଇନ ଓ ବିଜୁଳି ପୋଲ ପାଖରେ ଏପରି ଜ୍ୱଳନଶୀଳ ପଦାର୍ଥ ବିକ୍ରି ହେଉଥିବାରୁ ଯେ କୌଣସି ମୁହୂର୍ତ୍ତରେ ବଡ ଅଗ୍ନିକାଣ୍ଡ କିମ୍ବା ବିସ୍ଫୋରଣ ହେବାର ଆଶଙ୍କା ରହିଛି। ଏନେଇ ଅଞ୍ଚଳବାସୀ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତଥାପି ପ୍ରଶାସନ ଓ ପୋଲିସ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଇ ଚୋରା ବେପାର ଯୋଗୁଁ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି।

ସାଧାରଣରେ ଦାବି ହୋଇଛି ଯେ ତୁରନ୍ତ ଜିଲ୍ଲା ପ୍ରଶାସନ, ପୋଲିସ ଓ ରେଳ ବିଭାଗ ମିଳିତ ଭାବେ ଚଢାଉ କରି ଏଇ ଚୋରା ତେଲ ବେପାରକୁ ବନ୍ଦ କରନ୍ତୁ। ନଚେତ ଆଗାମୀ ଦିନରେ ଏକ ବଡ ଅଘଟଣ ଘଟିପାରେ।

# ବ୍ରାଉନସୁଗର ଜବତ



ନବରଙ୍ଗପୁର,ଉମରକୋଟ, ୭।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପାର୍ଥ କଶ୍ୟପ ଜଗଦୀଶ ଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ଏସଡିପିଓ ସୂବେନ୍ଦୁ ଶବରଙ୍କ ନେତୃତ୍ୱରେ ଏସଆଇ କୁଳଭୂଷଣ ନାୟକ, ଅକ୍ଷୟ ମିଶ୍ର, ଏ ଏସ ଆଇ ମଳୟ ମିଶ୍ର, ବି ବି ବଞ୍ଜାରା ଏବଂ ପୋଲିସ ଫୋର୍ସ ଗତକାଲି ସନ୍ଧ୍ୟା୭.୩୦ମିନିଟ ସମୟରେ କୌଣସି ସୂତ୍ରରୁ ଖବର ପାଇ ପୁରୁଣା ମେଡିକାଲ ରାସ୍ତା ତଥା ଭଞ୍ଜ ମଣ୍ଡପ ନିକଟରେ ୪୬ଟି ଛୋଟ ଛୋଟ ପୁଡିଆରେ ପ୍ରାୟ ୩.୯୪ ଗ୍ରାମ ବ୍ରାଉନ ସୁଗର ଜବତ କରିଥିବା ବେଳେ ଦୁଇ ଫେରାର ହୋଇଥିବା ସୂଚନା ଦେଇଛନ୍ତି ଏସଡିପିଓ ସୂବେନ୍ଦୁ ଶବର। ଜବତ ବ୍ରାଉନ ସୁଗରର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଦଶ ହଜାର ଟଙ୍କା ଅନୁମାନ କରାଯାଉଛି।

# କଲେଜ ଛକଠାରୁ ବଡ଼ଗୋଳ ଭାୟା-ବିଶୋକ ରାସ୍ତା ଅବସ୍ଥା ଜରାଜୀର୍ଣ୍ଣ

**ଅଚିନ୍ତାରେ ଗ୍ରାମ୍ୟ ଉନ୍ନୟନ ବିଭାଗ**



ଡେରାବିଶ,୭।୮ (ସଂଚାର ବ୍ୟୁରୋ): ସରକାର ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗ୍ରାମ୍ୟ ରାସ୍ତାଘାଟର ଉନ୍ନତି ହେଲେ ସୁନ୍ଦର ସହ ଗ୍ରାମର ସଂଯୋଗ ଫଳରେ ସାମାଜିକ ଅଭିବୃଦ୍ଧି ଘଟିପାରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି । ମାତ୍ର କେତେକ ବିଭାଗୀୟ ଅଧିକାରୀଙ୍କ ମନମାନି ଯୋଗୁଁ ସରକାରଙ୍କ ଏହି ଯୋଜନା ବାସ୍ତବ ରୂପରେଖ ନେଇପାରୁନାହିଁ। ଏହାର ଜଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅଞ୍ଚଳରେ ବ୍ଲକ ଅନ୍ତର୍ଗତ ଡେରାବିଶ କଲେଜଛକ ଠାରୁ ବଡ଼ଗୋଳ ଭାୟା- ବିଶୋକ ରାସ୍ତା ଦେଖିଲେ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଙ୍କ ଗ୍ରାମାଞ୍ଚଳ ରାସ୍ତାଘାଟ ପ୍ରତି କେତେ ଦରଦ ତାହା ସ୍ପଷ୍ଟ ବୁଝାପଡ଼େ ।

ଏହି ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ପରିଚିତ ଥିବା ବେଳେ ପ୍ରାୟ ୬ଟି ପଞ୍ଚାୟତର ଜନସାଧାରଣ ଦୈନନ୍ଦିନ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରଶାସନ ପକ୍ଷରୁ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଏପରିକି ଟେଣ୍ଡର କରାଯାଇ ଏହି ରାସ୍ତାର ଉନ୍ନତିକରଣ ପାଇଁ, ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଅସାଧୁ ବୁଝାମଣା ଯୋଗୁଁ ତାହା ସରକାରୀ ଅନୁମୋଦିତ ଢଙ୍ଗରେ ହୋଇପାରି ନଥିଲା। ସେ ସମୟରେ ଅଞ୍ଚଳବାସୀ ରାସ୍ତା କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ଣ୍ଣପାତ କରିନଥିଲା । ଫଳସ୍ୱରୂପ ରାସ୍ତା ନିର୍ମାଣ ୨ବର୍ଷ ପୂରିନଥିବା ବେଳେ ବହୁ ସ୍ଥାନରେ ଘାଇ ସୃଷ୍ଟି ହୋଇ ପିଚୁ ଉଠିଯାଇ ରାସ୍ତାଟି ଖାଲ ଖମା ହୋଇପଡ଼ିଛି । ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ପଥଚାରୀ ନାହିଁ ନ ଲଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ବହୁ ସମୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଛି ।

ଆଶ୍ଚର୍ଯ୍ୟର କଥା ନିର୍ମାଣକାରୀ ସଂସ୍ଥା ରାସ୍ତାକୁ ଯାତାୟାତ ଉପଯୋଗୀ ରଖିବା ପାଇଁ ନିୟମ ରହିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇନାହିଁ । କି ଏପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଣାଘାସ ମାଡ଼ିଆସିବା ଯୋଗୁଁ ତାହା ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି । ବ୍ଲକ ଅଧୀନସ୍ଥ ଗୋଳାରାହାଟ, କାଉପଡ଼ା, ପଲେଇ, ଖମୋଳ ଓ ଚଟରାଚକଡ଼ା ପ୍ରଭୃତି ପଞ୍ଚାୟତର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ଏହି ରାସ୍ତାକୁ ତୁରନ୍ତ ଯାତାୟାତ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ରାସ୍ତାକୁ ତୁରନ୍ତ ଯାତାୟାତ ଉପଯୋଗୀ କରାନଗଲେ ଅଞ୍ଚଳବାସୀ ଆନ୍ଦୋଳନାମୂଳ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଅନ୍ତ୍ୟୋଦୟ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

**ଦୁଇ ମହଲା ଘର ଥାଇ ବି ଆବାସ ମଞ୍ଜୁର**

**ବେଆଇନ ଭାବେ 'ସ୍ୱାମୀ ପରିତ୍ୟକ୍ତା' ଦର୍ଶାଯାଇଛି**




ଗରଦପୁର, ୭।୮ (ସଂଚାର ବ୍ୟୁରୋ): ଗରଦପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଗୋତ୍ରବିଲ ଗ୍ରାମରେ ସରକାରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଉଠିଛି। ଦୁଇ ମହଲା ବିଶିଷ୍ଟ ପକ୍କା ଘର ଥିବା ସତ୍ତ୍ୱେ ଏବଂ କୌଣସି ଆଇନଗତ ଛାଡ଼ପତ୍ର ହୋଇନଥିବା ସ୍ଥଳେ, ଜଣେ ମହିଳାଙ୍କୁ "ସ୍ୱାମୀ ପରିତ୍ୟକ୍ତା" ଦର୍ଶାଇ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଘର ମଞ୍ଜୁର କରାଯାଇଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି। ଏ ନେଇ ଗୋତ୍ରବିଲ ଗ୍ରାମର ପ୍ରତାପ ରାଉତ ଗରଦପୁର ବ୍ଲକ ଉନ୍ନୟନ ଅଧିକାରୀ ଙ୍କ ନିକଟରେ ଲିଖିତ ଅଭିଯୋଗ କରି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗକାରୀ ପ୍ରତାପ ରାଉତଙ୍କ କହିବା ଅନୁଯାୟୀ, ତାଙ୍କ ଓ ତାଙ୍କ ପତ୍ନୀ ପିନୁ ରାଉତଙ୍କ ମଧ୍ୟରେ କୌଣସି ଆଇନଗତ ଛାଡ଼ପତ୍ର ହୋଇନାହିଁ। ତଥାପି କେଉଁ ଆଧାରରେ ଓ କେଉଁ ଦସ୍ତାବିଜ ବଳରେ ତାଙ୍କ ପତ୍ନୀଙ୍କୁ "ସ୍ୱାମୀ ପରିତ୍ୟକ୍ତା" ଦର୍ଶାଇ ସରକାରୀ ସୁବିଧା ପ୍ରଦାନ କରାଗଲା, ତାହା ତଦନ୍ତସାପେକ୍ଷ।

ଉକ୍ତ ଆବାସ ଗୃହଟି ମହିଳାଙ୍କ ବାପଘର ଜମିରେ ନିର୍ମାଣ କରାଯାଇଛି, ଯେଉଁଠାରେ ପୂର୍ବରୁ ଗୋଟିଏ ଦୁଇ ମହଲା ବିଶିଷ୍ଟ ପକ୍କା ଘର ରହିଛି। ଆବାସ ଯୋଜନାର ନିୟମାବଳୀକୁ ଜଳାଞ୍ଜଳି ଦେଇ ଏପରି ସମ୍ପନ୍ନ ପରିବାରକୁ କିପରି ଯୋଗ୍ୟ ବିବେଚିତ କରାଗଲା, ସେ ନେଇ ପ୍ରଶ୍ନ ଉଠିଛି।

ପ୍ରକୃତ ହିତାଧିକାରୀ ବଞ୍ଚିତ ଯାହା ଏହି ବେଆଇନ ମଞ୍ଜୁରୀ ଯୋଗୁଁ ପ୍ରତାପ ରାଉତ ଓ ତାଙ୍କ ପରିବାର ପ୍ରକୃତ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ସେ ଦର୍ଶାଇଛନ୍ତି।

# ଥାଳି ନଥିବାରୁ ଓପାସରେ ସ୍କୁଲ ପିଲା

**ସଭାପତିଙ୍କ ଚାଞ୍ଚଲ୍ୟକର ତଥ୍ୟ**

**ଥାଳି କିଣା ବାବଦରେ ଉଠିଛି ୨୦ ହଜାର ଟଙ୍କା**

**କାହାର କେତେ ଥିଲା ଭାଗ, କିଏ ଚଳୁ କରିଥିଲା ଟଙ୍କା ?**



ଆଳି,୭।୮ (ସଂଚାର ବ୍ୟୁରୋ): ଆଳି ବ୍ଲକ ମାନପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ କେଳେଙ୍କାରୀ ଦେଖାଦେଇଛି। ଥାଳି ନଥିବାରୁ ପିଲାମାନେ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ରହୁଛନ୍ତି। ଯାହାକି ଭୋକ ସହି ନପାରି ସବୁ ସତ କଥା କାନ୍ଦି କାନ୍ଦି ଅଭିଭାବକଙ୍କୁ କହିଦେଲେ ଛାତ୍ରଛାତ୍ରୀ। ମାସେରୁ ଉର୍ଦ୍ଧ୍ୱ ହେବ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ଥିଲେ।

ସୂଚନା ମୁତାବକ ସ୍କୁଲରେ ମଧ୍ୟାହ୍ନ ଭୋଜନରେ ଥାଳି କମ୍ ଥିବାରୁ ଥାଳି କିଣିବାକୁ ସ୍କୁଲ କମିଟି ନିଷ୍ପତ୍ତି ନିଆଯାଇଥିଲା। ଟଙ୍କା ଉଠାଯାଇ ପ୍ରଧାନ ଶିକ୍ଷକଙ୍କୁ ୨୦ ହଜାର ଟଙ୍କା ଦିଆ ଗଲା। କିନ୍ତୁ ମାସେ ପରେ ବି ଥାଳି ଆସିଲା ନାହିଁ। ଯାହା ଫଳରେ ପ୍ରତିଦିନ ୧୦ ଜଣରୁ ୧୫ ଜଣ ପିଲା ମାସେରୁ ଉର୍ଦ୍ଧ୍ୱ ଦିନ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ରହିଥିବା କହିଛନ୍ତି ଛାତ୍ରଛାତ୍ରୀ। ସେପଟେ ଏ ସବୁ ଶୁଣି ଅଭିଭାବକ ଖପା ହୋଇ ପ୍ରଧାନ ଶିକ୍ଷକଙ୍କୁ ପଚାରି ଥିଲେ। ଏଠି ପ୍ରଶ୍ନ ଉଠେ ଯଦି ମାସେ ହେବ ଟଙ୍କା ଉଠା ଯାଇଛି କାହିଁକି ନୂତନ ଥାଳି କିଣା ଗଲାନି। କଣ ପିଲାଙ୍କ ଟଙ୍କା ଚଳୁ କରିବାକୁ କରାଯାଇଥିଲା କି ମସୁଧା। ଏବେ ସବୁ ପୋଲ ଖୋଲିଦେଇଛନ୍ତି ଛାତ୍ରଛାତ୍ରୀ। ଯଦି ଥାଳି ବାବଦରେ ଏ ଭଳି ଘଟଣା ତାହାଲେ ମଧ୍ୟାହ୍ନ ଭୋଜନରେ କିପରି ପାରଦର୍ଶିତା ଥିବ ତାହା ଜଳ ଜଳ ଦିଶୁଛି।

ସେ ପଟେ ଅଭିଭାବକ ମାନେ କହିଛନ୍ତି ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ। ଅନ୍ୟ ପଟେ ମାସେ ହେବ ୨୦ ହଜାର ଟଙ୍କା ଥାଳି ପାଇଁ ଟଙ୍କା ଉଠା ଯାଇଥିବା ସ୍କୁଲ କମିଟିର ପୂର୍ବତନ ସଭାପତି ଅଭୟ ସାମଲ କହିଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ପଚାରିଲେ ଟଙ୍କା ରହିଛି କାଲି ଥାଳି କିଣିବି ବୋଲି କହିଛନ୍ତି।

# ଜିଲ୍ଲାସ୍ତରୀୟ ବେଟି ପଢାଓ ବେଟି ବଚାଓ ସମନ୍ୱୟ ବୈଠକ



କେନ୍ଦ୍ରାପଡା, ୭।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ବେଟି ପଢାଅ, ବେଟି ବଞ୍ଚାଅ ଯୋଜନାକୁ ଆଗେଇ ନେବାପାଇଁ ୧୩ ଗୋଟି ବିଭାଗକୁ ନେଇ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ପିଓ କେନ୍ଦ୍ରାପଡା ସବିତାରାଣୀ ସିଂ, ଭାରତୀ ବେହେରାଙ୍କ ସମେତ ସୁଜାତା ବାରିକ, ସୁକାନ୍ତି ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବବିତା ଦଳାଇ, ଦକ୍ଷତା ବିକାଶର କୃଷ୍ଣଚନ୍ଦ୍ର ସାହୁ, ଜିଲ୍ଲା କର୍ମ ନିଯୁକ୍ତି ଅଧିକାରୀ ଇନ୍ଦିରା ମଲ୍ଲିକ, ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇ ପ୍ରମୁଖ ଉପସ୍ଥିତ ରହି ନିଜ ଭିତରେ ସମନ୍ୱୟ ରଖି ବେଟି ପଢାଅ, ବେଟି ବଚାଅର କାର୍ଯ୍ୟକ୍ରମକୁ କିପରି ସୂଚାରୁ ଭାବରେ ଜିଲ୍ଲାରେ ପରିଚାଳନା କରାଯିବ, ଯେଉଁଥିରେ କନ୍ୟା ଶିଶୁର ଶିକ୍ଷା, ସୁରକ୍ଷା, ସଶକ୍ତିକରଣ, ଲିଙ୍ଗଗତ ଭେଦଭାବକୁ କିପରି ଦୂର କରାଯାଇପାରିବ ଏବଂ ପୁଅ ତୁଳନାରେ କିଭଳି ଝିଅର ଜନ୍ମହାର ବୃଦ୍ଧି କରାଯାଇପାରିବ ତା ଉପରେ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ବିଭିନ୍ନ ପଦକ୍ଷେପ ନେବାପାଇଁ ସମସ୍ତ ବିଭାଗ ନିଜ ଭିତରେ ସମନ୍ୱୟ ରଖିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବେଟି ପଢାଅ ବେଟି ବଚାଅ ଯୋଜନା ଜିଲ୍ଲାରେ ସଫଳ ହୋଇପାରିବ ସେଥିପ୍ରତି ସମସ୍ତ ଅଧିକାରୀ ଗୁରୁତର ସହ ଗ୍ରହଣ କରିବାକୁ ଆଲୋଚନା କରାଯାଇଛି ।

# ଗୋରୁଗାଈଙ୍କ ଦଖଲରେ କଟକ-ପାରାଦ୍ୱୀପ ରାସ୍ତା

**ରାତିରେ ବଢୁଛି ଦୁର୍ଘଟଣା ଆଶଙ୍କା**

ପାରାଦ୍ୱୀପ,୭।୮ (ସଂଚାର ବ୍ୟୁରୋ): ଶିଳ୍ପ ନଗରୀ ପାରାଦ୍ୱୀପକୁ ଯୋଡୁଥିବା କଟକ-ପାରାଦ୍ୱୀପ ଜାତୀୟ ରାଜପଥ ଏବେ ବେପରୁଆ ଗୋରୁଙ୍କ କବ୍ଜାରେ। ପ୍ରତିଦିନ ହଜାର ହଜାର ଗାଡି ଚଳାଚଳ କରୁଥିବା ଏଇ ରାସ୍ତାର ପାରାଦ୍ୱୀପ ଗଡ଼ ନିକଟରେ ରାତି ହେଲେ ଗୋରୁ ମାନେ ରାସ୍ତା ଉପରେ ବସି ପଡୁଛନ୍ତି,ଗୋରୁ ରାସ୍ତା ମଝିରେ ଶୋଇଥିବା ବେଳେ ଆଉ କିଛି ଗୋରୁ ରାସ୍ତାରେ ବୁଲୁଛନ୍ତି। ଏପରି ସ୍ଥିତିରେ ପଛରୁ ଆସୁଥିବା ଭାରୀ ଯାନ ଓ ଦୁଇଚକିଆ ଗାଡି ଚାଳକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି।

ସ୍ଥାନୀୟ ଲୋକଙ୍କ ମତରେ, ସନ୍ଧ୍ୟା ୮ଟା ପରେ ଏଇ ସମସ୍ୟା ଅଧିକ ହୋଇଯାଏ। ରାସ୍ତା ଉପରେ ଆଲୋକ ଥିଲେ ମଧ୍ୟ ଗୋରୁ ମାନେ ରାସ୍ତା ଛାଡୁନାହାନ୍ତି। ଗତ କିଛି ମାସ ମଧ୍ୟରେ ଏଇଠାରେ ଅନେକ ଛୋଟ ବଡ ଦୁର୍ଘଟଣା ଘଟି ସାରିଛି। କିନ୍ତୁ ପୌରପାଳିକା ଓ ପ୍ରଶାସନ ପକ୍ଷରୁ ଏନେଇ କୌଣସି ଦୃଢ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

ପାରାଦ୍ୱୀପ ବନ୍ଦର ସହ ସିଧାସଳଖ ଯୋଗାଯୋଗ ଥିବାରୁ ଏଇ ରାସ୍ତା ଦେଇ ପ୍ରତିଦିନ ଶତାଧିକ ମାଲ ବୋଝେଇ ଟ୍ରକ୍ ଯାଆସ କରୁଛି। ତେଣୁ ଏଇ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



# ସରକାରଙ୍କ ବଦଳି ନୀତି କାର୍ଯ୍ୟକାରୀ କେବେ ?

**ବିଭିନ୍ନ ବ୍ଲକରେ ଗାଦି ମାଡ଼ି ବସିଛନ୍ତି କମ୍ପ୍ୟୁଟର ପ୍ରୋଗାମର୍**

କେନ୍ଦ୍ରାପଡ଼ା, ୭।୮ (ସଂଚାର ବ୍ୟୁରୋ): ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କୌଣସି ସରକାରୀ କର୍ମଚାରୀ ୩ ବର୍ଷରୁ ଅଧିକ ଦିନ ରହିପାରିବେ ନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ୦୯ଟି ବ୍ଲକ ସହ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ସରକାରଙ୍କ ଏହି ବଦଳି ନୀତିକୁ ଜଳାଞ୍ଜଳି ଦିଆଯାଇଥିବା ଦେଖିବାକୁ ମିଳିଛି। ଜଣେ ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ଗୋଟିଏ ଗୋଟିଏ ଜାଗାରେ ଗାଦି ମାଡ଼ି ବସି ରହିଛନ୍ତି। ଫଳରେ ସରକାରଙ୍କ ନିର୍ଦ୍ଦେଶନାମାର ଧଜିୟା ଉଡୁଛି।

ସୂଚନାନୁଯାୟୀ ମିଳିଥିବା ତଥ୍ୟ ଅନୁସାରେ ବ୍ଲକ୍‌ରେ ଗାଦି ମଡ଼ା ଅଧିକାରୀଙ୍କ ଚିଠା ଏବେ ସାମ୍ନାକୁ ଆସିଛି। ମିଳିଥିବା ତଥ୍ୟ କହୁଛି ବ୍ଲକ୍ ମାନଙ୍କରେ ଅନେକ କର୍ମଚାରୀ ୩ ବର୍ଷରୁ ଅଧିକ ଦିନ ଧରି ଗୋଟିଏ ଜାଗାରେ ରହି କାର୍ଯ୍ୟ କରୁଛନ୍ତି। ଯାହା ପ୍ରଶାସନିକ ସ୍ୱଚ୍ଛତା ଓ ଦୁର୍ନୀତି ନିବାରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ୍ ର କମ୍ପ୍ୟୁଟର ପ୍ରୋଗ୍ରାମର(ସିପି) ହିମାଂଶୁ ଶେଖର ଦାଶ ୨୦୨୧ ମାର୍ଚ୍ଚ ୩୦ରୁ ୫ ବର୍ଷରୁ ଅଧିକ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର କମ୍ପ୍ୟୁଟର ପ୍ରୋଗାମର(ସିପି) ପ୍ରିୟଦର୍ଶନ ସ୍ୱାଇଁ ୨୦୧୯ ନଭେମ୍ବର ୩୦ରୁ ୭ବର୍ଷରୁ ଅଧିକ, ଗରଦପୁର ବ୍ଲକ୍ ର କମ୍ପ୍ୟୁଟର ପ୍ରୋଗାମର (ସିପି) ଭାଗ୍ୟ ଲକ୍ଷ୍ମୀ ବିଶ୍ୱାଳ ୨୦୨୩ ଜୁନ୍ ୨୬ରୁ ୩ବର୍ଷରୁ ଅଧିକ, କେନ୍ଦ୍ରାପଡ଼ା ବ୍ଲକ୍ ର କମ୍ପ୍ୟୁଟର ପ୍ରୋଗାମର (ସିପି) ତାପସ କୁମାର ପରିଡ଼ା ୨୦୧୮ ଅଗଷ୍ଟ ୨୧ରୁ ୦୮ବର୍ଷରୁ ଅଧିକ, ଡେରାବିଶ ବ୍ଲକ୍ ର କମ୍ପ୍ୟୁଟର ପ୍ରୋଗାମର (ସିପି) ବିକ୍ରମ କୁମାର ନାୟକ ୨୦୨୧ ଡିସେମ୍ବର ୨୪ରୁ ୫ବର୍ଷରୁ ଅଧିକ,ଆଳି ବ୍ଲକ୍ ର କମ୍ପ୍ୟୁଟର ପ୍ରୋଗାମର (ସିପି) ପ୍ରକାଶ ଚନ୍ଦ୍ର ବିଶ୍ୱାଳ ୨୦୨୨ ଅଗଷ୍ଟ ୧୦ରୁ ୪ବର୍ଷରୁ ଅଧିକ, ପଟ୍ଟାମୁଣ୍ଡାଇ ବ୍ଲକ୍ ର କମ୍ପ୍ୟୁଟର ପ୍ରୋଗାମର (ସିପି) ପ୍ରିୟରଞ୍ଜନ ସ୍ୱାଇଁ ୨୦୧୮ ଅଗଷ୍ଟ ୨୧ରୁ ୦୮ବର୍ଷରୁ ଅଧିକ, ରାଜନଗର ବ୍ଲକ୍ ର କମ୍ପ୍ୟୁଟର ପ୍ରୋଗାମର (ସିପି) ଆଶିଷ କୁମାର ସାହୁ ୨୦୧୮ ଅଗଷ୍ଟ ୨୧ରୁ ୦୮ବର୍ଷରୁ ଅଧିକ ସମୟ ଧରି ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଥିବା ବେଳେ ମାର୍ଶାଘାଇ ଓ ରାଜକନିକା ବ୍ଲକରେ ଖାଲି ପଡ଼ିଛି କମ୍ପ୍ୟୁଟର ପ୍ରୋଗାମର ପଦବୀ। ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଥିବା କମ୍ପ୍ୟୁଟର ପ୍ରୋଗାମର ସମ୍ପର୍କରେ ଦୁଇ ଭାଇ, ଉଭୟ ନିର୍ଦ୍ଦିଷ୍ଟ ଗୋଟିଏ ଯାଗାରେ ୦୮ବର୍ଷ ଧରି ରହିଥିବା ବେଳେ ବଦଳି ନିୟମ ଏକପ୍ରକାର ଏମାନଙ୍କ କ୍ଷେତ୍ରରେ ପ୍ରହସନ ପାଲଟିଛି।


Information of Computer Programmer (CP) pertaining to Kendrapara District

| Sl No. | NAME OF THE COMPUTER PROGRAMMER | Present Place of posting | Date of posting at present place | Remarks |
|---|---|---|---|---|
| 1 | Himansu Sekhar Dash | Mahakalpada | 30.03.2021 | |
| 2 | Priyadarsan Swain | ZP,Kendrapara | 30.11.2019 | |
| 3 | Bhagya laxmi Biswal | Garadpur | 26.06.2023 | |
| 4 | Tapas Kumar Parida | Kendrapara | 21.08.2018 | |
| 5 | Bikram Kumar Nayak | Rajkanika | 21.08.2018 | deputed to Derabish from Rajkanika on 24.12.2021 |
| 6 | Prakash Chandra Biswal | Aul | 10.08.2022 | |
| 7 | Priyaranjan Swain | Pattamundai | 21.08.2018 | |
| 8 | Sudhansu Sekhar Das | Derabish | 21.08.2018 | deputed to Khordha District |
| 9 | Asish Kumar Sahoo | Rajnagar | 21.08.2018 | |

କେନ୍ଦ୍ରାପଡ଼ା ଜିଲ୍ଲାର ଏହି ଅଧିକାରୀ ମାନେ ଦୀର୍ଘ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ଶାସନ ଓ ଦୁର୍ନୀତିମୁକ୍ତ ପାଇଁ ଏହି ବଦଳି ନୀତିକୁ କେନ୍ଦ୍ରାପଡ଼ା ଜିଲ୍ଲାରେ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କୁ ନିୟମ ଅନୁସାରେ ଅନ୍ୟତ୍ର ବଦଳି କରିବାକୁ ସାଧାରଣ ମହଲରେ ଦାବି ହେଉଛି।

# ଦୀର୍ଘ ଦିନଧରି ବଳଦେବଜୀଉ ନର୍ସିଂ କଲେଜର ଗେଟ୍‌ରେ ତାଲା

**ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ଚେୟାରମ୍ୟାନ**



କେନ୍ଦ୍ରାପଡ଼ା, ୭।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା କଜଳା ଠାରେ ଥିବା ବଳଦେବଜୀଉ ନର୍ସିଂ କଲେଜରେ ଦେଖିବାକୁ ମିଳିଛି ରୋଚକ ଘଟଣା । ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା ଦାନ ବେବସ୍ଥାକୁ ଠପ କରିଦେଇଛନ୍ତି ଚେୟାରମ୍ୟାନ କଳାକାର ରାଉତ। ପ୍ରବଳ ଉତ୍ତେଜନା ଦେଖିବା ପାଇଁ ମିଥିଲା। ଚାରିଦିନ କଲେଜ ଖୋଲା ରହିଲେ ତାପରଦିନ ଚେୟାରମ୍ୟାନ କଲେଜ ଫାଟରେ ପକାଉଛନ୍ତି ତାଲା। ଆଜି ନର୍ସିଂକଲେଜର ଚେୟାରମ୍ୟାନ ପୁଣି ଫାଟକରେ ତାଲା ପକାଇ ନିରୀହ ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା ଦାନ ବେବସ୍ଥାକୁ ଠପ କରିଦେବାକୁ ଚାହୁଁଛନ୍ତି କି ? ଦୀର୍ଘ ଦିନଧରି ବଳଦେବଜୀଉ ନର୍ସିଙ୍ଗ କଲେଜର ଗେଟରେ ପଡ଼ିରହିଛି ତାଲା। ଏନେଇ ପିଲାମାନେ ପ୍ରିନ୍ସପାଲଙ୍କୁ ଫୋନ କରି ପଚାରିବାରୁ ଜଣା ପଡ଼ିଲା ଚେୟାରମ୍ୟାନ ପକାଇଛନ୍ତି ତାଲା। ଏନେଇ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦେଖିବାକୁ ମିଳିଛି ପ୍ରବଳ ଅସନ୍ତୋଷ ।

ଚେୟାରମ୍ୟାନ ପରିଚାଳନା ବୋର୍ଡକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଏହି ବିବାଦ ଭିତରେ ପିଲାଙ୍କ ପାଠ ପଢା ଉପରେ ପ୍ରଭାବ ପଡୁଥିବାର ଦେଖିବାକୁ ମିଳିଛି। ଆସନ୍ତା ସୋମବାର ଦିନ ଯଦି କଲେଜ ଖୋଲା ନ ରହେ ଗେଟରେ ପଡ଼ିଥିବା ତାଲାକୁ ଜୋର ଜବରଦସ୍ତି ଭାଙ୍ଗି କଲେଜ ଆଗରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କମାନେ ଧାରଣାରେ ବସିବା ସହିତ ତାଙ୍କର ଅଭିଭାବକମାନେ ଜିଲ୍ଲାପାଳଙ୍କ ନିକଟକୁ ଯାଇ ଫେରାଦ ହେବା।

ପରିଚାଳନା କମିଟିର କୌଣସି ନିୟମକୁ ଖାତିରି କରୁ ନାହାନ୍ତି ଚେୟାରମ୍ୟାନ । ସେ କହିଛନ୍ତି କଲେଜ ବନ୍ଦ ହୋଇଯାଉ ମୋର କିଛି ଫରକ୍ ପଡିବନି। ସେ ନିଜକୁ ନିଜେ ଭାବୁଛନ୍ତି କି ଗୁଣ୍ଡା । ସେ ନା ମାନୁଛନ୍ତି ପରିଚାଳନା କମିଟିର କଥା ନା ମାନୁଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କଥା ନା ମାନୁଛନ୍ତି ଜିଲ୍ଲା ପ୍ରଶାସନର କଥା ।

ପରିଚାଳନା କମିଟିର ସଦସ୍ୟ ଏନେଇ ଯେତେ ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଜଣାଇଲେ ମଧ୍ୟ ଜିଲ୍ଲା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି। ମାସେ କାଳ ହେଲା ପିଲା ମାନଙ୍କ ପାଠ ପଢା ବ୍ୟାଘାତ ହୋଇ ସାରିଲାଣି ତଥାପି କିଛି ପଦେକ୍ଷପ ନେଉନାହିଁ ଜିଲ୍ଲା ପ୍ରଶାସନ କି ଜିଲ୍ଲା ଶିକ୍ଷା ଅଧିକାରୀ । କେଉଁ ଅଦୃଶ୍ୟ ବଳରେ ବଳିଆନ ସାଜିଛନ୍ତି ସାଜିଛନ୍ତି କଳାକାର। କଣ କଳାକାରଙ୍କ କଥାରେ ପରିଚାଳିତ ହେଉଛନ୍ତି କି ଜିଲ୍ଲା ଶିକ୍ଷା ଅଧିକାରୀ ନା ରହିଛି ବାହ୍ୟ ଶକ୍ତି ବଳରେ ଶିକ୍ଷା ଅଧିକାରୀ ପାଲଟିଛନ୍ତି ନୀରବଦ୍ରଷ୍ଟା। ଏ ଘଟଣାକୁ ନେଇ ବୁଦ୍ଧିଜିବୀ ମହଲରେ ଘୃଣାର ପାତ୍ର ପାଲଟିଛନ୍ତି ଚେୟାରମ୍ୟାନ, ପରିଚାଳନା କମିଟି। କେବେ ଖୋଲୁଛି କଲେଜରେ ପଡ଼ିଥିବା ତାଲା ତାହା ଦେଖିବାକୁ ବାକି ରହିଲା ।

**ଜମି ଜବରଦଖଲ ଓ ନିର୍ମାଣ ଅଭିଯୋଗ**

# ୧୫ ଦିନ ମଧ୍ୟରେ ଦଖଲ ହଟାଇବାକୁ ନୋଟିସ



ଗରଦପୁର,୭।୮ (ସଂଚାର ବ୍ୟୁରୋ): ଜମି ଜବରଦଖଲ, ବେଆଇନ ନିର୍ମାଣ ଏବଂ ପରିବାରକୁ ଧମକ ଦେବା ଅଭିଯୋଗକୁ ନେଇ ପାଟକୁରା ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ଅନାମ ଚରଣ ଦାଶ ପକ୍ଷରୁ ଆଇନଗତ ନୋଟିସ ଜାରି କରାଯାଇଛି । ନୋଟିସରେ ଅଭିଯୋଗକାରୀ ଅନାମ ଚରଣ ଦାଶ ତାଙ୍କ ଜମିରୁ କଥିତ ଜବରଦଖଲ ହଟାଇବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ପ୍ରତିପକ୍ଷ ପ୍ରଶାନ୍ତ ଦାଶଙ୍କୁ ଦାବି କରିଛନ୍ତି ।

ଆଇନଗତ ନୋଟିସ ଅନୁଯାୟୀ, ମୌଜା ବ୍ରହ୍ମପୁର, ଥାନା ନଂ- ୬୬, ଖାତା ନଂ- ୭୨୦/୨୮୦, ଘରବାରି କିସମ ପ୍ଲଟ ନଂ- ୧୧୦୯ର ମୋଟ ୨୭ ଡିସିମିଲ ଜମି ଉପରେ ଅନାମ ଚରଣ ଦାଶଙ୍କ ବୈଧ ମାଲିକାନା ଓ ଦଖଲ ଥିବା ଦାବି କରାଯାଇଛି। ଉକ୍ତ ଜମିରୁ ପ୍ରାୟ ୨୦ କଡ଼ି ଜମିକୁ ପ୍ରଶାନ୍ତ ଦାଶ ବିନା ବୈଧ ଅଧିକାରରେ ଜବରଦଖଲ କରିଥିବା ଅଭିଯୋଗ ହୋଇଛି ।

ନୋଟିସ ମାଧ୍ୟମରେ ୧୫ ଦିନ ମଧ୍ୟରେ କଥିତ ଜବରଦଖଲ ହଟାଇବା, ନିର୍ମାଣ କାର୍ଯ୍ୟ ବନ୍ଦ କରିବା, ଯଦି କୌଣସି ନିର୍ମାଣ ହୋଇଥାଏ ତାହାକୁ ହଟାଇ ଜମିକୁ ପୂର୍ବାବସ୍ଥାକୁ ଫେରାଇବା ଏବଂ ଅଭିଯୋଗକାରୀଙ୍କୁ ଦଖଲ ପ୍ରଦାନ କରିବାକୁ ଦାବି କରାଯାଇଛି । ଏଥିସହ ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ଧମକ କିମ୍ବା ଭୟଭୀତ କରିବା ବନ୍ଦ କରିବାକୁ ମଧ୍ୟ ନୋଟିସରେ କୁହାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନହେଲେ ସିଭିଲ ଓ ଫୌଜଦାରୀ ଆଇନ ଅନୁଯାୟୀ ମାମଲା, ଜବରଦଖଲ ଉଚ୍ଛେଦ, ସ୍ଥାୟୀ ଓ ଅସ୍ଥାୟୀ ନିଷେଧାଜ୍ଞା, କ୍ଷତିପୂରଣ ଏବଂ ମକଦ୍ଦମା ଖର୍ଚ୍ଚ ଆଦି ପାଇଁ ଆଇନଗତ ପଦକ୍ଷେପ ନିଆଯିବ ବୋଲି ନୋଟିସରେ ଚେତାବନୀ ଦିଆଯାଇଛି ।

## ପୌର ପ୍ରଶାସନର ପୁନର୍ବିଚାର ଉପରେ ଆଲୋଚନାଚକ୍ର

# 'ପୌର ସଂସ୍ଥା ଉତ୍ତରଦାୟୀ ଓ ଭବିଷ୍ୟତମୁଖୀ ହେବା ଉଚିତ'



ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ): ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ପୌର ପ୍ରଶାସନକୁ ଅଧିକ ଦକ୍ଷ, ଉତ୍ତରଦାୟୀ ଓ ଜନକେନ୍ଦ୍ରିକ କରିବା ସହ ପ୍ରମାଣଭିତ୍ତିକ ନୀତି ପ୍ରଣୟନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ପୌର ପ୍ରଶାସନର ପୁନର୍ବିଚାର: କିଛି ପ୍ରତିଫଳନ' ଶୀର୍ଷକ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ନେଦରଲ୍ୟାଣ୍ଡସ୍‌ର ଲେଡେନ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରଳୟ କାନୁନଗୋ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଶ୍ୱର ବିଭିନ୍ନ ଦେଶର ପୌର ପ୍ରଶାସନ ବ୍ୟବସ୍ଥା ଓ ସମସାମୟିକ ଅଭିଜ୍ଞତାକୁ ଉପସ୍ଥାପନ କରି ସେ କହିଥିଲେ ଯେ ନାଗରିକଙ୍କ ଆବଶ୍ୟକତାକୁ କେନ୍ଦ୍ରରେ ରଖି ପୌର ସଂସ୍ଥାଗୁଡ଼ିକ ଅଧିକ ଉତ୍ତରଦାୟୀ ଓ ଭବିଷ୍ୟତମୁଖୀ କରାଯାଇପାରିଲେ ସହରାଞ୍ଚଳରେ ସେବା ପ୍ରଦାନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ନାଗରିକଙ୍କ ଜୀବନ ଧାରଣ ମାନରେ ଉଲ୍ଲେଖନୀୟ ଉନ୍ନତି ଆସିପାରିବ। ଏହି ଅବସରରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଥିଲେ ଯେ ରାଜ୍ୟର ସହରଗୁଡ଼ିକ ଦ୍ରୁତ ବିକାଶ ପଥରେ ଥିବାରୁ ପୌର ପ୍ରଶାସନକୁ କେବଳ ସେବା ପ୍ରଦାନକାରୀ ସଂସ୍ଥା ଭାବେ ନୁହେଁ, ବରଂ ସ୍ଥାୟୀ, ସମାବେଶୀ ଓ ଜନକେନ୍ଦ୍ରିକ ସହର ବିକାଶର ନେତୃତ୍ୱ ନେଉଥିବା ରଣନୀତିଗତ ଅନୁଷ୍ଠାନରେ ପରିଣତ ହେବାକୁ ପଡ଼ିବ। ଆନ୍ତର୍ଜାତିକ ଅଭିଜ୍ଞତା ଓ ସ୍ଥାନୀୟ ଉଦ୍ଭାବନର ସମନ୍ୱୟ ଏହି ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ସେ କହିଥିଲେ।

## ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ପାଳିତ

# ଐତିହ୍ୟ, ନବସୃଜନ ଓ ସ୍ଥାୟୀ ଫ୍ୟାଶନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁରକ୍ଷିତ ରଖିବା, ବୁଣାକାର ସମ୍ପ୍ରଦାୟର ଜୀବିକାକୁ ସୁଦୃଢ଼ କରିବା ସହ ହସ୍ତତନ୍ତ କ୍ଷେତ୍ରରେ ନୂତନତା, ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପୁନର୍ନିର୍ମାଣ ପାଇଁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଛି।

**ସ୍ଥାୟୀ ଫ୍ୟାଶନ ଶୋ' ପାଇଁ ଆମାଜନ, ଗ୍ରାସିମ ସହ ଏମଓୟୁ**

ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇଥିବା ବେଳେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ; କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବରିଷ୍ଠ ବିଭାଗୀୟ ଅଧିକାରୀ, ମାଷ୍ଟର ବୁଣାକାର, ଡିଜାଇନର, ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ, ବୁଣାକାର ସମବାୟ ସମିତିର ପ୍ରତିନିଧି, ଅନୁଷ୍ଠାନ, ଶିଳ୍ପ ଅଂଶୀଦାର, ଉଦ୍ୟୋଗୀ ଏବଂ ହସ୍ତତନ୍ତ ଓ ବୟନ କ୍ଷେତ୍ରର ଅନ୍ୟାନ୍ୟ ସମ୍ମାନିତ ଅତିଥି ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଜଗତସିଂହପୁରରେ କଞ୍ଚାମାଲ ଭଣ୍ଡାର, ସୁବିଧା, ଯାଜପୁରରେ ଟସର ସିଲ୍କ ପାର୍କ ଓ ସୁବିଧା କେନ୍ଦ୍ର; ଅଭିନାନପୁର, କଟକରେ ହସ୍ତତନ୍ତ ଓ କୃତ୍ରିମ ବୁଣିମଣା ପାର୍କ; ଗୁଜରାଟ, ଅହମଦାବାଦ ଓ ସୁରଟରେ ରେଶମ ଓଡ଼ିଶା ଶୋ'ରୁମ୍; ଯାଜପୁର, ସୁବର୍ଣ୍ଣପୁର, ବୌଦ୍ଧ, କୋରାପୁଟ, ରାୟଗଡ଼ା, ଗଞ୍ଜାମ, କଳାହାଣ୍ଡିରେ ପ୍ରମୁଖ ପ୍ରାଥମିକ ବୁଣାକାର ସମବାୟ ସମିତିମାନଙ୍କ ପାଇଁ ୭ଟି କ୍ଷୁଦ୍ର ପୋଷାକ ୟୁନିଟ୍; ଯାଜପୁର, କଳାହାଣ୍ଡି ଓ କଟକର ପ୍ରମୁଖ ପ୍ରାଥମିକ ବୁଣାକାର ସମବାୟ ସମିତିମାନଙ୍କ ପାଇଁ ୩ଟି ବିକ୍ରୟ କେନ୍ଦ୍ର ପାଇଁ ଆଭାସୀରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ଥିଲା ସ୍ଥାୟୀ ଫ୍ୟାଶନ ଉପରେ ଆମାଜନ କାରିଗର, ଗ୍ରାସିମ୍ ଇଣ୍ଡିଆ ଲିମିଟେଡ୍ ଓ ଲୁଇ ଡିଜାଇନର୍ସ ଷ୍ଟୁଡିଓ ସହ ବୁଝାମଣାପତ୍ର ସ୍ୱାକ୍ଷର। ଏହି ସହଯୋଗର ଲକ୍ଷ୍ୟ ପରିବେଶ-ସଚେତନ ଡିଜାଇନ୍, ଦାୟିତ୍ୱପୂର୍ଣ୍ଣ ବୟନଶିଳ୍ପ ଅଭ୍ୟାସ ଓ ସମସାମୟିକ ଫ୍ୟାଶନ ବଜାରରେ ଓଡ଼ିଶାର ହସ୍ତତନ୍ତ ପରମ୍ପରା ପାଇଁ ବ୍ୟାପକ ଦୃଶ୍ୟମାନତାକୁ ପ୍ରୋତ୍ସାହିତ କରିବା। ଏହି ଅବସରରେ ରାଜ୍ୟପାଳ ଓଡ଼ିଶାର ସାଂସ୍କୃତିକ ପରିଚୟ ସଂରକ୍ଷଣରେ ଓଡ଼ିଶାର ବୁଣାକାରମାନଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ହସ୍ତତନ୍ତ କେବଳ ଏକ କପଡ଼ା ନୁହେଁ, ବରଂ ଏହା ଆମ ଐତିହ୍ୟ, ମର୍ଯ୍ୟାଦା, ଦକ୍ଷତା ଏବଂ ସ୍ୱାବଲମ୍ବନର ପ୍ରତୀକ ବୋଲି ସେ କହିଛନ୍ତି।



## ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଗତକାଲି ଝରଣା ବିହାର ଓ ବିଶ୍ୱଭାନନ୍ଦ ନଗରସ୍ଥିତ ଗୋଷ୍ଠୀ ଉନ୍ନୟନ ପରିଷଦ ଓ ଆରାଧ୍ୟ ମହିଳା ସମିତି ପକ୍ଷରୁ ଦୁର୍ଗାମାଧବ ନଗର କମ୍ୟୁନିଟି ହଲ୍‌ରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଓ ଉପନଗରପାଳ ମଞ୍ଜୁଲତା କହଁର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏଥିରେ କେୟାର ହସ୍ପିଟାଲର ବରିଷ୍ଠ ଡାକ୍ତରମାନଙ୍କ ଦ୍ୱାରା ହୃଦ୍‌ରୋଗ, ଭେଷଜ, ଚକ୍ଷୁ ପରୀକ୍ଷା କରାଯିବା ସହ ଫିଜିଓଥେରାପି ଚିକିତ୍ସା ଓ ମାଗଣାରେ ଇସିଜି ଓ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରାଯାଇଥିଲା। ଶିବିରରେ ବ୍ଲଡ୍ ସୁଗାର ସହ ଲିପିଡ ପ୍ରୋଫାଇଲ, କିଡନୀ ଟେଷ୍ଟ, ଭିଟାମିନ-ଡି ଆଦି ପରୀକ୍ଷା କରାଯାଇଥିଲା। ତେଣୁ ଏହି ଶିବିରରେ ଅଧିକ ରୋଗୀ ଯୋଗଦେଇ ପରୀକ୍ଷା କରାଇନେଇଥିଲେ। ଏଥିରେ ସମୁଦାୟ ୪୭୬ ଜଣ ସ୍ୱାସ୍ଥ୍ୟ ପରୀକ୍ଷା, ୧୫୩ ଜଣ ରକ୍ତ ପରୀକ୍ଷା, ୬୭ ଜଣ ଇସିଜି ପରୀକ୍ଷା କରିଥିଲେ। ଏହିପରି ନଭେମ୍ବରରେ ଗ୍ୟାଷ୍ଟ୍ରୋଲୋଜି ଓ କ୍ୟାନ୍ସର ରୋଗୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବା ଏଥିରେ ମାଗଣାରେ ରକ୍ତ ପରୀକ୍ଷା ମଧ୍ୟ କରାଯିବ ବୋଲି ସୂଚନା ଦିଆଯାଇଥିଲା।

## ଓଏଭି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସଫଳତାକୁ ସମ୍ମାନ

**ଆଇକନିକ ଓଏଭିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା**




ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ମେଧାବୀ ଛାତ୍ରଛାତ୍ରୀଙ୍କୁ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ୨୦୨୬ ବାର୍ଷିକ ପରୀକ୍ଷା ଓ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅନ୍ଧାରୁଆସ୍ଥିତ ଆଇକନିକ ଓଏଭିଠାରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକ। ବିଭାଗୀୟ ସଚିବ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସ୍ମିତା ରାଉତ, ଆଇକନିକ ଓଏଭିର ଅଧ୍ୟକ୍ଷ ତନୁଜ କୁମାର ନାୟକ ଉପସ୍ଥିତ ଥିଲେ।

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମକୁ ସ୍ୱୀକୃତି ମିଳିଥାଏ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ମୁଖ୍ୟ ଅତିଥି ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା। ଦୀର୍ଘ ୧୦ ବର୍ଷ ମଧ୍ୟରେ ଓଏଭି ସଫଳତା ପଥରେ ଅଗ୍ରସର ହେଉଛି। ଆଇକନିକ ଓଏଭି ଓଡ଼ିଶାର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିଜ ସ୍ୱପ୍ନ ପୂରଣ କରିବାର ସୁଯୋଗ ଦେଉଛି। ଏଥିସହ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେବା ସହ ଅନ୍ୟମାନଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ କରିବାକୁ ଉପଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସିବିଏସି ଦଶମ ଶ୍ରେଣୀ ପରୀକ୍ଷାରେ ସଫଳ ହୋଇଥିବା ଶ୍ରେଷ୍ଠ ୯ ଜଣ, ଦ୍ୱାଦଶ ପରୀକ୍ଷା ବିଜ୍ଞାନ ଓ ବାଣିଜ୍ୟରେ ସଫଳ ହୋଇଥିବା ଶ୍ରେଷ୍ଠ ୧୫ ଜଣ, ଜେଇଇରେ ସଫଳତା ପାଇଥିବା ଶ୍ରେଷ୍ଠ ୧୩ ଜଣ, ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇଥିବା ୧୫ ଜଣଙ୍କୁ ପୁରସ୍କୃତ କରାଯାଇଛି।

## ମହିଳା ପରିଚାଳିତ ଉଦ୍ୟୋଗ ସୁଦୃଢ଼ ପାଇଁ ସମୀକ୍ଷା ବୈଠକ

# ଏସ୍‌ଏଚ୍‌ଜି ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ ଭିତ୍ତି: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ମିଶନ ଶକ୍ତି ବିଭାଗ ପକ୍ଷରୁ ଆଜି ସ୍ଥାନୀୟ କୃଷି ଶିକ୍ଷା ସଦନ, ଓୟୁଏଟିଠାରେ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ କେବଳ ମହିଳାଙ୍କ ଆର୍ଥିକ ସଶକ୍ତିକରଣର ମାଧ୍ୟମ ନୁହେଁ, ବରଂ ଗ୍ରାମୀଣ ଅର୍ଥନୀତିର ଏକ ସୁଦୃଢ଼ ଭିତ୍ତି। ମହିଳା ପରିଚାଳିତ ଉଦ୍ୟୋଗଗୁଡ଼ିକର ଗୁଣାତ୍ମକ ବିକାଶ, ବଜାର ସଂଯୋଗ, ଦକ୍ଷତା ବିକାଶ ଓ ପ୍ରଯୁକ୍ତିର ବ୍ୟବହାର ମାଧ୍ୟମରେ ସେମାନଙ୍କ ଆୟ ବୃଦ୍ଧି କରି ଆତ୍ମନିର୍ଭର କରାଇବା ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏହି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ଅଂଶୀଦାରଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜୀବିକା କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରାଯିବା ସହ କ୍ଷେତ୍ର ସ୍ତରର ଅଭିଜ୍ଞତା, ସମସ୍ୟା ଓ ସେଗୁଡ଼ିକର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜୀବିକା କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନ, ମହିଳା ପରିଚାଳିତ ଉଦ୍ୟୋଗର ବିକାଶ ଓ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ମିଶନ ଶକ୍ତି ନିର୍ଦ୍ଦେଶିକା ଡା. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ମିଶନ ଶକ୍ତି ବିଭାଗ ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ, ସମସ୍ତ ଜିଲ୍ଲାର ଡିପିସି, ଡିପିଏମ୍, ବିପିସି, ବିପିଏମ୍, ବିପିଏ, ଡିପିଏସିଏ, ବିଏଲ୍‌ସି, ଏସ୍‌ଡିସି ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ରଥଯାତ୍ରା, ବାଲିଯାତ୍ରା, ଓଡ଼ିଶୀ ଓ ଛଉ ନୃତ୍ୟ

ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା, କଟକର ବାଲିଯାତ୍ରା, ଓଡ଼ିଶୀ ନୃତ୍ୟ ଓ ମୟୂରଭଞ୍ଜର ଛଉ ନୃତ୍ୟକୁ କେନ୍ଦ୍ର ସରକାର ଅବିସ୍ମରଣୀୟ ଜାତୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ଦେଇଛନ୍ତି। ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା ପ୍ରକାଶ କରିଛନ୍ତି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନିତ ହେବା ପାଇଁ ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି। କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପାରମ୍ପରିକ ପ୍ରଥା ଓ ଐତିହ୍ୟପୂର୍ଣ୍ଣ ସଂସ୍କୃତି ଆଧାରରେ ଏଥିପାଇଁ ଚୟନ କରିଥାନ୍ତି। ଏ ଯାଏଁ ଓଡ଼ିଶାର ଏହି ଚାରୋଟି ପରମ୍ପରା ଏବଂ ସାଂସ୍କୃତିକ ବିଭବ ଜାତୀୟ ଅବିସ୍ମରଣୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି। ସାଂସଦ ଶ୍ରୀ ରାୟ ଏକ ବିବୃତିରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ତୁରନ୍ତ ସ୍ଥାନୀତ କରିବା ପାଇଁ ରାଜ୍ୟ ସରକାର ଯେଉଁ ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ର ସରକାର ତାହା ଉପରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକ। ଏହାଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ସଂସ୍କୃତି ଦେଶ ବିଦେଶର ଲୋକଙ୍କ ପାଖରେ ପହଞ୍ଚିପାରିବ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଥିବାବେଳେ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଶ୍ରୀ ରାୟ ଦାବି କରିଛନ୍ତି।

## ଦିଲ୍ଲୀରେ 'ଓଡ଼ିଶା ଫୁଡ ପ୍ରୋ' ପ୍ରସଙ୍ଗ ନେଇ ଘେରିଲା ବିଜେଡି

# କେବଳ ବଡ଼ ବଡ଼ ଦାବି, ନିବେଶ ଘର ଶୂନ

ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଦିଲ୍ଲୀରେ ଓଡ଼ିଶା ଫୁଡ ପ୍ରୋ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଶକମାନଙ୍କୁ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ କରିଥିବା ବେଳେ ଗତ ଦୁଇ ବର୍ଷରେ ନିବେଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ଦେଶର ବିଭିନ୍ନ ସହରରେ ଏପରିକି ସିଙ୍ଗାପୁର ଓ ଜାପାନରେ ନିବେଶକ ସମ୍ମିଳନୀ ଆୟୋଜନ କରିଥିଲେ ସୁଦ୍ଧା ବିଶେଷ ସଫଳତା ମିଳିନାହିଁ ବୋଲି ଅଭିଯୋଗ କରିଛି ବିଜେଡି। ବିଭିନ୍ନ ନିବେଶକ ସମ୍ମିଳନୀ ପରେ ସରକାରଙ୍କ ପକ୍ଷରୁ କେବଳ ବଡ଼ ବଡ଼ ଦାବି କରାଯାଉଛି, କିନ୍ତୁ ଏହା କାମରେ ରୂପାନ୍ତରିତ ହେଉନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି।




ଦଳ ପକ୍ଷରୁ ଆଜି ଜାରି ଏକ ପ୍ରେସ୍ ବିବୃତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ଦୁଇ ବର୍ଷରେ ରାଜ୍ୟ ସରକାର ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଦିଲ୍ଲୀ, ମୁମ୍ବାଇ, କୋଲ୍‌କାତା, ହାଇଦ୍ରାବାଦ, ବେଙ୍ଗାଲୁରୁ, ଗୁଜରାଟ ସମେତ ସିଙ୍ଗାପୁର ଓ ଜାପାନରେ ନିବେଶକ ସମ୍ମିଳନୀ ଆୟୋଜନ କରିଛନ୍ତି। ଏହାଛଡ଼ା ଗତ ବର୍ଷ ଜାନୁଆରୀରେ ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା ଆୟୋଜିତ ହୋଇଥିଲା, ଯେଉଁଥିରେ ୧୬.୭୩ ଲକ୍ଷ କୋଟି ନିବେଶ ପାଇଁ ପ୍ରସ୍ତାବ ଆସିଥିଲା ଓ ଏହା ମଧ୍ୟରୁ ୧୨.୮୯ ଲକ୍ଷ କୋଟି ନିବେଶ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ସରକାର ଦାବି କରିଥିଲେ। ହାଇଦ୍ରାବାଦ ନିବେଶକ ସମ୍ମିଳନୀ ପରେ ୬୭ ହଜାର କୋଟି ନିବେଶ ପାଇଁ ପ୍ରସ୍ତାବ ଆସିଥିବା କୁହାଯାଇଥିଲା। ପ୍ରତ୍ୟେକ ନିବେଶକ ସମ୍ମିଳନୀ ପରେ ହଜାର ହଜାର କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ଆସିଥିବା କଥା କୁହାଯାଇଥିଲା। ସରକାର କ୍ଷମତାକୁ ଆସିବାର ଦୁଇ ବର୍ଷ ପୂରି ଯାଇଥିବା ବେଳେ ବାସ୍ତବରେ କେତେ ପରିମାଣର ନିବେଶ ଓଡ଼ିଶାକୁ ଆସିଛି, ତା'ର କୌଣସି ହିସାବ ନାହିଁ। ସରକାରଙ୍କ ବଡ଼ ବଡ଼ ଦାବି ଯେ କେବଳ ବାହାସ୍ଫୋଟ ବୋଲି ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି।

# କମିଶନରେଟ ପୁଲିସର ଦୁଇ ଅଫିସରଙ୍କୁ ରାଷ୍ଟ୍ରପତି ପୁରସ୍କାର

ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ): କାର୍ଯ୍ୟକ୍ଷେତ୍ରରେ ନିଷ୍ଠା ଓ ଉତ୍କୃଷ୍ଟ ସେବା ପାଇଁ କମିଶନରେଟ ପୁଲିସର ଦୁଇଜଣ ଅଧିକାରୀଙ୍କୁ ସମ୍ମାନଜନକ ରାଷ୍ଟ୍ରପତି ପୋଲିସ ପଦକ ପାଇଁ ମନୋନୀତ କରାଯାଇଛି। ଏହି ସଫଳତା ପାଇଁ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ ଉଭୟ ଅଧିକାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଓଏପିଏସ୍ ସପ୍ତମ ବଟାଲିଅନରେ କାର୍ଯ୍ୟରତ ପ୍ରଫୁଲ୍ଲ କୁମାର ସିଂହଙ୍କୁ ତାଙ୍କର 'ବିଶିଷ୍ଟ ସେବା' ପାଇଁ ଏହି ସମ୍ମାନଜନକ ପଦକ ପ୍ରଦାନ କରାଯିବ। ବାରଙ୍ଗ ଥାନାର ଏଏସ୍‌ଆଇ (ଏଏସଆଇ) ନିଗମାନନ୍ଦ ମହାପାତ୍ରଙ୍କୁ ତାଙ୍କର 'ପ୍ରଶଂସନୀୟ ସେବା' ପାଇଁ ରାଷ୍ଟ୍ରପତି ପୁରସ୍କାର ନିମନ୍ତେ ଚୟନ କରାଯାଇଛି।



## କଂଗ୍ରେସର ଅଭିଯୋଗ

# ଅନୁଗୋଳକୁ ଧ୍ୱଂସସ୍ତୂପ ବନେଇସାରିଲାଣି ଜେଏସପିଏଲ୍




ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଜିନ୍ଦଲ ପାୱାର ଏଣ୍ଡ ଷ୍ଟିଲ ଲିମିଟେଡ୍ (ଜେଏସ୍‌ପିଏଲ୍) କିପରି ଅନୁଗୋଳ ଜିଲ୍ଲାକୁ ଧ୍ୱଂସସ୍ତୂପରେ ପରିଣତ କରିସାରିଲାଣି ଓ ଜିଲ୍ଲାର ସାଧାରଣ ଜନତା କିଭଳି କମ୍ପାନୀ ଦ୍ୱାରା ପ୍ରତାରିତ ହେଉଛନ୍ତି, ସେନେଇ ଆଜି କଂଗ୍ରେସ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓପିସିସି ଉପସଭାପତି ସସ୍ମିତା ବେହେରା, ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ, ଓବିସି ସେଲ୍ ଅଧ୍ୟକ୍ଷ ସରୋଜ ପ୍ରଧାନ, ସୁବ୍ରତ ଗଡ଼ନାୟକ ଓ ଓପିସିସି ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଅଭିଯୋଗ କରିଛନ୍ତି।

ଉପସଭାପତି ଶ୍ରୀମତୀ ବେହେରା କହିଛନ୍ତି ଯେ ଜେଏସ୍‌ପିଏଲ୍ ଏହାର ଶିଳ୍ପ ଓ ଖଣି ଦ୍ୱାରା ପ୍ରଭାବିତ ଅନୁଗୋଳ, କେନ୍ଦୁଝର ତଥା ଓଡ଼ିଶାକୁ ଅବହେଳା କରି ନବୀନ ଜିନ୍ଦଲଙ୍କ ହରିୟାଣାସ୍ଥିତ ଓପି ଜିନ୍ଦଲ ଗ୍ଲୋବାଲ ବିଶ୍ୱବିଦ୍ୟାଳୟକୁ ସିଏସ୍‌ଆର୍ ପାଣ୍ଠିରୁ ୫୨୪ କୋଟି ଟଙ୍କା ଦେଇଛନ୍ତି। ନବୀନ ଜିନ୍ଦଲ ଜେଏସ୍‌ଏଲ୍‌ର ମୁଖ୍ୟ ହିସାବରେ ୨୦୨୧ ଫେବ୍ରୁଆରୀ ୨୧ରେ ୩୩୦.୯୭ କୋଟି, ୨୦୨୩ ଜୁଲାଇ ୫ରେ ୮୮.୫୬ କୋଟି, ୨୨୨.୬୯ କୋଟି ଓ ୧୬.୭୦ କୋଟି, ଏହିପରି ସମୁଦାୟ ୬୫୮ କୋଟି ୯୨ ଲକ୍ଷ ଟଙ୍କା ଆପ୍ରୁଭ କରିଛନ୍ତି। ଏହା ମଧ୍ୟରୁ ୫୨୪ କୋଟି ଟଙ୍କା ଦିଆସରିଥିବା ବେଳେ ବଳକା ଅର୍ଥ ଦିଆଯିବ। ଜେଏସ୍‌ପିଏଲ୍‌ର ମୁଖ୍ୟ ହିସାବରେ ଏପଟେ ସିଏସ୍‌ଆର୍ ଟଙ୍କା ଦେଲେ, ଅନ୍ୟ ପଟେ ଓପି ଜିନ୍ଦଲ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ମୁଖ୍ୟ (କୁଳପତି) ହିସାବରେ ଟଙ୍କା ନେଇଛନ୍ତି। ତେଣୁ ଏହାର ସିବିଆଇ ତଦନ୍ତ ହେବା ଦରକାର। ବିଜେପିର ସ୍ଥାନୀୟ କେତେକ ଲୋକ ପ୍ରତିନିଧି, ନିଜ ଅଞ୍ଚଳର ଧୂଳି ଧୂଆଁ ଖାଉଥିବା ପ୍ରଦୂଷଣ ପ୍ରଭାବିତ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନବୀନ ଜିନ୍ଦଲଙ୍କ ଏହି ଆଞ୍ଚଳିକ ସ୍ୱାର୍ଥ ବିରୋଧୀ କାର୍ଯ୍ୟକୁ ସମର୍ଥନ କରୁଛନ୍ତି। ସେହିପରି ଜିନ୍ଦଲ ଶିଳ୍ପ ଓ ଏହାର କୋଇଲା ଖଣିଗୁଡ଼ିକ ଗୁରୁତର ପ୍ରଦୂଷଣ ଯୋଗୁଁ ଛେଣ୍ଡିପଦା-ଅନୁଗୋଳ ଅଞ୍ଚଳର ପାଣି ପବନ ଓ ମାଟି ପଦୂଷିତ ହୋଇଛି। ଏହାଛଡ଼ା କୋଇଲା ବ୍ଲକ ଦୁର୍ନୀତିରେ ବିଜେପି ସାଂସଦ ନବୀନ ଜିନ୍ଦଲଙ୍କ ବିରୋଧରେ ୭୬୮ ପ୍ରମାଣର ଦସ୍ତାବିଜ୍ ଏବଂ ୨୩୪ ଜଣ ତାଲିକାଭୁକ୍ତ ସାକ୍ଷୀ ସହ ୧ ଲକ୍ଷ ପୃଷ୍ଠାର ସିବିଆଇ ଚାର୍ଜସିଟ୍ ରହିଛି। କୋର୍ଟ ଏଥିରେ ହସ୍ତକ୍ଷେପ କରି ୨୦୨୨ ଜୁଲାଇ ୧୭ରେ ଜିନ୍ଦଲଙ୍କୁ ସମନ କରିଥିବା ବେଳେ ପ୍ରଧାନ ବିଚାରପତିଙ୍କ କୋର୍ଟ ଏଥିରେ ରହିତାଦେଶ ଜାରି କରିଛନ୍ତି। ଆହୁରି ଗତ ୩ ବର୍ଷରେ ଜିନ୍ଦଲରେ କେତେ ଲୋକ ନିଯୁକ୍ତି ହରାଇଛନ୍ତି, ତା'ର ତଦନ୍ତ ହେଉ। ୧୯୯୦ରୁ ଜିନ୍ଦଲ ଓଡ଼ିଶାରେ ଖଣି ଓ ଶିଳ୍ପ ବ୍ୟବସାୟ କରି ହଜାର ହଜାର କୋଟି ଟଙ୍କା ଲାଭ ପାଉଥିବା ବେଳେ ଅନୁଗୋଳ ତଥା ଓଡ଼ିଶାରେ ଗୋଟିଏ ବି ମେଡିକାଲ କଲେଜ କିମ୍ବା ଉଚ୍ଚ ଶିକ୍ଷାନୁଷ୍ଠାନ କରିନାହିଁ। ଏହାର ବଡ଼ବିଲ ପେଲେଟ ପ୍ଲାଣ୍ଟର ବର୍ଜ୍ୟବସ୍ତୁ ମୂର୍ଚ୍ଛା ନାଳକୁ ପ୍ରଦୂଷିତ କରିବା ସହ ସୋନା ଓ ବୈତରଣୀ ନଦୀକୁ ପ୍ରଦୂଷିତ କରୁଛି। ଆଗାମୀ ଦିନରେ ଯଦି ଜେଏସ୍‌ପିଏଲ୍ ସମସ୍ୟାର ସମାଧାନ ନ କରେ, ତା'ହେଲେ ବିଶାଳ ପଦଯାତ୍ରା, ଖଣିବନ୍ଦ ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି ଉପସ୍ଥିତ ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

# ବ୍ଲକ ସ୍ତରରେ ପଦଯାତ୍ରା କରିବ କଂଗ୍ରେସ: ଭକ୍ତ



ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଓ ଏକ ମିଶ୍ରଣ ପର୍ବ ବରଗଡ଼ଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ଓପିସିସି ସଭାପତି ଭକ୍ତ ଚରଣ ଦାସ, ସହପ୍ରଭାରୀ ଜେଙ୍ଗୀ କୁସୁମ କୁମାର, ଓପିସିସି ସହ ସଭାପତି ସନ୍ତୋଷ ସିଂ ସାଲୁଜା, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଯୋଗ ଦେଇଥିଲେ। ସଭାରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କୁ ସମ୍ବୋଧନ କରି ଓପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ବରଗଡ଼ରେ ଦଳ କେତେ ସୁଦୃଢ଼ ଓ କେତେ ଦୁର୍ବଳ, ତା' ଆଜିର ସମୀକ୍ଷା ବୈଠକରୁ ସ୍ପଷ୍ଟ ହୋଇଛି। ଆସନ୍ତା ମାସେ ମଧ୍ୟରେ ଜିଲ୍ଲା ପରିଷଦ ଜୋନ୍ ଓ ପଞ୍ଚାୟତ କମିଟି ଗଠନ ପ୍ରକ୍ରିୟା ଶେଷ ହେବ। ବୁଥ ଲେଭଲ୍ ଏଜେଣ୍ଟ-୨ ନିଯୁକ୍ତି କାର୍ଯ୍ୟ ଆସନ୍ତା ସପ୍ତାହେ ମଧ୍ୟରେ ସାରି ପରେ ପ୍ରତି ବୁଥ୍ ପାଇଁ ୧୧ରୁ ୫୧ ସକ୍ରିୟ କାର୍ଯ୍ୟକର୍ତ୍ତା ଓ ସଭ୍ୟଙ୍କୁ ସମ୍ପୃକ୍ତି କରିପାରିଲେ, ୨୦୨୯ରେ ଦଳ ବିଜୟୀ ହୋଇପାରିବ। ପ୍ରତି କମିଟି ନିୟମିତ ଭାବେ ବୈଠକ କରିବାର ଆବଶ୍ୟକତା ରହିଛି। ଯୁବଛାତ୍ର ବର୍ଗକୁ ବୁଥରେ କଂଗ୍ରେସର ସଦସ୍ୟ କରିବାକୁ ହେବ। ଆଦିବାସୀ ବର୍ଗକୁ ଜିଲ୍ଲାର ବିଭିନ୍ନ କମିଟିରେ ସ୍ଥାନ ଦେବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ବିଜେପି ମାନବତାର ଶତ୍ରୁ। ଉଭୟ ବିଜେପି ଓ ବିଜେଡିଠାରୁ ରାଜନୀତି ଦୃଷ୍ଟିକୋଣରୁ ତୃଣମୂଳ ସ୍ତରରେ ମଧ୍ୟ ଦୂରରେ ରହିବାକୁ ହେବ। ଯେଉଁ ସରକାରୀ ବିଭାଗ ସହ ଲୋକଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ରହୁଛି, ସେହି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସହ ଜଡ଼ିତ ହୋଇ ଲୋକଙ୍କ କାମ କରିବାକୁ ପଡ଼ିବ। ପ୍ରତି ବ୍ଲକରେ ପଦଯାତ୍ରା ହେବ ଓ ସେ ନିଜେ ଏଥିରେ ଯୋଗଦେବେ ବୋଲି ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଛନ୍ତି। ବରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ସାଧୁ ନେପାକ, କଂଗ୍ରେସ ନେତା ନିପନ ଦାଶଙ୍କ ସମେତ ବହୁ ବରିଷ୍ଠ ନେତା ଓ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

# ଇସ୍ପାତ ଆମଦାନୀ, ରପ୍ତାନୀଠାରୁ ଅଧିକ

ଭୁବନେଶ୍ୱର,୭।୮: ଭାରତ ଯେତିକି ପରିମାଣର ଫିନିସଡ୍ ଷ୍ଟିଲ୍ (ପ୍ରସ୍ତୁତ ଇସ୍ପାତ) ବିଦେଶକୁ ରପ୍ତାନି କରୁଛି, ତା'ଠାରୁ ଢେର ଅଧିକ ପରିମାଣର ଫିନିସଡ୍ ଇସ୍ପାତ ଆମଦାନୀ କରୁଛନ୍ତି। କୋରିଆ, ଜାପାନ ଓ ଚୀନ୍‌ରୁ ଏହି ଧରଣର ସର୍ବାଧିକ ପରିମାଣ ଇସ୍ପାତ ଆମଦାନୀ କରାଯାଉଛି।



ଆଜି ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଭୂପତିରାଜୁ ଶ୍ରୀନିବାସ ଶର୍ମା। କେନ୍ଦ୍ରମନ୍ତ୍ରୀ ଦେଇଥିବା ସୂଚନାରୁ ଜଣାଯାଇଛି ଯେ ୨୦୨୧-୨୨ ବର୍ଷରେ ଭାରତ ବିଦେଶକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ଫିନିସ୍‌ଡ ଇସ୍ପାତ ରପ୍ତାନୀ କରିଥିବା ବେଳେ ସେହିବର୍ଷ ୪୬ ହଜାର କୋଟି ଟଙ୍କାର ଇସ୍ପାତ ଆମଦାନୀ କରିଥିଲା। ହେଲେ ଏହାପରଠାରୁ ରପ୍ତାନୀ ପରିମାଣ ହ୍ରାସ ପାଇବା ସହ ଆମଦାନୀ ପରିମାଣ ବଢ଼ିବାରେ ଲାଗିଛି। ୨୦୨୪-୨୫ ବର୍ଷରେ ଭାରତ ବିଦେଶକୁ ୪୦,୫୮୫ କୋଟି ଟଙ୍କାର ଫିନିସଡ୍ ଇସ୍ପାତ ରପ୍ତାନୀ କରିଥିବା ବେଳେ ଆମଦାନୀ ହୋଇଥିବା ଇସ୍ପାତର ମୂଲ୍ୟ ଥିଲା ୮୦ ହଜାର କୋଟି ଟଙ୍କାରୁ ଅଧିକ। ୨୦୨୫-୨୫ ବର୍ଷରେ ୪୮ ହଜାର କୋଟି ଟଙ୍କାର ଇସ୍ପାତ ରପ୍ତାନୀ ହୋଇଥିବା ବେଳେ ଆମଦାନୀ ପରିମାଣ ୬୧ ହଜାର କୋଟି ଟଙ୍କାକୁ ଟପିଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଏପ୍ରିଲ-ଜୁନ୍ ସୁଦ୍ଧା ଭାରତ ୧୨,୪୭୫ କୋଟି ଟଙ୍କାର ଇସ୍ପାତ ରପ୍ତାନୀ କରିଥିବା ବେଳେ ୨୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଇସ୍ପାତ ଆମଦାନୀ କରିଛି।

ତେବେ ଗତ ୫ ବର୍ଷ ମଧ୍ୟରେ ଦେଶରେ ଅଶୋଧିତ ଇସ୍ପାତ ବଢ଼ି ବଢ଼ି ଚାଲିଛି। ୨୦୨୧-୨୨ ବର୍ଷରେ ଏହାର ଉତ୍ପାଦନ ପରିମାଣ ୧୨୦ ନିୟୁତ ଟନ୍ ଥିବା ବେଳେ ୨୦୨୪-୨୫ରେ ଏହା ୧୫୦ ନିୟୁତ ଟନ୍‌କୁ ଅତିକ୍ରମ କରିଥିଲା। ୨୦୨୫-୨୬ ବର୍ଷରେ ଅଶୋଧିତ ଉତ୍ପାଦନ ପରିମାଣ ୧୭୦ ନିୟୁତ ଟନ୍‌କୁ ଅତିକ୍ରମ କରିଛି। ଏହିସବୁ ବର୍ଷଗୁଡ଼ିକରେ ଦେଶରେ ଉତ୍ପାଦିତ ହେଉଥିବା ଅଶୋଧିତ ଇସ୍ପାତ ମଧ୍ୟରୁ ଏହାର ବ୍ୟବହାର ୭୫ ପ୍ରତିଶତରୁ ଅଧିକ ରହିଛି।

କେନ୍ଦ୍ରମନ୍ତ୍ରୀ ରଖିଥିବା ଉତ୍ତରରେ ଦର୍ଶାଇଛନ୍ତି ଯେ ଭାରତ ଯେଉଁସବୁ ଦେଶରୁ ଫିନିସଡ୍ ଇସ୍ପାତ ଆମଦାନୀ କରୁଛି, ସେହି ଦେଶ ମଧ୍ୟରେ ରହିଛନ୍ତି କୋରିଆ, ଚୀନ୍, ଜାପାନ, ଭିଏତନାମ, ଋଷ୍, ତାଇୱାନ, ଜର୍ମାନୀ, ଫ୍ରାନ୍ସ, ଥାଇଲାଣ୍ଡ ଓ ନେପାଳ। ତେବେ ଭାରତକୁ ଏହି ଧରଣର ଇସ୍ପାତ ରପ୍ତାନୀ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛନ୍ତି କୋରିଆ, ଚୀନ୍ ଓ ଜାପାନ। ଆମଦାନୀ ଫିନିସଡ୍ ଇସ୍ପାତର ଏହି ତିନି ଦେଶ ପ୍ରାୟ ଅଧା ଯୋଗାଉଛନ୍ତି। ନେପାଳ ଭଳି ଦେଶ ଭାରତକୁ ବର୍ଷକୁ ୬୯ କୋଟି ଟଙ୍କାର ଇସ୍ପାତ ରପ୍ତାନୀ କରୁଛି। ବିଦେଶରୁ ଆମଦାନୀ ହେଉଥିବା ଇସ୍ପାତ ମଧ୍ୟରେ ଲୁହାଛଡ଼, ଲୁହାଖଣ୍ଡ, ଲୁହା ଚଦର, ଲୁହା କେବୁଲ ଓ ଲୁହା ପାଇପ୍ ଆଦି ରହିଛି। ଏହାଛଡ଼ା ରେଳବାଇ ପାଇଁ ଆବଶ୍ୟକ ଲୁହା ସହ ଲୁହା ପ୍ଲେଟ ମଧ୍ୟ ବିଦେଶରୁ ଆମଦାନୀ କରିବାକୁ ପଡୁଛି। ଏ ବାବଦରେ ବାର୍ଷିକ ହଜାର ହଜାର କୋଟି ଟଙ୍କା ଦେଶ ବାହାରକୁ ଯାଉଛି। (ତଥ୍ୟ)

## ୧୦ରେ ଜାତୀୟ କୃମିନାଶନ ଦିବସ

# ଦେଢ଼ କୋଟି ମହିଳା ଓ ଶିଶୁଙ୍କୁ ଦିଆଯିବ କୃମିନାଶକ ଔଷଧ

ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଶିଶୁ ସ୍ୱାସ୍ଥ୍ୟର ଉନ୍ନତି, ରକ୍ତହୀନତା ହ୍ରାସ ଓ ଅନ୍ତନଳୀର କୃମି ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫର ମିଳିତ ସହଯୋଗରେ ଆସନ୍ତା ୧୦ ତାରିଖରେ ରାଜ୍ୟରେ ଜାତୀୟ କୃମିନାଶନ ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ। ଯେଉଁମାନେ ୧୦ରେ ଔଷଧ ଗ୍ରହଣ କରିପାରିବେ ନାହିଁ, ସେମାନଙ୍କ ପାଇଁ ୧୭ରେ ଏକ 'ମପ୍-ଅପ୍' ପର୍ଯ୍ୟାୟ ଆୟୋଜନ କରାଯିବ।

କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୩୦ଟି ଜିଲ୍ଲାରେ ୧ରୁ ୧୯ ବର୍ଷ ବୟସର ୧.୬୧ କୋଟିରୁ ଅଧିକ ଶିଶୁ ଓ କିଶୋରକିଶୋରୀଙ୍କୁ ଏବଂ ୨୦ରୁ ୨୪ ବର୍ଷ ବୟସର ୧୯ ଲକ୍ଷରୁ ଅଧିକ ପ୍ରଜନନକ୍ଷମ ମହିଳାଙ୍କୁ ଆଲବେଣ୍ଡାଜୋଲ୍ ଔଷଧ ଦିଆଯିବ। ଏଥିରେ ୧ରୁ ୫ ବର୍ଷ ବୟସର ୩୨,୯୪,୬୩୦ ଜଣ ଶିଶୁ ଏବଂ ୬ରୁ ୧୯ ବର୍ଷ ବୟସର ୧,୨୮,୮୯,୦୭୧ ଜଣ ଶିଶୁ ଓ କିଶୋରକିଶୋରୀ ସାମିଲ ଅଛନ୍ତି।




ଏଥିସହ ଅଗଷ୍ଟ ମାସ ସାରା ଦ୍ୱିବାର୍ଷିକ ଭିଟାମିନ-ଏ' ସପ୍ଲିମେଣ୍ଟେସନ କାର୍ଯ୍ୟକ୍ରମ ମଧ୍ୟ ଚାଲିବ। ଏହା ଅଧୀନରେ ୯ରୁ ୬୦ ମାସ ବୟସର ପ୍ରାୟ ୩୨ ଲକ୍ଷ ଶିଶୁଙ୍କୁ ଭିଟାମିନ-ଏ' ପ୍ରଦାନ କରାଯିବ। ଏହା ଶିଶୁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଶିଶୁ ମୃତ୍ୟୁ ଓ ସଂକ୍ରମଣ ହ୍ରାସରେ ସହାୟକ ହେବ। ଏହି ଅବସରରେ ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡା. ଆଦିତ୍ୟ ମହାପାତ୍ର କହିଛନ୍ତି ଯେ ଜାତୀୟ କୃମିନାଶନ ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯାହା ଶିଶୁମାନଙ୍କ ମଧ୍ୟରେ କୃମି ସଂକ୍ରମଣକୁ ରୋକି ସେମାନଙ୍କୁ ସୁସ୍ଥ ଭାବେ ବିକଶିତ ହେବାରେ ସହାୟତା କରେ। ନିୟମିତ କୃମିନାଶନ ଶରୀରର ପୋଷକ ତତ୍ତ୍ୱ ଶୋଷଣ କ୍ଷମତାକୁ ବଢ଼ାଇଥାଏ, ଯାହା ଉତ୍ତମ ପୋଷଣ, ଉନ୍ନତ ଶିକ୍ଷଣ କ୍ଷମତା ଓ ରକ୍ତହୀନତା ହ୍ରାସରେ ସହାୟକ ହୁଏ। ଏହା ମହିଳା ଓ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ମଧ୍ୟ ଉପକାରୀ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶନିବାର ୮ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Saturday 8 August 2026, Bhubaneswar



# କେବେ ଖୋଲିବ ମୁକ୍ତ ବାଣିଜ୍ୟ ପଥ?



ପାରସ୍ୟ ଉପସାଗରର ପ୍ରବେଶଦ୍ୱାର ହର୍ମୁଜ ପ୍ରଣାଳୀ ବିଶ୍ୱ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା। ଏହି ସଂକୀର୍ଣ୍ଣ ଜଳପଥ ଦେଇ ପ୍ରତିଦିନ ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ଓ ପ୍ରାକୃତିକ ଗ୍ୟାସ୍ ପରିବହନ ହୁଏ। ଏହାର ବିଘ୍ନ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସମଗ୍ର ବିଶ୍ୱ ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କରେ। ବର୍ତ୍ତମାନ ଇରାନ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଚାଲିଥିବା ଉତ୍ତେଜନା ଏହି ପ୍ରଣାଳୀକୁ କେନ୍ଦ୍ର କରି ବିକଶିତ ହୋଇଛି। ଜାହାଜ ଆକ୍ରମଣ, ପ୍ରତିଶୋଧମୂଳକ ଷ୍ଟ୍ରାଇକ୍ ଓ ନୌବାହିନୀ ଚଳଚଞ୍ଚଳତା କାରଣରୁ ବାଣିଜ୍ୟ ପ୍ରବାହ ବ୍ୟାହତ ହୋଇଛି। ତଥାପି ସାମ୍ପ୍ରତିକ କୂଟନୈତିକ ପ୍ରଗତି ଦେଖାଏ ଯେ ଏହି ସମସ୍ୟା ଶୀଘ୍ର ସମାଧାନ ହୋଇ ମୁକ୍ତ ବାଣିଜ୍ୟର ପଥ ଖୋଲିବାର ସମ୍ଭାବନା ରହିଛି।

ଗତ କିଛି ମାସରେ ଇରାନ ହର୍ମୁଜ୍ ଉପରେ ନିୟନ୍ତ୍ରଣ ବୃଦ୍ଧି କରିବାକୁ ଚେଷ୍ଟା କରିଛି। ଜାହାଜମାନଙ୍କୁ ନିର୍ଦ୍ଦିଷ୍ଟ ରୁଟ୍ ଦେଇ ଯିବାକୁ ବାଧ୍ୟ କରିବା, ସେବା ଶୁଳ୍କ ଆଦାୟ କରିବାର ପ୍ରସ୍ତାବ ଓ ଆକ୍ରମଣ ଘଟଣା ବାଣିଜ୍ୟକୁ ପ୍ରଭାବିତ କରିଛି। ଯୁକ୍ତରାଷ୍ଟ୍ର ମଧ୍ୟ ପ୍ରତିଶୋଧ ନେଇଛି। ଫଳରେ ଜାହାଜ ଚଳାଚଳ ପୂର୍ବର ତୁଳନାରେ ବହୁତ କମିଯାଇଛି। ତେଲ ମୂଲ୍ୟ ବୃଦ୍ଧି ପାଇଛି ଓ ବୀମା ଖର୍ଚ୍ଚ ବଢ଼ିଛି। ଏହା ବିଶ୍ୱ ବଜାରରେ ଅନିଶ୍ଚିତତା ସୃଷ୍ଟି କରିଛି। ଭାରତ ପରି ତେଲ ଆମଦାନୀକାରୀ ଦେଶମାନେ ଏହାର ପ୍ରଭାବ ଅନୁଭବ କରୁଛନ୍ତି।

ତଥାପି ଆଶାର ଆଲୋକ ଦେଖାଯାଉଛି। ଇରାନ ଓ ଓମାନ ମଧ୍ୟରେ ହର୍ମୁଜ ପୁନଃଖୋଲିବା ନେଇ ବୁଝାମଣା ହୋଇଛି ବୋଲି ରିପୋର୍ଟ ଆସୁଛି। ପ୍ରବେଶ ଓ ବାହାରିବା ପାଇଁ ନିର୍ଦ୍ଦିଷ୍ଟ ରୁଟ୍ ନିର୍ଦ୍ଧାରଣ, ଶୁଳ୍କ ନ ନେବା ଓ ସୁରକ୍ଷିତ ପରିବହନ ନିଶ୍ଚିତ କରିବାର ପ୍ରସ୍ତାବ ଆଲୋଚନାରେ ଅଛି। ଏହା ଜୁନ୍ ମାସର ଯୁକ୍ତରାଷ୍ଟ୍ର-ଇରାନ ବୁଝାମଣାର ଧାରାକୁ ପୁନରୁଜ୍ଜୀବିତ କରିପାରେ। ଯଦି ଏହି ଚୁକ୍ତି ଅନୁମୋଦିତ ହୁଏ, ତେବେ ୬୦ ଦିନ ପାଇଁ ବାଣିଜ୍ୟ ପ୍ରବାହ ସ୍ୱାଭାବିକ ହୋଇପାରେ। ଏହା ପରେ ସ୍ଥାୟୀ ବ୍ୟବସ୍ଥା ପାଇଁ ଆଲୋଚନା ଚାଲିବ।

ଆନ୍ତର୍ଜାତୀୟ ଆଇନ ଅନୁସାରେ ହର୍ମୁଜ୍ ଏକ ଆନ୍ତର୍ଜାତୀୟ ପ୍ରଣାଳୀ। ଜାହାଜମାନଙ୍କର ମୁକ୍ତ ଗତିବିଧି ଅଧିକାର ରହିଛି। କୌଣସି ଏକ ଦେଶ ଏକାକୀ ନିୟନ୍ତ୍ରଣ କରି ଶୁଳ୍କ ଆଦାୟ କରିପାରିବ ନାହିଁ। ଓମାନ, ଗଲ୍ଫ ରାଷ୍ଟ୍ର ଓ ଅନ୍ୟ ଦେଶମାନେ ଏହି ନୀତିକୁ ସମର୍ଥନ କରୁଛନ୍ତି। ଯଦି ସମସ୍ତ ପକ୍ଷ ସହଯୋଗ କରନ୍ତି, ତେବେ ଏକ ସାମୂହିକ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥା ଗଢ଼ିଉଠିପାରେ। ମାଲାକ୍କା ପ୍ରଣାଳୀ ପରି ସ୍ୱେଚ୍ଛାସେବୀ ସେବା ଶୁଳ୍କ ମାଧ୍ୟମରେ ପରିବେଶ ଓ ସୁରକ୍ଷା ବ୍ୟବସ୍ଥା ରଖାଯାଇପାରେ, କିନ୍ତୁ ବାଧ୍ୟତାମୂଳକ ଟୋଲ୍ ନୁହେଁ।

ଶୀଘ୍ର ସମାଧାନର ସମ୍ଭାବନା ରହିଛି କାରଣ ସମସ୍ତ ପକ୍ଷର ସ୍ୱାର୍ଥ ଏଥିରେ ଜଡ଼ିତ। ଇରାନ ପାଇଁ ତେଲ ରପ୍ତାନି ଓ ଅର୍ଥନୈତିକ ସୁବିଧା ଆବଶ୍ୟକ। ଯୁକ୍ତରାଷ୍ଟ୍ର ଓ ଗଲ୍ଫ ରାଷ୍ଟ୍ରମାନେ ଶକ୍ତି ସୁରକ୍ଷା ଚାହାନ୍ତି। ଚୀନ୍, ଭାରତ ଓ ୟୁରୋପ ପରି ବଡ଼ ଖରିଦକାରୀମାନେ ସ୍ଥିର ଯୋଗାଣ ଚାହାନ୍ତି। ଯୁଦ୍ଧ ବା ଦୀର୍ଘସ୍ଥାୟୀ ଅବରୋଧ କାହାରି ପାଇଁ ଲାଭଜନକ ନୁହେଁ। କୂଟନୈତିକ ଚ୍ୟାନେଲ୍ ଖୋଲା ରହିଛି। ମଧ୍ୟସ୍ଥତା ଜରିଆରେ ଆଲୋଚନା ଚାଲୁ ଅଛି।

ମୁକ୍ତ ବାଣିଜ୍ୟ ପାଇଁ ପ୍ରଥମ ପଦକ୍ଷେପ ହେଉଛି ସୁରକ୍ଷିତ ପରିବହନ ନିଶ୍ଚିତ କରିବା। ଖଣି ଅପସାରଣ, ସାମୂହିକ ନିରୀକ୍ଷଣ ଓ ଆନ୍ତର୍ଜାତୀୟ ମେରିଟାଇମ୍ ସଂଗଠନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ରାଜନୈତିକ ଇଚ୍ଛାଶକ୍ତି ଥାଏ, ତେବେ କିଛି ସପ୍ତାହ ମଧ୍ୟରେ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରେ। ଏହା ତେଲ ମୂଲ୍ୟ ସ୍ଥିର କରିବ, ମୁଦ୍ରାସ୍ଫୀତି ଚାପ କମାଇବ ଓ ବିକାଶଶୀଳ ଦେଶମାନଙ୍କ ଅର୍ଥନୀତିକୁ ସହାୟତା କରିବ।

ତଥାପି ସାବଧାନତା ଆବଶ୍ୟକ। କୌଣସି ଏକ ପକ୍ଷ ଯଦି ଏକପାଖିଆ ନିୟନ୍ତ୍ରଣ ଚାହେଁ, ତେବେ ଉତ୍ତେଜନା ବଢ଼ିପାରେ। ଆନ୍ତର୍ଜାତୀୟ ସମ୍ପ୍ରଦାୟକୁ ଏକତ୍ର ରହି କଠୋର ମନୋଭାବ ଦେଖାଇବାକୁ ହେବ। ଶାନ୍ତି ଓ ବାଣିଜ୍ୟ ହିଁ ସମସ୍ତଙ୍କ ସ୍ୱାର୍ଥ। ହର୍ମୁଜ ପୁନଃଖୋଲିବା କେବଳ ଏକ ଜଳପଥର ମୁକ୍ତି ନୁହେଁ; ଏହା ବିଶ୍ୱ ଅର୍ଥନୀତିର ସ୍ଥିରତା ଓ ସହଯୋଗର ପ୍ରତୀକ। ଆଶା କରାଯାଏ ଯେ କୂଟନୀତି ବିଜୟୀ ହୋଇ ଶୀଘ୍ର ଏହି ସଂକଟର ଅନ୍ତ ହେବ ଓ ମୁକ୍ତ ବାଣିଜ୍ୟର ପଥ ପୁନର୍ବାର ଖୋଲିଯିବ।

# ‘ସେହି ଚୁନା ଚୁନା ତାରା ଫୁଲ ଆଜି....’ ଆକାଶରେ ନାହାଁନ୍ତି ତାରା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଭାରତର କୋକିଳ କଣ୍ଠୀ ପ୍ରସିଦ୍ଧ ଗାୟିକା ସ୍ୱର୍ଗତଃ ଲତା ମଙ୍ଗେସକରଙ୍କର ଓଡ଼ିଆ ସଙ୍ଗୀତ କ୍ଷେତ୍ରକୁ ଶ୍ରେଷ୍ଠ ଓ ମୂଲ୍ୟବାନ ଗୀତଟି ହେଉଛି ‘ସେହି ଚୁନା ଚୁନା ତାରା ଫୁଲ ଆଜି, ସିଏ ଚୁମି ଚୁମି ଗଲା ହାଏ ଆଜି...’ ଓଡ଼ିଆ ବିଶିଷ୍ଟ ସଙ୍ଗୀତ ସାଧକ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଏହି ଗୀତଟି ଯେତିକି ମାର୍ମିକ ସେତିକି ଅନୁଭବ ସ୍ପର୍ଶୀ। ଏଥିରେ ‘ତାରା’ ଆମ ପାଇଁ କେତେ ଅଯୁତର ମୂଲ୍ୟବାନ ତାହା ତରଙ୍ଗାୟିତ ହେଉଛି। ଯୁଗାବତାର ଭଗବାନ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏକ ଜହ୍ନ ରାତିର ତାରା ମାନଙ୍କୁ ସଂଦର୍ଶନ କରି ଯେଉଁ ଉଦଘୋଷଣ କରିଥିଲେ ତାହା ସବୁ ଲିପିବଦ୍ଧ ହୋଇ ରହିଛି। ପ୍ରତିଟି ଲୋକଙ୍କ ପାଇଁ ଏ ଦୁନିଆରେ ଆକାଶ ଅନନ୍ତ କାଳ ପାଇଁ ଯେତିକି ଲାଭଦାୟକ ଅନେକଙ୍କୁ ରହସ୍ୟମୟ, ଜିଜ୍ଞାସୁ ମାନଙ୍କୁ ସାଧନାର କ୍ଷେତ୍ର ପାଇଁ ମାର୍ଗ ଦେଖାଇଥାଏ। ଓଡ଼ିଶାର ସୀମାନ୍ତ ବାଲେଶ୍ୱର ଭୋଗରାଇ ନଦୀନାଳ ସମୁଦ୍ର ଅଞ୍ଚଳରେ ମୋର ଜନ୍ମ। ଅଶାନ୍ତ ସାଗର ଦେଖିଛି ଏବଂ ଅନନ୍ତ ଆକାଶରେ ବିଛୁରିତ ତାରା ମାନଙ୍କୁ ଦେଖି ଅନେକ ସ୍ୱପ୍ନ ମଧ୍ୟ ମୋ ଭିତରକୁ ଆସିଛନ୍ତି। ମୋର ଭଲ ଭାବରେ ମନେ ଅଛି ଆମ୍ଭ ମାନଙ୍କର ପିଲା ଦିନରେ ଘରେ ଜେଜେ, ଜେଜେମା, ଅଜା ଓ ଆଈ ଏହିମାନେ ହିଁ ପିଲାମାନଙ୍କୁ ଯୋଜନ ଯୋଜନ ଦୂରରେ ଥିବା ସମସ୍ତଙ୍କୁ ଚମକାଉଥିବା ଆକାଶର ତାରା ମାନଙ୍କୁ କେବଳ ଗପ କାହାଣୀରେ ଦେଖାଉନଥିଲେ। ସେହି ଅନନ୍ତ ଆକାଶର ‘ତାରା’ ମାନଙ୍କୁ ନେଇ ଗପ କେଉଁ ମୁନୀ ଋଷିଙ୍କ ଠାରୁ ଆରମ୍ଭ ହୋଇ ଦେବା ଦେବୀଙ୍କ ଠାରେ ସରିଥାଏ ତ କେଉଁଠି ପିଲାମାନଙ୍କର ପ୍ରଜାପତି ଦେଖା ଏବଂ ଆକାଶକୁ ଦେଖି ଜ୍ୟୋର୍ତିବିଜ୍ଞାନଙ୍କ ଠାରୁ ପୁରାଣବିତ୍ କର୍ମକାଣ୍ଡ ଜିଜ୍ଞାସୁ ଅନେକ ଜ୍ଞାନ ପ୍ରାପ୍ତ ହେଉଥିଲେ।

ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଥରେ ଆପଣ ଆପଣଙ୍କ ଛାତ ଉପର ହେଉ ବା ଖୋଲା ସ୍ଥାନରେ ‘ତାରା’ ମାନଙ୍କୁ ଖୋଜନ୍ତୁ। ଦିନେ ପିଲାମାନଙ୍କର ପବ୍ଲିକ ସ୍କୁଲ ବହିରେ ଯେଉଁ ପୋଏମ୍ ସବୁ ରହୁଥିଲା ତାହା ଭିତରେ ସମସ୍ତେ ପ୍ରାୟ ଯେଉଁ ଉଲ୍ଲେଖନୀୟ ଓ ବାଲ୍ୟ ଚପଳାମୀର ଧାଡ଼ିଟି ପଢ଼ିଥାନ୍ତି ତାହା ହେଉଛି - ‘ଟ୍ୱିଙ୍କିଲ, ଟ୍ୱିଙ୍କିଲ ଲିଟିଲି ଷ୍ଟାର, ଆଓ ଆଇ ୱଣ୍ଡର ହ୍ୱାଟ ୟୁ ଆର୍। ଅପ୍ ଆବୋଭ ଦ ୱାର୍ଲଡ଼ ସୋ ହାଏ; ଲାଇକ ଏ ଡାଇମଣ୍ଡ ଇନ୍ ଦ ସ୍କାଏ’, ଏହାର ଭାବାର୍ଥ ହେଉଛି ଆମ ଠାରୁ ଢ଼େର ଦୂରରେ ଯେଉଁଠି କି ଆମ ଆଖି ମଧ୍ୟ ପାଇନଥାଏ ଅନନ୍ତ ଆକାଶରେ ଏ ଦୁନିଆର ସବୁଠୁ ମୂଲ୍ୟବାନ ହୀରା ପରି ଚମକଉ ଥିବା ସେହି ରହସ୍ୟମୟ ଛୋଟ ‘ତାରା’ଟି ସତରେ କ’ଣ? ସତରେ, ସେମାନେ କିପରି ଦିଶନ୍ତି ଆଉ ଇଏ କ’ଣ ସତରେ ସେହି ‘ତାରା’ ଯେଉଁ ମାନଙ୍କୁ ତାହା ପାଠପଢ଼ା ବହିରେ, ଟିଭି ପରଦା ବା ମୋବାଇଲରେ ଦେଖୁଛି। ସମୟ ପହଞ୍ଚିଲାଣି ଜଣେ ପିଲାମାନଙ୍କ ଏହି ‘ତାରା’କୁ ନେଇ ଯେଉଁ ଅନନ୍ତ ରହସ୍ୟ ଉତ୍କଣ୍ଠା, କୌତୁହଳୀକୁ ଆଉ ଦୂରେଇବାର ସୁଯୋଗ ମଧ୍ୟ ମିଳିବନାହିଁ। ଦିନକୁ ଦିନ ସହରର କାୟା ବଢ଼ୁଛି, କଂକ୍ରିଟ କଳେବର ଅଭିବୃଦ୍ଧି ଭିତରେ ସାଧାରଣ ସ୍ୱାସ୍ଥ୍ୟ ପାଇଁ ଧୂଳିଧୂଆଁର ବିଷାକ୍ତ ପ୍ରଦୂଷଣ ରାସାୟନିକ ଉତ୍ପାଦିତ ସାମଗ୍ରୀର ଧୂଆଁ ଏବଂ ଏବେ ଅନେକଙ୍କ ପାଇଁ ବଡ଼ ଆଗ୍ରହ ସାଜିଥିବା ଉଜ୍ଜ୍ୱଳ କାରଣରୁ ଆମେ ଦୀର୍ଘଦିନ ଧରି କାହିଁ କେଉଁ ଜନ୍ମ ଜନ୍ମ ସମୟରୁ ପ୍ରଶସ୍ଥ ଅନନ୍ତ ଆକାଶ ଭିତରେ ‘ତାରା’ ମାନଙ୍କୁ ଦେଖୁଥାଉ ସେମାନେ ଏବେ ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଆମ ରାଜ୍ୟର ଅର୍ଦ୍ଧାଧିକ ଭାଗରେ ଆଉ ଦିଶୁ ନାହାଁନ୍ତି। ଏହାର ବଡ଼ ପରିପାର୍ଶ୍ୱିକ କାରଣ ହେଉଛି ବାୟୁର ପ୍ରଦୂଷଣ ଏପରି ସ୍ତରରେ କ୍ଷୁଦ୍ର ଧୂଳିକଣା ପାଇଁ ଅସହ୍ୟ ହୋଇଗଲାଣି ଯେ ଲୋକଙ୍କ ପାଇଁ ଆକାଶର ରଙ୍ଗ ଅଜଣା ହୋଇଯାଉଛି। ଓଡ଼ିଶାର ଦ୍ୱୈତନଗରୀ ଠାରୁ ପୁରୀ, ପାରାଦ୍ୱୀପଠାରୁ ରାଉରକେଲା, କେନ୍ଦୁଝରଠାରୁ ଜୟପୁର ଅନେକ ସହରରେ ବର୍ଷକ ଭିତରେ ପାଖାପାଖି ନଅ ମାସରୁ ଊର୍ଦ୍ଧ୍ୱ ସମୟ ଏକ୍ୟୁଆଇ ହାରାହାରି ୧୦୧ରୁ ୨୦୦ ଭିତରେ ରହୁଛି।

ବର୍ତ୍ତମାନ ସମୟରେ ଶକ୍ତି ସଞ୍ଚୟ ଓ ଲୋକମାନଙ୍କୁ ସଚେତନଧର୍ମୀ ବାର୍ତ୍ତା ଦେବା ପାଇଁ ମୁଖ୍ୟ ମୁଖ୍ୟ ସ୍ଥାନରେ ବଡ଼ ବଡ଼ ଅତି ଉଜ୍ଜ୍ୱଳଧାରୀ ଏଲଇଡ଼ି ଷ୍ଟ୍ରିଟ ଲାଇଟ ଓ ଅନ୍ୟ ଲାଇଟ ବ୍ୟବହାର ହେଉଛି। ଏହା ପଛର କାରଣ ଅନେକଙ୍କୁ ଏହା ଅଜଣା ଯେ ସେହି ଉଜ୍ଜ୍ୱଳ ବିଛୁରିତ ଆଲୋକର ରାସାୟନିକ ଆସ୍ତରଣ ତାରା ମାନଙ୍କୁ ପ୍ରସ୍ଫୁଟି କରିବାରେ ରାସ୍ତା ରୋଖୁଛି। ସେହିପରି ବିଜ୍ଞାପିତ କରିବା ପାଇଁ ଅନେକ ସ୍ଥାନରେ ଗ୍ଲୋ ସାଇନବୋର୍ଡ଼ ଓ ବିଲ ବୋର୍ଡ଼ରେ ଯେଉଁପରି ଅଧିକ ଉଜ୍ଜ୍ୱଳମୟ ଆଲୋକ ବ୍ୟବହାର ହେଉଛି ଏହା ଅନ୍ୟମଧ୍ୟ ଅନ୍ୟତମ କାରଣ। ଜ୍ୟୋର୍ତିବିଜ୍ଞାନୀ ମହଲର ତଥ୍ୟ ଅନୁଯାୟୀ ଆମ ଓଡ଼ିଶାର ଅନେକ ସ୍ଥାନରେ ବାସ୍ତବରେ ଅନେକ ଲୋକ ଆକାଶରେ ଆଉ ତାରା ଦେଖୁନାହାଁନ୍ତି। କେହି କେହି ଏହା କୁହନ୍ତି ଯେ ସେମାନଙ୍କ ମୁଣ୍ଡ ଉପରକୁ ତାରା କିଛି ସ୍ୱଳ୍ପ ସମୟ ପାଇଁ ଦେଖିବାକୁ ମିଳୁଛି ତା ପରେ ପୁରାପୁରି ଗାୟବ, ଆମ ମାନଙ୍କ ଭିତରୁ ଅନେକ ‘ଧ୍ରୁବ ତାରା’ ନିଶ୍ଚିନ୍ତ ଆକାଶରେ ଦେଖିଥିବେ ଏବଂ ଏତେ ବଡ଼ ଆକାଶରେ ଆମକୁ ପିଲାବେଳୁ ଯେଉଁ ବଡ଼ ଧପ୍ ଧପ୍ କରୁଥିବା ତାରାଟି ‘ବୃହସ୍ପତି’ଙ୍କୁ ହିଁ ଦେଖୁଥିଲୁ। ସବୁ ସମୟରେ ଏହି ଦୁଇ ଉଜ୍ଜ୍ୱଳତମ ‘ତାରା’ ଏବେ କିନ୍ତୁ ବିଳମ୍ବିତ ଭାବରେ କାଁ ଭାଁ ଉଠୁଛନ୍ତି। ଆମ ମାନଙ୍କ ପିଲାଦିନେ ଗ୍ରୀଷ୍ମଋତୁରେ ଆକାଶରେ ‘ସପ୍ତର୍ଷି ମଣ୍ଡଳ’ଙ୍କ ଆର୍ବିଭାବ ଓ ରେଖା ସୂଚନା ଦେଖାଯାଇଥାଏ। ଏହାକୁ ନେଇ ଅନେକ ଆଲୋଚନା ମଧ୍ୟ ହୋଇଥାଏ।

**ପ୍ରତିରତ୍ନିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍‌ଃ ୯୪୩୭୦୫୧୯୫୭**

# ‘ଲିଭ୍- ଇନ୍’ର ରକ୍ଷା କବଚ

**ସୁବାସ ଷଡଙ୍ଗୀ**





ସମୟ ସହିତ ତାଳ ଦେଇ ସମାଜ ବଦଳିବାରେ ଲାଗିଛି। ଏଥି ସହିତ ନାଗରିକମାନଙ୍କର ମାନସିକତାରେ ପରିବର୍ତ୍ତନ ଆସିଛି। ଆଜିକାଲିର ଯୁବକମାନେ ଆଉ ଆମର ସେ ପୁରୁଣାକାଳିଆ ରୀତିରିବାଜକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ସେମାନେ ଏବେ ଶିକ୍ଷିତ। ଭଲ ଆଉ ମନ୍ଦ ବୁଝିବାର ଶକ୍ତି ଓ ସାମର୍ଥ୍ୟ ସେମାନଙ୍କର ଅଛି। ତା’ଛଡା ପାଶ୍ଚାତ୍ୟ ଦୁନଆଁର ରହଣୀ ଚଳଣୀ ସବୁକିଛି ଆମେ ନିମିଷକ ମଧ୍ୟରେ କଂପ୍ୟୁଟର ଦୟାରୁ ଜାଣିପାରୁଛୁ।ଅନେକ କ୍ଷେତ୍ରରେ ଦେଖାଯାଉଛି, ଏନେଇ ପରିବାର ଭିତରେ ମତଭେଦ ଘଟୁଛି। ସାଧାରଣ ଘଟଣାକୁ ନେଇ ଦାଂପତ୍ୟ ଜୀବନରେ ଝଡ ସୃଷ୍ଟି ହେଉଛି।ଯେଉଁ ବିବାହ ମଣିଷକୁ ସୁଖ ଦିଏ ବୋଲି କୁହାଯାଉଥିଲା, ତାହା ଭୁଲବୁଝାମଣା ପାଇଁ ଦୁଃଖର କାରଣ ପାଲଟି ଯାଉଛି। ତେଣୁ ଯୁବତୀମାନଙ୍କ ପାଇଁ ଏକାଠି ରହିବାର ଏକ ନୂଆ ପରିଭାଷା ତିଆର ହୋଇଛି, ଯାହାକୁ କୁହାଯାଉଛି, ‘ଲିଭ-ଇନ’।

ବିବାହର ବୟସ ହୋଇଗଲେ ଘରେ ବାହାଘର ଖୋଜାପଡେ। ଆଗରୁ ପୁଅ ବାଝିଅଙ୍କର ସାଥୀ ଖୋଜିବାର ଦାଇତ୍ୱ ଥିଲା ବାପାମା’ଙ୍କ ଉପରେ। ସେମାନେ ଘର ଦ୍ୱାର ଓ ଶାଳୀନତା ପରିବାର ଦେଖି ବାହାଘର ଠିକ କରୁଥବଲେ। ବୋହୂ ହେଉ ବା ବର ହେଉ, ସମାନ କଥା ପରିବାର ପାଇଁ ବିବାହ ପରେ ଦମ୍ପତିଙ୍କ ଦାଇତ୍ୱ ବଢେ। ଆତ୍ମିୟ ପରିଜନ ନେଇ ଏକ ବୃହତ ପରିବାର ଗଠିତ ହୁଏ। ପରିବାରରେ ଭଲରେ ଚଳିବାକୁ ହେଲେ ଅନେକ କ୍ଷେତ୍ରରେ ଉଭୟେ ପୁଅଝିଅଙ୍କୁ କଂପରମାଇଜ କରିବାକୁ ହୁଏ। ସେମାନଙ୍କ ଭାଷାରେ ଏଥିରେ ସେମାନଙ୍କ ବ୍ୟକ୍ତିତ୍ୱ କିଛିଟା ହ୍ରାସ ପାଏ। ଆଉ ଯେଉଁମାନେ ପରିବାର ଭିତରେ ନିଜକୁ ଆଡଜଷ୍ଟ କରିପାରନ୍ତି ନାହିଁ, ସେମାନେ ଅସୁବିଧାରେ ପଡନ୍ତି। ଏଭଳି ସମସ୍ୟାକୁ କିଛି ଲୋକ କହନ୍ତି, ‘ଜେନରେସନ ଗ୍ୟାପ’। ପରିବାରରେ ଅଶାନ୍ତି ଦେଖାଦିଏ। ଯାହାର ଶେଷ ପରିଣତି ହେଉଛି, ‘ଡିଭୋର୍ସ’ ବା ବିବାହ ବିଛେଦ’। ମନୋମାଳିନ୍ୟ ଥରେ ଦେଖାଦେଲେ, ତାହା ଆଉ କମେ ନାହିଁ, ବରଂ ବଢେ। ଏଥାଇଁ ଆମର ଅହଂଭାବ ଦାୟି। ଆଜିକାଲି ଏଇ ବିବାହ ବିଛେଦର ସଂଖ୍ୟା ବହୁତ ବଢ଼ିଯାଇଛି। ଏହା ପଛର ମୁଖ୍ୟ କାରଣ ହେଉଚି, ପରସ୍ପର ମଧ୍ୟରେ ବୁଝାମଣାର ଅଭାବ।

ଏଭଳି ଏକ ଜଟିଳତାକୁ ସହଜ ଓ ସରଳ କରିବା ପାଇଁ ପାଶ୍ଚାତ୍ୟ ଦୁନିଆ ବାଛି ନେଇଛି, ‘ଲିଭ-ଇନ’ ବ୍ୟବସ୍ଥାକୁ। କୌଣସି ପ୍ରକାରର ଜଟିଳତା ଭିତରେ ନପଶ ଯୁବକଯୁବତୀ, କାଠି ରହିପାରବେ। ସବୁ କିଛି ଥିବ, ହେଲେ ବିବାହର ସାମାଜିକ ବନ୍ଧନ ନଥିବ। ଯଦି କୌଣସି କାରଣରୁ, ସେମାନଙ୍କ ମଧ୍ୟେ। ମତ ପାର୍ଥକ୍ୟ ଦେଖାଦିଏ, ତେବେ ସେମାନେ ପରସ୍ପର ଠାରୁ ଦୂରେଇ ଯାଇ ପାରିବେ। ସେଥି ପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ। ଯିଏ ଯାହା ବାଟରେ ଚାଲିଯିବ, ନୂଆ ସାଥୀ ଖୋଜିପାରିବ।

ତେବେ ଏହାର ଅନ୍ୟ ଏକ ଦିଗ ରହିଛି। ସମ୍ପର୍କ କିପରି ଭାବରେ ସୃଷ୍ଟି ହୁଏ? ପାରସ୍ପରିକ ଆକର୍ଷଣ ଓ ଦାୟବଦ୍ଧତାରୁ ସମ୍ପର୍କ ଗଢି ଉଠେ। ଏଥି ସହିତ ଭଲ ପାଇବା ମିଶିଯାଏ। ବିଶ୍ୱାସ ତ ଥାଏ। ଦୁଇଜଣଙ୍କ ମଧ୍ୟରେ କୌଣସି ପ୍ରକାରର ମତପାର୍ଥକ୍ୟ ବା ହିଂସା ମନୋଭାବ ନଥାଏ।ବୈବାହିକ ଜୀବନରେ ହିଂସା ଓ ସନ୍ଦେହ ହେଉଛି, ସବୁଠାରୁ ବଡ ଶତ୍ରୁ। ସେଥିପାଇଁ କୌଣସି ଝମେଲା ଭିତରେ ନ ପଶି ପାଶ୍ଚାତ୍ୟ ଦେଶର ପୁଅଝିଅମାନେ ଲିଭ-ଇନକୁ ପସନ୍ଦ କରୁଛନ୍ତି।

ଆଉ ଏକ କାରଣ ହେଲା, ନିଜର କ୍ୟାରିୟର ଗଠନ ପାଇଁ, ସେମାନଙ୍କୁ ଆଜି ପ୍ରତିମୁହୂର୍ତ୍ତରେ ପ୍ରତିଯୋଗିତର ସମ୍ମୁଖୀନ ହେବାକୁ ପଡୁଛି। ନିଜକୁ ପ୍ରତିଷ୍ଠା କରୁ କରୁ, ସେମାନଙ୍କ ବିବାହ ବୟସ ଗଡ଼ିଯାଉଛି, ବା ବିବାହ କରି ପିଲା ପାଳିବାକୁ ସେମାନଙ୍କ ପାଖରେ ସମୟ ହେଉ ନାହିଁ। ବିବାହ କଲେ ପିଲା ହେବ। ଯାହା କ୍ୟାରିୟନ ଗଠନର ପ୍ରତିବନ୍ଧକ। ତେଣୁ ସେମାନେ ‘ଲିଭ-ଇନ’କୁ ବାଛି ନେଉଛନ୍ତି। ଏକାଠି ରହିଲେ ମନଖୁସି ହେବ। ସେମାନେ ପରସ୍ପରକୁ ଅତି ନିକଟରୁ ଜାଣିବାକୁ ସୁଯୋଗ ପାଇବେ। ସେମାନଙ୍କ ଉନ୍ମାଦନାକୁ କମ କରିବା ପାଇଁ ‘ଲିଭ-ଇନ’ ଏକମାତ୍ର ଉପାୟ। ଏହା ଭବିଷ୍ୟତରେ ବିବାହର ରୂପ ମଧ୍ୟ ନେଇପାରେ।

କିନ୍ତୁ ଦେଖାଯାଉଛି, ଏହି ଲିଭ ଇନ ମଧ୍ୟରେ ସନ୍ଦେହ ଓ ମତପାର୍ଥକ୍ୟ ଦେଖା ଦେଉଛି। ନିକଟରେ ମାନ୍ୟବର ସୁପ୍ରିମ କୋର୍ଟ ପ୍ରକାଶ କରିଛନ୍ତି ଯେ ‘ଲିଭ-ଇନ’ରେ ରହୁଥିବା ଯୁବକଯୁବତୀମାନେ ବିବାହିତ ମହିଳାଙ୍କ ଭଳି ଗାର୍ହସ୍ଥ୍ୟ ହିଂସା ଆଇନ ୪୯୮ ପରିସର ମଧ୍ୟରେ ଆସିବେ।

ମାନ୍ୟବର ସୁପ୍ରିମ କୋର୍ଟଙ୍କ ଏଭଳି ରାୟ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ବିବାହର ବିକଳ୍ପଭାବରେ ‘ଲିଭ-ଇନ’ ସମ୍ପର୍କରେ ଦୁଇ ଜଣଙ୍କର ଦାଇତ୍ୱ ରହିଛି। ତେଣୁ କେହି କାହାପ୍ରତି ହିଂସା ଆଚରଣ କରିପାରିବେ ନାହିଁ। ‘ଲିଭ-ଇନ’ରେ ରହୁଥିବା ମହିମାନେ ଏଣିକି ବିବାହିତ ମହିଳାଙ୍କ ଭଳି ଆଇନଗତ ସୁରକ୍ଷା ପାଇବେ। ଆଇନ ତିଆରି ହୁଏ ସମାଜକୁ ନିୟନ୍ତ୍ରଣରେ ରଖିବା ପାଇଁ। ଅନ୍ୟାୟର ଶିକାର ହେଉଥିବା ଲୋକକୁ ନ୍ୟାୟ ପ୍ରଦାନ କରିବା ପାଇଁ। ତେବେ ଆଜିକାଲି ଯେପରି ଘରୋଇ ହିଂସା ବଢ଼ିବାରେ ଲାଗିଛି, ତାହା ଲିଭ ଇନ ରେ ରହୁଥିବା ମହିଳାଙ୍କ ପାଇଁ ଅନେକ ସମୟରେ ବିପଦର କାରଣ ପାଲଟିଯାଉଛି।

ୟୁରୋପ ସହ ଉତର ଆମେରିକାରେ ‘ଲିଭ-ଇନ’ ସାମାଜିକ ଭାବରେ ଜନପ୍ରିୟ। ଏଥିରେ ଦୁଇଜଣ ଯୁବକଯୁବତୀ ପରସ୍ପରକୁ ଜାଣିଥିଲେ ‘ଲିଭ-ଇନ’ରେ ରହପାରିବେ। ଏଭଳି ସମ୍ପର୍କ, ପରସ୍ପରକୁ ଜାଣିବାରେ ସହାୟକ ହୋଇଥାଏ। କିଛି ବର୍ଷ ପରେ, ସେମାନେ ଯଦି ଅନୁଭବ କରନ୍ତି, ତେବେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆଉ ଯଦି ଅସୁବିଧା ହୁଏ, ତେବେ ପରସ୍ୱର ଠାରୁ ଦୂରେଇ ଯାଆନ୍ତି।

ଭାରତୀୟ ସମାଜ ‘ଲିଭ-ଇନ’ ସମ୍ପର୍କକୁ ଏତେଟା ଗୁରୁତ୍ୱ ଦେଇ ନାହିଁ। ତେବେ ଶିକ୍ଷିତ ସମାଜ ମଧ୍ୟରେ ଏହା ବହୁଳ ଭାବରେ ପ୍ରଚଳିତ ହେଲାଣି। ତାରି ଭିତରେ ଯଦିବା କେବେ କେମିତି ହିଂସାର ଆଚରଣ ଦେଖାଦିଏ ତେବେ ମହିଳାଙ୍କୁ ଏଇ ଆଇନ ସୁରକ୍ଷା ଦେବ।

ବିବାହ କରି କିଛି ବର୍ଷ ପରେ ଡିଭୋର୍ସ ନେବା ଅପେକ୍ଷା ବରଂ ପରସ୍ପରକୁ ଅଧିକ ଜାଣିବା ପାଇଁ ‘ଲିଭ-ଇନ’ ରେ ରହିବା ଭଲ। କିନ୍ତୁ ଆମ ସମାଜିକ ବ୍ୟବସ୍ଥା ଏପରି ହୋଇ ନାହିଁ ଯେ ଏହାକୁ ସହଜରେ ଗ୍ରହଣ କରିନେବ। ବର୍ତ୍ତମାନ କେବଳ ଶିକ୍ଷିତ ସମାଜରେ ଯାହା ପ୍ରଚଳିତ ଅଛି, ତାହା ନିଶ୍ଚିତ ଭାବେ ସାଧାରଣରେ ପ୍ରଚଳିତ ନହେବ, ଏକଥା କିଏ କହିପାରିବ?

ମୋବାଇଲ୍‌ଃ ୯୪୩୯୬୫୨୩୨୨

# ପୁରୀ ରଥଯାତ୍ରା-୨୦୨୬ଃସମନ୍ୱିତ କାର୍ଯ୍ୟକ୍ରମ ପରିଚାଳନା, ଜନତାଙ୍କ ସୁରକ୍ଷା ଏବଂ ଉତ୍ତମ ନୀତିର ଏକ ବିଶ୍ୱସ୍ତରୀୟ ମାଇଲ୍ ଖୁଣ୍ଟ

**ଡକ୍ଟର ସତ୍ୟଜିତ ନାୟକ**



ପୁରୀର ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ। ଏହା ଆସ୍ଥା, ସଂସ୍କୃତି ଓ ଭକ୍ତିର ଏକ ଜୀବନ୍ତ ପରମ୍ପରା। ଯାହା ପ୍ରତିବର୍ଷ ଭାରତ ଓ ବିଶ୍ୱର କୋଟି କୋଟି ଶ୍ରଦ୍ଧାଳୁଙ୍କୁ ଶ୍ରୀକ୍ଷେତ୍ର ପୁରୀକୁ ଆକର୍ଷିତ କରିଥାଏ। ଏହାସହ ଏହା ବିଶ୍ୱର ସବୁଠାରୁ ବିଶାଳ ଜନସମାଗମ ପରିଚାଳନାର ଏକ ଅନନ୍ୟ ଉଦାହରଣ।

ରଥଯାତ୍ରା ୨୦୨୬ର ସଫଳ ପରିଚାଳନା ପ୍ରମାଣ କରିଛି ଯେ, ଆଧୁନିକ ପୋଲିସିଂ ଯଦି ସେବା, ବୃତ୍ତିଗତ ଦକ୍ଷତା ଓ ନବସୃଜନର ମୂଲ୍ୟବୋଧ ଉପରେ ଆଧାରିତ ହୁଏ, ତେବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜକୁ ମଧ୍ୟ ସୁରକ୍ଷିତ, ଶୃଙ୍ଖଳିତ ଓ ସଫଳ ଆୟୋଜନରେ ପରିଣତ କରିହେବ। ଏହି ମଡେଲ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ବିଶ୍ୱର ବଡ଼ ବଡ଼ ଜନସମାଗମ ପରିଚାଳନା ପାଇଁ ମଧ୍ୟ ଏକ ଆଦର୍ଶ।

ଓଡ଼ିଶା ପୋଲିସ ପାଇଁ ରଥଯାତ୍ରା କେବଳ ଆଇନ ଶୃଙ୍ଖଳା ରକ୍ଷାର ଦାୟିତ୍ୱ ନୁହେଁ, ଏହାର ଲକ୍ଷ୍ୟ ଜନସେବା। ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କ ଲକ୍ଷ୍ୟ ଥିଲା— ପ୍ରତ୍ୟେକ ଭକ୍ତ ସୁରକ୍ଷିତ ଓ ନିର୍ବିଘ୍ନ ଭାବେ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଆନ୍ତୁ। ବୃଦ୍ଧ ଭକ୍ତଙ୍କୁ ସହାୟତା କରିବା, ବାଟବଣା ଶିଶୁଙ୍କୁ ପରିବାରକୁ ଭେଟାଇବା, ଅସୁସ୍ଥ ଲୋକଙ୍କୁ ଚିକିତ୍ସାରେ ସହଯୋଗ କରିବା ଏବଂ ବାହାରୁ ଆସିଥିବା ଯାତ୍ରୀଙ୍କୁ ମାର୍ଗଦର୍ଶନ କରିବା। ଏସବୁ କାର୍ଯ୍ୟ "ସ୍ୱାର୍ଥ ପୂର୍ବରୁ ସେବା" ମନ୍ତ୍ରକୁ ବାସ୍ତବରେ ପରିଣତ କରିଥିଲା। ରଥଯାତ୍ରାର ବ୍ୟାପକତା ଅପରେସନାଲ ଦୃଷ୍ଟିରୁ ଅତ୍ୟନ୍ତ ଜଟିଳ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ, ବିଶାଳ ରଥ, ଐତିହ୍ୟପୂର୍ଣ୍ଣ ବଡ଼ଦାଣ୍ଡ, ସଂକୀର୍ଣ୍ଣ ରାସ୍ତା, ସଂବିଧାନିକ ପଦାଧୂରୀ, ବିଦେଶୀ ଅତିଥି ଓ ବିଶ୍ୱସ୍ତରୀୟ ଗଣମାଧ୍ୟମର ଉପସ୍ଥିତି- ସବୁକିଛି ମିଶି ଏହାକୁ ବିଶ୍ୱର ଅନ୍ୟତମ କଠିନ ଜନସମାଗମ ପରିଚାଳନାରେ ପରିଣତ କରିଥାଏ।

ଏହି ବିଶାଳ ଆୟୋଜନର ପ୍ରସ୍ତୁତି ରଥଯାତ୍ରାର ବହୁ ମାସ ପୂର୍ବରୁ ଆରମ୍ଭ ହୋଇଥିଲା। ଓଡ଼ିଶା ସରକାର ଓ ଓଡ଼ିଶା ପୋଲିସର ବରିଷ୍ଠ ନେତୃତ୍ୱଙ୍କ ମାର୍ଗଦର୍ଶନରେ ସୁରକ୍ଷା, ରୁଟ୍ ଇନ୍ସପେକ୍ସନ୍, ଭିଡ଼ ନିୟନ୍ତ୍ରଣ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ସମ୍ଭାବ୍ୟ ପରିସ୍ଥିତି ପାଇଁ ପୂର୍ବ ପ୍ରସ୍ତୁତି ଓ ବିକଳ୍ପ ଯୋଜନା ପ୍ରସ୍ତୁତ ରହିଥିଲା।



ରଥଯାତ୍ରାର ଏକ ପ୍ରମୁଖ ସଫଳତା ଥିଲା ସମନ୍ୱିତ କମାଣ୍ଡ ଏବଂ କଣ୍ଟ୍ରୋଲ ସିଷ୍ଟମ୍। ଓଡ଼ିଶା ପୋଲିସ, ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଶ୍ରୀମନ୍ଦିର ପ୍ରଶାସନ, ପୌର ସଂସ୍ଥା ଓ ଅନ୍ୟାନ୍ୟ ବିଭାଗ ଏକ ହୋଇ କାମ କରିଥିଲେ। ଏହି ସମନ୍ୱିତ ବ୍ୟବସ୍ଥା ତ୍ୱରିତ ନିଷ୍ପତ୍ତି ଓ ଫଳପ୍ରଦ କାର୍ଯ୍ୟାନୁଷ୍ଠାନକୁ ସମ୍ଭବ କରିଥିଲା। Technology ଏହି ସମଗ୍ର ପରିଚାଳନାରେ ଏକ ଶକ୍ତିଶାଳୀ ସହଯୋଗୀ ଭାବେ କାମ କରିଥିଲା। ଏଆଇ ଆଧାରିତ ସିସିଟିଭି, ଡ୍ରୋନ୍ ସର୍ଭେଲାନ୍ସ ଜିପିଏସ୍ ଆଧାରିତ ଗତିବିଧି ନିରୀକ୍ଷଣ, ସୁରକ୍ଷିତ ଡିଜିଟାଲ ଯୋଗାଯୋଗ, ଇଲେକ୍ଟ୍ରୋନିକ୍ ଆକ୍ସେସ୍ କଣ୍ଟ୍ରୋଲ ଓ ସାଇବର ମନିଟରିଂ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଥିଲା। ସୋସିଆଲ ମିଡିଆ ମାଧ୍ୟମରେ ସଠିକ୍ ସୂଚନା ପ୍ରସାର ସହିତ ଗୁଜବ ଓ ଭ୍ରାନ୍ତ ସୂଚନାକୁ ମଧ୍ୟ ପ୍ରଭାବଶାଳୀ ଭାବେ ନିୟନ୍ତ୍ରଣ କରାଯାଇଥିଲା।

ବୈଜ୍ଞାନିକ ଭିତ୍ତିରେ ଭିଡ଼ ପରିଚାଳନା ଏହି ଆୟୋଜନର ଅନ୍ୟତମ ପ୍ରମୁଖ ସଫଳତା ଥିଲା। ସେକ୍ଟର ଭିତ୍ତିକ ପୋଲିସିଂ, ନିରନ୍ତର ଭିଡ଼ ନିରୀକ୍ଷଣ, ପଦଯାତ୍ରୀଙ୍କ ନିୟନ୍ତ୍ରିତ ଚଳାଚଳ, ଜରୁରୀକାଳୀନ ଉଦ୍ଧାର ପଥ ଓ ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର ରାସ୍ତା ଭଳି ବ୍ୟବସ୍ଥା ଦ୍ୱାରା ସମ୍ଭାବ୍ୟ ବିପଦକୁ ପୂର୍ବରୁ ରୋକାଯାଇଥିଲା। ବୃଦ୍ଧ, ମହିଳା, ଶିଶୁ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

ସୁରକ୍ଷା ବ୍ୟବସ୍ଥାକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇଥିଲା। ବାହ୍ୟ ସ୍ତରରେ ଜାତୀୟ ରାଜପଥ ନିରୀକ୍ଷଣ, ଯାନବାହନ ଯାଞ୍ଚ ଓ ପାର୍କିଂ ନିୟନ୍ତ୍ରଣ। ମଧ୍ୟ ସ୍ତରରେ ସହର ପ୍ରବେଶ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ଗୁଇନ୍ଦା ସୂଚନା ସଂଗ୍ରହ। ଅନ୍ତିମ ସ୍ତରରେ ଶ୍ରୀମନ୍ଦିର, ରଥ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଥିଲା। ବମ୍ ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କା,ଡ୍, କ୍ଲିକ୍ ରେସପନ୍ସ ଟିମ୍ ଓ ଗୁଇନ୍ଦା ସଂସ୍ଥା ସର୍ବଦା ସଜାଗ ରହିଥିଲେ।

ବିପର୍ଯ୍ୟୟ ପରିଚାଳନାକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇଥିଲା। ଦଳାଚକଟା, ଅଗ୍ନିକାଣ୍ଡ, ଦୁର୍ଘଟଣା, ଜରୁରୀକାଳୀନ ସ୍ଥିତି, ବାତ୍ୟା ଓ ସମୁଦ୍ର ଜନିତ ବିପଦ ସମେତ ସମସ୍ତ ସମ୍ଭାବ୍ୟ ପରିସ୍ଥିତି ପାଇଁ ପୂର୍ବ ପ୍ରସ୍ତୁତି ଓ ମକ୍ ଡ୍ରିଲ୍ କରାଯାଇଥିଲା।

ରଥଯାତ୍ରାର ସଫଳତାରେ ସମାଜର ସକ୍ରିୟ ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେବାୟତ, ସ୍ୱେଚ୍ଛାସେବୀ, ସ୍କାଉଟ୍ ଓ ଗାଇଡ୍, ଏନସିସି, ଏନଏସଏସ ବିଭିନ୍ନ ସାମାଜିକ ସଂଗଠନ ଓ ସ୍ଥାନୀୟ ନାଗରିକମାନେ ପୋଲିସ ସହ କାନ୍ଧକୁ କାନ୍ଧ ମିଳାଇ କାମ କରିଥିଲେ। ଏହି ସହଭାଗିତା ପ୍ରମାଣ କରିଛି ଯେ ଜନସୁରକ୍ଷା କେବଳ ସରକାରଙ୍କର ନୁହେଁ, ସମଗ୍ର ସମାଜର ସାମୂହିକ ଦାୟିତ୍ୱ।

ସଠିକ୍ ଓ ସମୟୋପଯୋଗୀ ସୂଚନା ପ୍ରଦାନ ମଧ୍ୟ ରଥଯାତ୍ରା ପରିଚାଳନାର ଏକ ବଡ଼ ଶକ୍ତି ଥିଲା। ଲାଉଡ୍ ସ୍ପିକର, ବହୁଭାଷୀ ଘୋଷଣା, ସୋସିଆଲ ମିଡିଆ, ଟ୍ରାଫିକ୍ ବୁଲେଟିନ୍, ଡିଜିଟାଲ ଡିସ୍‌ପ୍ଲେ ଓ ନିୟମିତ ପ୍ରେସ୍ ବ୍ରିଫିଂ ମାଧ୍ୟମରେ ଭକ୍ତମାନଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚାଯାଇଥିଲା। ଏହି ସମସ୍ତ ପ୍ରଯୁକ୍ତି, ଯୋଜନା ଓ ବ୍ୟାପକ ସୁରକ୍ଷା ବ୍ୟବସ୍ଥାର ସଫଳତାର ମୂଳରେ ଥିଲା ମାନବିକତା। ଜଣେ ପୋଲିସ କନଷ୍ଟେବଲଙ୍କ ଦ୍ୱାରା ବୃଦ୍ଧ ଭକ୍ତଙ୍କୁ ସହାୟତା କରିବା, ବାଟବଣା ଶିଶୁଙ୍କୁ ପରିବାର ସହ ମିଶାଇବା, ଶୋଷିଲା ଯାତ୍ରୀଙ୍କୁ ପାଣି ପିଆଇବା କିମ୍ବା ବିଦେଶୀ ଭକ୍ତଙ୍କୁ ସହଜରେ ମାର୍ଗଦର୍ଶନ କରିବା— ଏହି ଛୋଟ ଛୋଟ ସେବା ହିଁ ପୋଲିସର ମାନବିକତାକୁ ସମାଜରେ ଉପସ୍ଥାପନ କରିଥିଲା। ରଥଯାତ୍ରା ୨୦୨୬ ବିଶ୍ୱକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି-ସଫଳ ଜନସମାଗମ ପରିଚାଳନାର ଚାବିକାଠି ହେଉଛି ଦୂରଦୃଷ୍ଟିସମ୍ପନ୍ନ ଯୋଜନା, ପ୍ରଯୁକ୍ତିର ସଠିକ୍ ବ୍ୟବହାର, ବୈଜ୍ଞାନିକ ଭିଡ଼ ପରିଚାଳନା, ବିଭାଗ- ବିଭାଗ ମଧ୍ୟରେ ସମନ୍ୱୟ ଓ ଜନସାଧାରଣଙ୍କ ବିଶ୍ୱାସ।

ଆଜି ବିଶ୍ୱର ବିଭିନ୍ନ ଦେଶ ବୃହତ ଧାର୍ମିକ ସମାବେଶ, କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ ଉତ୍ସବ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରୁଥିବାବେଳେ, ପୁରୀ ରଥଯାତ୍ରା ୨୦୨୬ର ପରିଚାଳନା ଏକ ଆଦର୍ଶ ମଡେଲ ଭାବେ ପ୍ରତିଷ୍ଠିତ ହୋଇଛି। ଏହା ପ୍ରମାଣ କରିଛି ଯେ ପରମ୍ପରା ଓ ପ୍ରଯୁକ୍ତି, ଆସ୍ଥା ଓ ପ୍ରଶାସନ, ଶୃଙ୍ଖଳା ଓ ମାନବିକତା-ଏସବୁ ଏକାଠି ହୋଇ ଏକ ସଫଳ ଓ ସୁରକ୍ଷିତ ଜନସମାଗମ ସୃଷ୍ଟି କରିପାରେ।

ରଥଯାତ୍ରା ୨୦୨୬ର ସଫଳତା କୌଣସି ଗୋଟିଏ ସଂସ୍ଥାର ନୁହେଁ। ଏହା ଓଡ଼ିଶା ପୋଲିସ, ସିଭିଲ ପ୍ରଶାସନ, ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନ ଓ କୋଟି କୋଟି ଶୃଙ୍ଖଳିତ ଭକ୍ତଙ୍କ ସାମୂହିକ ପ୍ରୟାସର ଫଳ। ଏହି ସଫଳତା ମାଧ୍ୟମରେ ଓଡ଼ିଶା କେବଳ ଏକ ପ୍ରାଚୀନ ପରମ୍ପରାକୁ ସୁରକ୍ଷିତ ରଖୁନାହିଁ ବରଂ ସମଗ୍ର ବିଶ୍ୱକୁ ଲୋକକୈନ୍ଦ୍ରିକ ପୋଲିସିଂ ଓ ସମନ୍ୱିତ ଜନସୁରକ୍ଷାର ଏକ ବିଶ୍ୱସ୍ତରୀୟ ଆଦର୍ଶ ଉପସ୍ଥାପନ କରିଛି।

**ଆଇପିଏସ, କେନ୍ଦ୍ରାଞ୍ଚଳ ଆଇଜି**

ସରିଲା ଦଶମ ବ୍ରିକ୍ସ ଶିଳ୍ପମନ୍ତ୍ରୀଙ୍କ ବୈଠକ

# ଶିଳ୍ପଗତ ସହଯୋଗ ମଜବୁତ ଘୋଷଣାନାମା ଗୃହୀତ

## ପାରସ୍ପରିକ ସହଯୋଗ ବୃଦ୍ଧି ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା




ନୂଆଦିଲ୍ଲୀ, ୭।୮ : ଅନ୍ତର୍ଜାତୀୟ ମଞ୍ଚରେ ଭାରତ ଏକ ବଡ଼ କୂଟନୈତିକ ସଫଳତା ହାସଲ କରିଛି। ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦଶମ ବ୍ରିକ୍ସ ଶିଳ୍ପ ମନ୍ତ୍ରୀମାନଙ୍କ ବୈଠକ ଜୟପୁରରେ ସଫଳତାର ସହ ଶେଷ ହୋଇଛି। ଏହି ବୈଠକରେ ସମସ୍ତ ସଦସ୍ୟ ଦେଶ ଶିଳ୍ପଗତ ସହଯୋଗକୁ ମଜଭୁତ କରିବା ଏବଂ ଉଦ୍ଭାବନଭିତ୍ତିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମିଳିତ ଘୋଷଣାନାମାକୁ ଗ୍ରହଣ କରିଛନ୍ତି। ଭାରତ ଚଳିତ ବର୍ଷ ଜାନୁଆରୀରେ ବ୍ରିକ୍ସର ଅଧ୍ୟକ୍ଷତା ଗ୍ରହଣ କରିଥିବାବେଳେ ସେପ୍ଟେମ୍ବର ମାସରେ ନୂଆଦିଲ୍ଲୀରେ ଏହାର ବାର୍ଷିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାର ଅଛି। ଆମେରିକା-ଇରାନ ପ୍ରସଙ୍ଗ ଓ ବିଶ୍ୱସ୍ତରୀୟ ଉତ୍ତେଜନା ମଧ୍ୟରେ ବ୍ରିକ୍ସର ମିଳିତ ଘୋଷଣାନାମା ଉପରେ ସମସ୍ତ ପ୍ରମୁଖ ଦେଶଙ୍କ ଦସ୍ତଖତ କରାଇବା ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ ବୋଲି ବିବେଚନା କରାଯାଉଛି। ବ୍ରିକ୍ସ ଗୋଷ୍ଠୀରେ ଭାରତ ବ୍ୟତୀତ ବ୍ରାଜିଲ, ରୁଷ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ଭଳି ଶକ୍ତିଶାଳୀ ପ୍ରତିଷ୍ଠାତା ସଦସ୍ୟମାନେ ସାମିଲ ଅଛନ୍ତି।

ବ୍ରିକ୍ସ ଦେଶଗୁଡ଼ିକର ଏହି ବୈଠକରେ ବିଭିନ୍ନ ଦେଶର ଶିଳ୍ପମନ୍ତ୍ରୀ ଓ ବରିଷ୍ଠ ପ୍ରତିନିଧିମାନେ ଯୋଗଦେଇଥିଲେ। ସେମାନେ ଶିଳ୍ପଗତ କ୍ଷେତ୍ରର କ୍ଷମତା ବୃଦ୍ଧି, ବୈଷୟିକ ପରିବର୍ତ୍ତନ ଏବଂ ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଥିଲେ। ଏହି ବୈଠକକୁ ସମ୍ବୋଧିତ କରି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି ଯେ, ବ୍ରିକ୍ସ ଦେଶଗୁଡ଼ିକ ନିଜର ଆକାଂକ୍ଷାକୁ ବ୍ୟବହାରିକ ଇନୋଭେସନ୍ ଏବଂ ସହଯୋଗରେ ପରିଣତ କରିବା ଉଚିତ। ମଜଭୁତ ଶିଳ୍ପ ଗଠନ ପାଇଁ ସମସ୍ତେ ପରସ୍ପରର ପରିପୂରକ ଶକ୍ତିର ଲାଭ ଉଠାଇବା ଆବଶ୍ୟକ। ଗୋଏଲ ଆହୁରି ମଧ୍ୟ କହିଛନ୍ତି ଯେ 'ନ୍ୟୁ ଇଣ୍ଡଷ୍ଟ୍ରିଆଲ ରେଭୋଲୁସନ ଉପରେ ବ୍ରିକ୍ସ ପାର୍ଟନରସିପ୍' ଏଭଳି ସହଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ କାର୍ଯ୍ୟ କରୁଛି। ଚଳିତ ବୈଠକର ମୁଖ୍ୟ ବିଷୟବସ୍ତୁ ଥିଲା, ମଜଭୁତି, ଇନୋଭେସନ୍, ସହଯୋଗ ଏବଂ ସଷ୍ଟେନେବିଲିଟି ପାଇଁ ନିର୍ମାଣ।

ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ମୋଟ ଜନସଂଖ୍ୟା ପ୍ରାୟ ୩୯୦ କୋଟି, ଯାହା ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୪୮ ପ୍ରତିଶତ। କ୍ରୟ ଶକ୍ତି ସମାନତା (ପିପିପି) ଆଧାରରେ ଏମାନଙ୍କର ମୋଟ ଜିଡିପି ୭୮ ଟ୍ରିଲିୟନ ଡଲାର, ଯାହା ବିଶ୍ୱ ଜିଡିପିର ପ୍ରାୟ ୪୦ ପ୍ରତିଶତ। ବିକଶିତ ଦେଶଗୁଡ଼ିକର ଗୋଷ୍ଠୀ 'ଜି-୭' ର ଏହି ସମାନ ଆକଳନ ୬୧ ଟ୍ରିଲିୟନ ଡଲାର ରହିଛି। ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ବିଶ୍ୱର ମୋଟ ୩୦ ପ୍ରତିଶତ ତୈଳ ଉତ୍ପାଦନ ମଧ୍ୟ କରିଥାଆନ୍ତି।

ସିଜିପିଏସ୍‌ସି ମାମଲାରେ ଛତିଶଗଡ଼ ହାଇକୋର୍ଟଙ୍କ ଭର୍ତ୍ସନା

# ପେପର ଲିକ୍ ହତ୍ୟାଠୁ ବି ଅଧିକ ଜଘନ୍ୟ




ବିଳାଶପୁର, ୭।୮ : ଛତିଶଗଡ଼ ଲୋକସେବା ଆୟୋଗ (ସିଜିପିଏସସି) ନିଯୁକ୍ତି ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଜୀବନ କିଶୋର ଧ୍ରୁବଙ୍କ ଜାମିନ ଆବେଦନକୁ ଛତିଶଗଡ଼ ହାଇକୋର୍ଟ ନାକଚ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ହାଇକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଛନ୍ତି ଯେ, ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ କରିବା 'ହତ୍ୟା ଅପରାଧଠାରୁ ବି ଅଧିକ ଜଘନ୍ୟ'। କାରଣ ଜଣକୁ ହତ୍ୟା କଲେ ଗୋଟିଏ ପରିବାର ପ୍ରଭାବିତ ହୋଇଥାଏ। କିନ୍ତୁ ପ୍ରଶ୍ନପତ୍ର ଲିକ୍ ଦ୍ୱାରା ଦିନରାତି ଏକାକାର କରି ପରିଶ୍ରମ କରୁଥିବା ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ନଷ୍ଟ ହୋଇଥାଏ ଏବଂ ସମଗ୍ର ସମାଜ ପ୍ରଭାବିତ ହୁଏ।

ଜଷ୍ଟିସ ବିଭୁ ଦତ୍ତ ଗୁରୁଙ୍କ ଖଣ୍ଡପୀଠ ଏହି ମାମଲାର ଗାମ୍ଭୀର୍ଯ୍ୟ ଏବଂ ସରକାରୀ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପଡ଼ିଥିବା କୁପ୍ରଭାବକୁ ଦୃଷ୍ଟିରେ ରଖି ଜାମିନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି। ଯଦିଓ ଧ୍ରୁବଙ୍କ ଓକିଲ ଦାବି କରିଥିଲେ ଯେ ତାଙ୍କୁ ମିଛରେ ଫସାଯାଇଛି ଏବଂ ସେ ନିଜେ ପୁଅମାନେ ପରୀକ୍ଷା ଦେଉଥିବା ନେଇ ବୋର୍ଡକୁ ଜଣାଇ ଗୋପନୀୟ କାର୍ଯ୍ୟରୁ ଓହରି ଯାଇଥିଲେ, ତଥାପି ସିବିଆଇର ଦୃଢ଼ ଯୁକ୍ତି ଓ ପ୍ରମାଣ ଆଧାରରେ କୋର୍ଟ ଜାମିନ ଖାରଜ କରିଛନ୍ତି।

## ଥାଇଲାଣ୍ଡ ସ୍କୁଲରେ ଛାତ୍ରଙ୍କ ଗୁଳିକାଣ୍ଡ

### ଶିକ୍ଷକ ସମେତ ୩ ମୃତ, ୧୫ ଆହତ



ବ୍ୟାଙ୍କକ୍, ୭।୮ : ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍ ଉପକଣ୍ଠ ନୋନ୍ଥାବୁରୀ ଜିଲ୍ଲାର ଦେବସିରିନ୍ ସ୍କୁଲରେ ଶୁକ୍ରବାର ସକାଳ ପ୍ରାୟ ୧୦ଟା ସମୟରେ ଜଣେ ଛାତ୍ର ଆକସ୍ମିକ ଭାବେ ଗୁଳିଚାଳନା କରିବାରୁ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଥାଇଲ୍ୟାଣ୍ଡ ଶିକ୍ଷାମନ୍ତ୍ରୀ ପ୍ରସେର୍ଟ ଜାନ୍ତା ରୁଆଙ୍ଗଥୋଙ୍ଗ୍ ଏହି ମୃତ୍ୟୁ ସଂଖ୍ୟା ନିଶ୍ଚିତ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗୁଳିକାଣ୍ଡ ପରେ ସନ୍ଦିଗ୍ଧ ବନ୍ଧୁକଧାରୀ ଛାତ୍ରଜଣକ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛି। ଘଟଣାପରେ ବିଦ୍ୟାଳୟ ପରିସରରେ ଆତଙ୍କ ଖେଳିଯାଇଥିଲା ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପ୍ରାଣବିକଳରେ ବାହାରକୁ ଦୌଡ଼ି ପଳାଇଥିଲେ। ପ୍ରାଥମିକ ଉଦ୍ଧାରକାରୀ ଦଳ ଓ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ପୁଲିସ କନଷ୍ଟେବଲ ହତ୍ୟା ମାମଲା

## ୨୮ ବର୍ଷ ପରେ ଡ. ଝଟ୍‌କା ଗିରଫ



ଭୋପାଳ, ୭।୮ : ହରିୟାଣାର ଜଣେ ପୁଲିସ କନଷ୍ଟେବଲଙ୍କୁ ହତ୍ୟା ମାମଲାର ୨୮ ବର୍ଷ ପରେ ଅଭିଯୁକ୍ତ ଡ. ଝଟ୍‌କା ଓରଫ ରାଜେନ୍ଦର ବୈରାଗୀକୁ ଦିଲ୍ଲୀ ପୁଲିସ ମଧ୍ୟପ୍ରଦେଶରୁ ଗିରଫ କରିଛି। ଦିଲ୍ଲୀ ପୁଲିସର ଜଣେ ମୋଷ୍ଟ ୱାଣ୍ଟେଡ ଅପରାଧୀ ଭାବେ ପ୍ରାୟ ୩ ଦଶନ୍ଧି ହେଲା ସାଧାରଣ ଜୀବନଯାପନ କରୁଥିଲା। ବୈରାଗୀ ନାଁରେ ହରିୟାଣାରେ ଗୋଟିଏ ହତ୍ୟା ମାମଲା, ଦିଲ୍ଲୀରେ ଦୁଇଟି ହତ୍ୟା ଉଦ୍ୟମ ମାମଲା, ପୁଲିସ ହାଜତରୁ ଫେରାର୍ ଓ ଅନ୍ୟ କେତେକ ମାମଲା ରହିଥିଲା। ପୁଲିସ କହିଛି ଯେ, ଫେରାର୍ ହେବା ପରେ ବୈରାଗୀ ୨୦୦୦ ମସିହା ପ୍ରାରମ୍ଭରୁ ନିଜକୁ ରାଜେନ୍ଦର ସିଂହ ଯାଦବ ଭାବେ ପରିଚୟ ଦେଇଥିଲା। ସେ ସେହି ନାମରେ ଆଧାର କାର୍ଡ ଓ ଭୋଟର ପରିଚୟପତ୍ର ସମେତ ସରକାରୀ କାଗଜପତ୍ର ପ୍ରସ୍ତୁତ କରିଥିଲା। ରାଜେନ୍ଦରର ପତ୍ନୀ ମଧ୍ୟ ତା'ର ଅପରାଧିକ ଅତୀତ ବିଷୟରେ କିଛି ଜାଣି ନଥିଲା। ହରିୟାଣାର ଜଣେ କବାଡି ଖେଳାଳି ବୈରାଗୀ ୧୯୯୦ ଦଶକର ଶେଷ ଭାଗରେ ଅପରାଧରେ ଲିପ୍ତ ହୋଇଥିଲା। ତା' ବିରୋଧରେ ଦିଲ୍ଲୀ ଓ ହରିୟାଣାରେ ହତ୍ୟା, ଚୋରି ଓ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା।

## ହାଉସିଂ ଯୋଜନାରୁ ୫୭ହଜାର ବାଦ୍




କୋଲକାତା, ୭।୮ : ପଶ୍ଚିମବଙ୍ଗରେ ଆବାସ ଯୋଜନା (ଆବାସ ଯୋଜନା) ର ହିତାଧିକାରୀଙ୍କ ତାଲିକାରୁ ଅତି କମ୍‌ରେ ୫୭,୦୦୦ ନାମ ବାଦ୍ ଦିଆଯିବ। ରାଜ୍ୟରେ ୨୦୨୫ ମସିହାରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପରେ ଏହି ହିତାଧିକାରୀଙ୍କ ନାଁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ପଶ୍ଚିମବଙ୍ଗ ପଞ୍ଚାୟତ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଦିଲୀପ ଘୋଷ ଗୁରୁବାର କହିଛନ୍ତି। ଘୋଷ କହିଛନ୍ତି, ଏସ୍‌ଆଇଆର୍‌ରେ ୯.୧ ନିୟୁତ ଲୋକଙ୍କ ନାଁ ବାଦ୍ ପଡ଼ିଥିଲା। ଏଥିରେ ଥିବା ୫୭,୦୦୦ ଲୋକଙ୍କ ନାଁ ଆବାସ ଯୋଜନାରେ ରହିଥିଲା। ଏବେ ସେମାନେ ସେହି ଯୋଜନାର ଲାଭ ଉଠାଇବା ପାଇଁ ଯୋଗ୍ୟ ହିତାଧିକାରୀ ହୋଇନଥିବାରୁ ସେମାନଙ୍କ ନାଁ ହଟାଇ ଦିଆଯାଇଛି। ରାଜ୍ୟ ସଚିବାଳୟରେ ଅନୁଷ୍ଠିତ ଏକ ପ୍ରଶାସନିକ କାର୍ଯ୍ୟକ୍ରମରେ ଘୋଷ ଏହା କହିଥିଲେ।

## ମେଟାକୁ ୫୬୭ ମିଲିୟନ ଡଲାର ଜରିମାନା




ୱାଶିଂଟନ, ୭।୮ : ମେଟାକୁ ଆମେରିକା କୋର୍ଟରୁ ବଡ଼ ଝଟକା। ଆମେରିକାର ନ୍ୟୁ ମେକ୍ସିକୋ ଅଦାଲତ ଫେସବୁକ୍ ଓ ଇନଷ୍ଟାଗ୍ରାମର ମୂଳ କମ୍ପାନୀ ମେଟା ବିରୋଧରେ ଏକ ଐତିହାସିକ ରାୟ ଦେଇଛନ୍ତି। ଅଦାଲତ କମ୍ପାନୀକୁ ପିଲା ଓ କିଶୋରମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଅନଲାଇନ ସୁରକ୍ଷାରେ ଅବହେଳା କରିଥିବା ଅଭିଯୋଗରେ ୫୬୭ ମିଲିୟନ ଡଲାର (ପ୍ରାୟ ୫,୪୦୦ କୋଟି ଟଙ୍କା) ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଏହି ମାମଲାର ଦ୍ୱିତୀୟ ପର୍ଯ୍ୟାୟର ଶୁଣାଣି ପରେ ଏହି ନିଷ୍ପତ୍ତି ଆସିଛି। ଏହାପୂର୍ବରୁ ମାର୍ଚ୍ଚ ମାସରେ ମେଟା ମାମଲାର ପ୍ରଥମ ପର୍ଯ୍ୟାୟରେ ମଧ୍ୟ ପରାଜିତ ହୋଇଥିଲା।

## ବନ୍ଦ ହେଲା ବୋଫର୍ସ ମାମଲା

### ହିନ୍ଦୁଜା ଭ୍ରାତାଙ୍କ ବିରୋଧରେ ଆବେଦନ ଖାରଜ



ନୂଆଦିଲ୍ଲୀ, ୭।୮ : ବୋଫର୍ସ ମାମଲା ଗତ ଚାରି ଦଶନ୍ଧି ହେଲା ଭାରତୀୟ ରାଜନୀତିକୁ ପ୍ରଭାବିତ କରିଆସୁଥିବାବେଳେ ସୁପ୍ରିମକୋର୍ଟ ଏହି ମାମଲାରେ ବିଚାରାଧୀନ ଥିବା ଏକମାତ୍ର ଆବେଦନକୁ ମଧ୍ୟ ଖାରଜ କରିଦେଇଛନ୍ତି। ଏହା ବୋଫର୍ସ ଦୁର୍ନୀତିକୁ ଆଇନଗତ ଭାବରେ ସମାପ୍ତ କରିଛି।

ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ବୋଫର୍ସ ମାମଲାରେ ହିନ୍ଦୁଜା ଭ୍ରାତା ଓ ସ୍ୱିଡିସ୍ ଅସ୍ତ୍ରଶସ୍ତ୍ର ନିର୍ମାତା ଏ.ବି. ବୋଫର୍ସଙ୍କ ବିରୋଧରେ ସମସ୍ତ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଥିବା ୨୦୦୫ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଏକ ଆବେଦନକୁ ଗୁରୁବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ଦଶନ୍ଧି ପୁରୁଣା ମାମଲାର ପ୍ରକ୍ରିୟା ବନ୍ଦ ହୋଇଛି। ଶୁଣାଣି ସମୟରେ ଆଡଭୋକେଟ ଅଗ୍ରୱାଲ ଶ୍ରୀଚନ୍ଦ ପି ହିନ୍ଦୁଜା ଓ ଗୋପୀଚାନ୍ଦ ପି ହିନ୍ଦୁଜାଙ୍କ ମୃତ୍ୟୁ ହୋଇସାରିଥିବାରୁ ସେମାନଙ୍କ ନାମ ଆବେଦନରୁ ହଟାଇବା ପାଇଁ ଚାରି ସପ୍ତାହ ସମୟ ମାଗିଥିଲେ। କିନ୍ତୁ ଖଣ୍ଡପୀଠ ଅତିରିକ୍ତ ସମୟ ଦେବାକୁ ମନା କରିଦେଇଥିଲେ।

ଏଲଏସିକୁ ନେଇ ଭାରତ-ଚୀନ୍ କୂଟନୈତିକ ଆଲୋଚନା

## ସୀମାରେ ଶାନ୍ତି ପାଇଁ ଉଭୟ ପକ୍ଷ ସହମତ



ନୂଆଦିଲ୍ଲୀ, ୭।୮ : ଭାରତ ଓ ଚୀନ୍ ମଧ୍ୟରେ ନୂଆଦିଲ୍ଲୀଠାରେ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ର ସମଗ୍ର ସ୍ଥିତି ସମୀକ୍ଷା କରାଯିବା ସହ ସୀମା ନିର୍ଦ୍ଧାରଣ, ସୀମା ପରିଚାଳନା ଏବଂ ସୀମାପାର ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ନେଇ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି।

ୱାର୍କିଂ ମେକାନିଜିମ୍ ଫର୍ କନସଲଟେସନ୍ ଏଣ୍ଡ କୋଅର୍ଡିନେସନ୍ ଅନ୍ ଇଣ୍ଡିଆ-ଚାଇନା ବୋର୍ଡର ଆଫେୟାର୍ସ (ଡବ୍ଲୁଏମସିସି) ଢାଞ୍ଚା ଅଧୀନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଦୁଇ ପକ୍ଷ ମଧ୍ୟରେ ସୀମା ସ୍ଥିତିକୁ ନେଇ ଖୋଲାଖୋଲି ଆଲୋଚନା ହୋଇଛି। ସୀମାଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦ୍ୱିପାକ୍ଷିକ ସମ୍ପର୍କର ସମଗ୍ର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ଉଭୟ ଦେଶ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଏଲଏସିରେ କୌଣସି ପ୍ରକାର ଭୁଲ୍ ବୁଝାମଣା ଏବଂ ସମସ୍ୟାକୁ ଏଡ଼ାଇବା ପାଇଁ ପୂର୍ବରୁ ରହିଥିବା କୂଟନୈତିକ ଓ ସାମରିକ ମାଧ୍ୟମଗୁଡ଼ିକର ନିରନ୍ତର ବ୍ୟବହାର କରିବାକୁ ସମ୍ମତି ପ୍ରକାଶ ପାଇଛି।

ଏହା ବ୍ୟତୀତ, ବିଶେଷ ପ୍ରତିନିଧି ସ୍ତରୀୟ ଆଲୋଚନାର ନିଷ୍ପତ୍ତି ଆଧାରରେ ସୀମା ନିର୍ଦ୍ଧାରଣ ଓ ପରିଚାଳନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଭାରତ ପକ୍ଷରୁ ସୀମାପାର ନଦୀଗୁଡ଼ିକ ସମ୍ପର୍କିତ ବିଶେଷଜ୍ଞ ସ୍ତରୀୟ ବୈଠକ ଶୀଘ୍ର ଡାକିବା ଏବଂ ନଦୀର ଉପରମୁଣ୍ଡ ପ୍ରକଳ୍ପ ସମ୍ବନ୍ଧୀୟ ବୈଷୟିକ ତଥ୍ୟ ଆଦାନପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଆଲୋଚନାରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜିତ୍ ଘୋଷ ନେଇଥିବା ବେଳେ ଚୀନ୍ ପ୍ରତିନିଧି ଦଳର ନେତୃତ୍ୱ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ସୀମା ଓ ମହାସାଗରୀୟ ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ହାଓ ୟାନକି ନେଇଥିଲେ।

ସମୟୋଚିତ ଚିକିତ୍ସା ଯୋଗାଇବାରେ ବିଫଳ

## ପୀଡ଼ିତାଙ୍କ ପରିବାରକୁ ହସ୍ପିଟାଲ ଦେବ ୧୨ ଲକ୍ଷ କ୍ଷତିପୂରଣ




ଗାଜିଆବାଦ, ୭।୮ : ସୁପ୍ରିମକୋର୍ଟ ଶୁକ୍ରବାର ଉତ୍ତର ପ୍ରଦେଶ ଗାଜିଆବାଦର ଦୁଇଟି ଘରୋଇ ହସ୍ପିଟାଲକୁ ଜଣେ ଚାରି ବର୍ଷୀୟ ବଳାତ୍କାର ପୀଡିତାଙ୍କ ପରିବାରକୁ ଯଥାକ୍ରମେ ୧୦ ଲକ୍ଷ ଓ ୨ ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଉଭୟ ହସ୍ପିଟାଲ ଶିଶୁଟିକୁ ସମୟାନୁସାରେ ଚିକିତ୍ସା ଯୋଗାଇବାରେ ବିଫଳ ହୋଇଥିଲେ, ଯାହା ଫଳରେ ତାଙ୍କ ଜୀବନ ଗଲା। ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଏହା ଗୁରୁତର ଅପରାଧର ପୀଡିତାଙ୍କ ଚିକିତ୍ସା ଏବଂ ଏପରି ମାମଲାର ତଦନ୍ତ ସମୟରେ ହସ୍ପିଟାଲ ଏବଂ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ଦାୟିତ୍ୱ ସମ୍ପର୍କରେ ବ୍ୟାପକ ନିର୍ଦ୍ଦେଶାବଳୀ ଜାରି କରିବ।

ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲା ସମ୍ବନ୍ଧିତ ଆବେଦନର ଶୁଣାଣି କରୁଥିଲେ। ଖଣ୍ଡପୀଠ ସୁପ୍ରିମକୋର୍ଟ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଦ୍ୱାରା ଦାଖଲ ରିପୋର୍ଟର ବିଚାର କରିଥିଲେ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଗୁରୁତର ଆଘାତ ଏବଂ ନିରନ୍ତର ରକ୍ତସ୍ରାବ ସତ୍ତ୍ୱେ, ଶିଶୁଟି ପ୍ରାୟ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଜୀବିତ ଥିଲା; କିନ୍ତୁ, ସମ୍ପୃକ୍ତ ହସ୍ପିଟାଲଗୁଡ଼ିକ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇବାକୁ ମନା କରିଦେଇଥିଲେ, ଯାହା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଗଠିତ ହେବ ଇସଲାମିକ୍ ନାଟୋ!



ଇସଲାମାବାଦ, ୭।୮ : ସାଉଦି ଆରବ, ତୁର୍କୀ ଓ ପାକିସ୍ତାନ ମଧ୍ୟରେ ଏକ ମିଳିତ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଥିବା ବେଳେ ଏକ 'ଇସଲାମିକ୍ ନାଟୋ' ଗଠନ ନେଇ ଚର୍ଚ୍ଚା ଜୋର୍ ଧରିଛି। ଆଞ୍ଚଳିକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସାଉଦି ଆରବରେ ଏହି ଚୁକ୍ତି ସ୍ୱାକ୍ଷର ହୋଇପାରେ। ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ପୂର୍ବରୁ ରହିଥିବା ପ୍ରତିରକ୍ଷା ସମ୍ପର୍କକୁ ଆହୁରି ବ୍ୟାପକ କରିବା ପାଇଁ ପାକିସ୍ତାନ କରୁଥିବା ଉଦ୍ୟମର ଏହା ଏକ ପ୍ରମୁଖ ପରିଣାମ ବୋଲି କୁହାଯାଉଛି। ତେବେ ଏହି ସମ୍ଭାବ୍ୟ ତ୍ରିପାକ୍ଷିକ ଚୁକ୍ତି ଉପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ନଜର ରଖିଛି। ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୈସୱାଲ ପୂର୍ବରୁ କହିଥିଲେ ଯେ, ସରକାର ଏହି ପ୍ରକାରର ପଦକ୍ଷେପଗୁଡ଼ିକର ଜାତୀୟ ସୁରକ୍ଷା ଏବଂ ଆଞ୍ଚଳିକ ସ୍ଥିରତା ଉପରେ ପଡୁଥିବା ପ୍ରଭାବକୁ ଅନୁଧ୍ୟାନ କରୁଛନ୍ତି। ତେବେ ଏ ପର୍ଯ୍ୟନ୍ତ ସାଉଦି ଆରବ, ପାକିସ୍ତାନ କିମ୍ବା ତୁର୍କୀ ପକ୍ଷରୁ ଏହି ଚୁକ୍ତି ଅଧିକୃତ ଭାବେ ଘୋଷଣା କରାଯାଇନାହିଁ।

**ଖୁବ୍‌ଶୀଘ୍ର ତୁର୍କୀ, ସାଉଦି ଆରବ ଓ ପାକିସ୍ତାନ ପ୍ରତିରକ୍ଷା ଚୁକ୍ତି**

## ବିଜେପି ଓ ଅକାଳୀଦଳ ମେଣ୍ଟ ସମ୍ଭାବନା

**ଚଣ୍ଡିଗଡ଼/ନୂଆଦିଲ୍ଲୀ, ୭।୮ :** ଶିରୋମଣି ଅକାଳୀ ଦଳ (ଏସଏଡି) ସଭାପତି ସୁଖବୀର ସିଂହ ବାଦଲ ଶୁକ୍ରବାର ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ସଂସଦର ମୌସୁମୀ ଅଧିବେଶନ ସମୟରେ ଅନୁଷ୍ଠିତ ଏହି ବୈଠକ ପୁଣିଥରେ ପଞ୍ଜାବର ରାଜନୈତିକ ଦୃଶ୍ୟପଟକୁ ହଲାଇ ଦେଇଛି। ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ପରେ, ରାଜନୈତିକ ମହଲ ମଧ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ଶିରୋମଣି ଅକାଳୀ ଦଳ ମଧ୍ୟରେ ଏକ ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ କଳ୍ପନାଜଳ୍ପନା ତୀବ୍ର ହୋଇଛି। ତଥାପି, ଏପର୍ଯ୍ୟନ୍ତ କୌଣସି ଦଳ ଏହି ବିଷୟ ଉପରେ କୌଣସି ସରକାରୀ ବିବୃତ୍ତି ଜାରି କରିନାହାଁନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏବଂ ସୁଖବୀର ବାଦଲଙ୍କ ମଧ୍ୟରେ ଆଲୋଚନାରେ ପଞ୍ଜାବର ବିକାଶ, ଆଇନ ଶୃଙ୍ଖଳା, କୃଷି, କୃଷକଙ୍କ ସମ୍ପର୍କିତ ପ୍ରସଙ୍ଗ ଏବଂ ରାଜ୍ୟର ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଅନ୍ତର୍ଭୁକ୍ତ ହୋଇଥିଲା। ବୈଠକର ସରକାରୀ ଏଜେଣ୍ଡା ସାର୍ବଜନୀନ କରାଯାଇ ନଥିଲେ ମଧ୍ୟ, ଏହାକୁ ପଞ୍ଜାବ ରାଜନୀତି ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ମୋଦିଙ୍କ ସୀମା ନିର୍ଦ୍ଧାରଣ ବିଲ୍

## ଚେକ୍ ଦେବା ମୁଡ୍‌ରେ ବିଜୟ ଓ ଉଦୟନିଧି

ନୂଆଦିଲ୍ଲୀ, ୭।୮ : କେନ୍ଦ୍ର ସରକାର ସୀମା ନିର୍ଦ୍ଧାରଣ ବିଲ ପୁନଃଆଗତ କରିପାରନ୍ତି ବୋଲି ଆଲୋଚନା ହୋଇଛି। ତାମିଲନାଡୁରେ ଏହି ପ୍ରସଙ୍ଗକୁ ନେଇ ରାଜନୈତିକ ବିବାଦ ଆରମ୍ଭ ହୋଇଛି। କେନ୍ଦ୍ର ସରକାର ସୀମା ନିର୍ଦ୍ଧାରଣକୁ ମହିଳା ସଂରକ୍ଷଣ କାର୍ଯ୍ୟାନ୍ୱୟନ ସହିତ ଯୋଡ଼ିଛନ୍ତି। ଡିଏମକେର ମନୋଭାବ ନରମ ହେବା ନେଇ କଳ୍ପନାଜଳ୍ପନା ମଧ୍ୟରେ ଦଳର ନେତା ଉଦୟନିଧି ଷ୍ଟାଲିନ ସ୍ପଷ୍ଟ କରିଛନ୍ତି ଯେ, ଡିଏମକେ ଆରମ୍ଭରୁ ସୀମା ନିର୍ଦ୍ଧାରଣକୁ ବିରୋଧ କରିଆସିଛି ଓ ଏହା ଜାରି ରଖିବ।

ଏହାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଥାଲାପଥି ମଧ୍ୟ ଆକ୍ସନ ମୋଡରେ ଅଛନ୍ତି। ରାଜ୍ୟର ସମସ୍ତ ଲୋକସଭା ଓ ରାଜ୍ୟସଭା ଏମ୍‌ପିଙ୍କ ଏକ ବୈଠକ ଡାକିଛନ୍ତି। ଏହି ବୈଠକରେ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ଓ ତାମିଲନାଡୁ ଉପରେ ଏହାର ସମ୍ଭାବ୍ୟ ପ୍ରଭାବ ଉପରେ ଧ୍ୟାନ ଦିଆଯିବ। ବିଜୟ ପୂର୍ବରୁ କେନ୍ଦ୍ରର ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ପକ୍ଷପାତପୂର୍ଣ୍ଣ ବୋଲି କହି ଏହାକୁ ବିରୋଧ କରିଛନ୍ତି।

## ତୃଣମୂଳ ଓ ବିଦ୍ରୋହୀ ୟୁବିଟି ସାଂସଦଙ୍କୁ ଅଭୟ ଦେଲେ ମୋଦି



ନୂଆଦିଲ୍ଲୀ, ୭।୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପୂର୍ବାହ୍ନରେ ଏନଡିଏରେ ସାମିଲ ନୂଆ ସାଂସଦଙ୍କୁ ବ୍ରେକଫାଷ୍ଟ ମିଟିଂରେ ଭେଟିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ତୃଣ ମୂଳ କଂଗ୍ରେସର ବିଦ୍ରୋହୀ ଓ ଶିବସେନା (ଉଦ୍ଧବ ଗୋଷ୍ଠୀ)ର ୬ ଜଣ ସାଂସଦ ଯେଉଁମାନେ ନିକଟରେ ଏକନାଥ ସିନ୍ଦେଙ୍କ ଶିବସେନାରେ ସାମିଲ ହୋଇଛନ୍ତି ସେମାନଙ୍କୁ ଆଶ୍ୱସ୍ତ କରିଛନ୍ତି ଓ କହିଛନ୍ତି ଚିନ୍ତା କରିବାର କୌଣସି କାରଣ ନାହିଁ ଆମେ ଆପଣମାନଙ୍କ ସାଙ୍ଗରେ ଅଛୁ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏନଡିଏ ଏକ ପରିବାର। ଆମେ ସବୁ ସହଯୋଗୀ ଦଳଙ୍କ ସହିତ ଅଛୁ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ କରାଯିବ ଓ ତାଙ୍କୁ ସୁଯୋଗ ଦିଆଯିବ। ମୁଁ ଏନଡିଏର କୌଣସି ଏକ ସହଯୋଗୀ ଦଳ ସହ ନୁହେଁ ବରଂ ପ୍ରତ୍ୟେକ ସାଂସଦଙ୍କ ସହ ରହିଛି। ମୁଁ ଏନଡିଏର ପ୍ରତ୍ୟେକ ସାଂସଦଙ୍କ ସହ ଛିଡା ହୋଇଛି। ଏଣୁ କୌଣସି କଥା କୁ ନେଇ ଆପଣମାନଙ୍କୁ ଚିନ୍ତିତ ହେବାର କୌଣସି କାରଣ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଅଭୟବାଣୀ ଦେଇଛନ୍ତି।

# ଚିହ୍ନଟ ହେଲା ହରଡ଼ ଡାଲିର ଗୁଣସୂତ୍ରୀୟ ସ୍ଥିତି





ନୂଆଦିଲ୍ଲୀ, ୭।୮ : ଭାରତୀୟ ବିଜ୍ଞାନୀମାନେ ପ୍ରଥମ ଥର ପାଇଁ ହରଡ଼ ଡାଲିର ସମ୍ପୂର୍ଣ୍ଣ ଜିନୋମ୍ କ୍ରମକୁ ଶେଷ ପର୍ଯ୍ୟନ୍ତ ସଫଳତାର ସହ ପାଠୋଦ୍ଧାର କରିଛନ୍ତି। ଏହା ଦେଶର କୃଷି ଓ ଜୈବ ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ଏହି ଗବେଷଣା ମାଧ୍ୟମରେ ହରଡ଼ର ଉନ୍ନତ କିସମ ବିକାଶ, ରୋଗ ଓ କୀଟପତଙ୍ଗ ପ୍ରତିରୋଧୀ ବିହନ ପ୍ରସ୍ତୁତି ଏବଂ ଉତ୍ପାଦନ ବୃଦ୍ଧି ପାଇଁ ନୂଆ ସମ୍ଭାବନା ସୃଷ୍ଟି ହୋଇଛି।

ହରଡ଼ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଡାଲି ଫସଲ ମଧ୍ୟରୁ ଗୋଟିଏ। ଦେଶରେ ପ୍ରୋଟିନ୍‌ର ଏକ ପ୍ରମୁଖ ଉତ୍ସ ଭାବେ ଏହାର ଚାହିଦା ବହୁତ ଅଧିକ। ତଥାପି କୀଟ ଆକ୍ରମଣ, ରୋଗ, ଜଳବାୟୁ ପରିବର୍ତ୍ତନ ଓ କମ୍ ଉତ୍ପାଦନ ଯୋଗୁଁ ଦେଶକୁ ପ୍ରତିବର୍ଷ ବହୁ ପରିମାଣର ଡାଲି ଆମଦାନି କରିବାକୁ ପଡୁଛି। ନୂଆ ଜିନୋମ୍ ମାନଚିତ୍ର ଏହି ସମସ୍ୟାର ସମାଧାନରେ ବିଜ୍ଞାନୀମାନଙ୍କୁ ସଠିକ୍ ଦିଗ ଦେଖାଇବ।

ଗବେଷଣାରେ ବିଜ୍ଞାନୀମାନେ ହରଡ଼ର ପ୍ରତ୍ୟେକ କ୍ରୋମୋଜୋମ୍‌କୁ ସମ୍ପୂର୍ଣ୍ଣ ଭାବେ ବିଶ୍ଳେଷଣ କରି ଜିନ୍‌ଗୁଡ଼ିକର ସଠିକ୍ ସ୍ଥିତି ଚିହ୍ନଟ କରିଛନ୍ତି। ଏହା ଫଳରେ ମରୁଡ଼ି ସହନଶୀଳତା, ରୋଗ ପ୍ରତିରୋଧ କ୍ଷମତା, ଅଧିକ ଅମଳ ଓ ଉତ୍ତମ ଗୁଣବତ୍ତା ସହ ଜଡ଼ିତ ଜିନ୍‌ଗୁଡ଼ିକୁ ଶୀଘ୍ର ଚିହ୍ନଟ କରିହେବ। ଏହା ଆଧାରରେ ଆଧୁନିକ ପ୍ରଜନନ ପଦ୍ଧତି ବ୍ୟବହାର କରି ଅଳ୍ପ ସମୟ ମଧ୍ୟରେ ଉନ୍ନତ କିସମର ବିହନ ବିକାଶ କରାଯାଇପାରିବ।

## ସ୍ୱଳ୍ପ ସମୟରେ ଉନ୍ନତ କିସମ ବିହନ ବିକାଶ ସମ୍ଭାବନା

ବିଶେଷଜ୍ଞମାନଙ୍କ ମତରେ, ଏହି ସଫଳତା କେବଳ ଭାରତ ପାଇଁ ନୁହେଁ, ବିଶ୍ୱସ୍ତରରେ ଡାଲି ଗବେଷଣା କ୍ଷେତ୍ରରେ ମଧ୍ୟ ଏକ ମାଇଲଖୁଣ୍ଟ। ହରଡ଼ ଜିନୋମ୍ ସମ୍ପର୍କିତ ଏହି ତଥ୍ୟକୁ ଆଧାର କରି ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନକୁ ସହ୍ୟ କରିପାରୁଥିବା ଏବଂ କମ୍ ପାଣିରେ ଭଲ ଅମଳ ଦେଉଥିବା କିସମ ବିକାଶ କରାଯାଇପାରିବ। ଏହା ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ କମାଇବା ସହ ସେମାନଙ୍କ ଆୟ ବଢ଼ାଇବାରେ ମଧ୍ୟ ସହାୟକ ହେବ।

### ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ରାଷ୍ଟ୍ରପତି

# ହସ୍ତତନ୍ତର ଦୀର୍ଘସ୍ଥାୟୀ ବିକାଶ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଜରୁରୀ

**୨୨ ବୁଣାକାରଙ୍କୁ ସନ୍ଥ କବୀର ହସ୍ତତନ୍ତ ଓ ଜାତୀୟ ହସ୍ତତନ୍ତ ପୁରସ୍କାର**




ନୂଆଦିଲ୍ଲୀ,୭।୮: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏଠାକାର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଯୋଗଦେଇ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଓ ୨୦୨୫ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଭାରତର ସମୃଦ୍ଧ ଓ ବିବିଧ ହସ୍ତତନ୍ତ ବୟନ ପରମ୍ପରାକୁ ସମ୍ମାନ ପ୍ରଦର୍ଶନ କରୁଥିବା ୪ଟି ସ୍ମାରକୀ ଡାକଟିକଟ ମଧ୍ୟ ଉନ୍ମୋଚିତ ହୋଇଛି। ରାଷ୍ଟ୍ରପତି ଏହି ଅବସରରେ ଦେଶର ମୋଟ୍ ୨୨ ଜଣ ବୁଣାକାରଙ୍କୁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଓ ଜାତୀୟ ହସ୍ତତନ୍ତ ପୁରସ୍କାର ୨୦୨୫ ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ ତିନି ଜଣ ବୁଣାକାର ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ପାଇଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ଦୁଇ ଜଣ ବୁଣାକାର ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ବରଗଡ଼ ଜିଲ୍ଲାର ଜଣାଶୁଣା ବୁଣାକାର ରାମ ମେହେର ବିଚିତ୍ରପୁରୀ ଖଦୀ ଶାଢ଼ି ବୁଣାରେ ଅସାଧାରଣ ଦକ୍ଷତା ନିମନ୍ତେ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ପାଇଛନ୍ତି। ଅତାବିରା ଝିଲିମିଣ୍ଡା ଗ୍ରାମର ବାସିନ୍ଦା ଶ୍ରୀ ମେହେରଙ୍କର ବିଚିତ୍ରପୁରୀ ବା ବିଚିଟପର ଶାଢ଼ି ବୁଣା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ସେହିପରି ଜଗତସିଂହପୁର ଜିଲ୍ଲା ବାଇଜଙ୍ଗା ସିଙ୍ଗିପୁର ଅଞ୍ଚଳର ବୁଣାକାର ପ୍ରଫୁଲ୍ଲ କୁମାର ସାହୁ ରାଷ୍ଟ୍ରପତିଙ୍କଠାରୁ ଜାତୀୟ ହସ୍ତତନ୍ତ ପୁରସ୍କାର ପାଇଛନ୍ତି। ପାରମ୍ପରିକ ଜଗତସିଂହପୁର ଶାଢ଼ି ବୁଣା କ୍ଷେତ୍ରରେ ଦୀର୍ଘଦିନର ଅଭିଜ୍ଞତା ଓ ଏହି ପାରମ୍ପରିକ ପଦ୍ଧତିର ପ୍ରୋତ୍ସାହନ ନିମନ୍ତେ ଶ୍ରୀ ସାହୁଙ୍କୁ ପୁରସ୍କୃତ କରାଯାଇଛି।

ଏହି ଅବସରରେ ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଶହ ଶହ ବର୍ଷ ଧରି ହସ୍ତତନ୍ତ ଭାରତୀୟ ସଭ୍ୟତାର ବିବର୍ତ୍ତନ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି। ଏହା ଆମ ଦେଶର ଅସାଧାରଣ ବିବିଧତାକୁ ପ୍ରତିଫଳିତ କରେ ଏବଂ ଆମର ଆଞ୍ଚଳିକ ସ୍ୱତନ୍ତ୍ରତାକୁ ସଂରକ୍ଷଣ କରିଆସିଛି। ହସ୍ତତନ୍ତ କ୍ଷେତ୍ର ରୋଜଗାର, ମହିଳା ସଶକ୍ତିକରଣ, କଳା ଓ ସଂସ୍କୃତି ଏବଂ ପ୍ରକୃତି ପ୍ରତି ଭଲ ପାଇବାକୁ ପ୍ରୋତ୍ସାହିତ କରେ। ହସ୍ତତନ୍ତକୁ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଆତ୍ମନିର୍ଭରଶୀଳତା ଭାବନା ସହିତ ମଧ୍ୟ ଯୋଡାଯାଇଛି। ସ୍ୱଦେଶୀ ଆନ୍ଦୋଳନ ଆନୁଷ୍ଠାନିକ ଭାବେ ୭ ଅଗଷ୍ଟ, ୧୯୦୫ରେ ଆରମ୍ଭ ହୋଇଥିଲା। ଭାରତର ଗ୍ରାମୀଣ ପ୍ରିମିୟମ୍ ଅର୍ଥ ବ୍ୟବସ୍ଥାର ଏକ ପ୍ରମୁଖ, ମାନବ-କୈନ୍ଦ୍ରିକ ଉଦାହରଣ ଭାବରେ ଆମର ହସ୍ତତନ୍ତ କ୍ଷେତ୍ରର ଉଭା ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଇଛି। ପ୍ରମୁଖ ହସ୍ତତନ୍ତ କ୍ଲଷ୍ଟରଗୁଡ଼ିକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସମସାମୟିକ ତାଲିମ ପଦ୍ଧତି ସହିତ ସଂଯୋଗ କରାଯାଉଛି। ସରକାର ବୁଣାକାରମାନଙ୍କ ଆୟ ବୃଦ୍ଧି କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କ୍ଷେତ୍ରକୁ ଏକ ପ୍ରାମାଣିକ ସାଂସ୍କୃତିକ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ପାଇଁ ସରକାରଙ୍କ ପ୍ରୟାସ ସହ ଭାରତୀୟ ହସ୍ତତନ୍ତ କ୍ଷେତ୍ରର ଅନ୍ତର୍ଜାତୀୟ ପ୍ରତିଷ୍ଠା ବୃଦ୍ଧି ପାଉଛି ଜାଣି ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଆହୁରି କହିଛନ୍ତି ଯେ ହସ୍ତତନ୍ତ କ୍ଷେତ୍ରର ଦୀର୍ଘସ୍ଥାୟୀ ବିକାଶ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟାର ଉପଯୁକ୍ତ ବ୍ୟବହାର ଅତ୍ୟନ୍ତ ଜରୁରୀ। ଆଧୁନିକ ଡିଜିଟାଲ ସମାଧାନ ମାଧ୍ୟମରେ ବଜାର ସୁଯୋଗକୁ ଅଧିକ ପ୍ରଭାବଶାଳୀ କରାଯାଇପାରିବ। ଏହାଛଡ଼ା ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ବିଶ୍ୱ ବଜାରରେ ଭାରତୀୟ ହସ୍ତତନ୍ତ ଉତ୍ପାଦଗୁଡ଼ିକର ପହଞ୍ଚକୁ ଯଥେଷ୍ଟ ମଜବୁତ କରାଯାଇପାରିବ।

## ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବିରେ ଛାତ୍ରନେତାଙ୍କ ବିକ୍ଷୋଭ

କଟକ, ୭।୮ (ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କୁ ଦୁର୍ବ୍ୟବହାର କରିଥିବା କଟକ ସଦର ବିଧାୟକ ତୁରନ୍ତ ନିଃସର୍ତ୍ତ କ୍ଷମା ମାଗିବା, ରେଭେନ୍ସାରେ ଛାତ୍ର ସଂସଦ ନିର୍ବାଚନ କରିବା, ରେଭେନ୍ସାର ଗଣତାନ୍ତ୍ରିକ ଏବଂ ଶୈକ୍ଷିକ ପରିବେଶ ରକ୍ଷା କରିବା ଦାବିରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ରେଭେନ୍ସାର ପୁରାତନ ଛାତ୍ରନେତା ଓ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ରେଭେନ୍ସା ଛାତ୍ରସଂସଦର ପୂର୍ବତନ ସଭାପତି ଗଣେଶ ପ୍ରିୟଦର୍ଶୀ, ଶିବାଶିଷ ପ୍ରଧାନ ଓ ହରିଶଙ୍କର ରାଉତ, ଛାତ୍ରନେତା ନନ୍ଦଲାଲ ସିଂ, ଦବି ବଳବନ୍ତରାୟ, ଛାତ୍ର ସଂସଦର ପୂର୍ବତନ ସହ-ସମ୍ପାଦକ ଭାଗ୍ୟରବି ଦାସ, ପୂର୍ବତନ ଉପ-ସଭାପତି ଶିବାନୀ ସାହୁ ଛାତ୍ରନେତା ବିନୋଦ ସେଠୀ, ଅଶୋକ ଡାଣ୍ଡି, ଶୁଭସ୍ମିତା ସାହୁ, ଦିବ୍ୟ ରଞ୍ଜନ ବେହେରା ଓ ସୌମ୍ୟମଙ୍ଗଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବ୍ୟାପକ ଶକ୍ତିଶାଳୀ ଆନ୍ଦୋଳନ ସଙ୍ଗଠିତ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।

● ଜଳଖିଆ ବାହାନାରେ ମହିଳା ଥାନାରୁ ଚମ୍ପଟ

## ବେଙ୍ଗାଲୁରୁରେ ଧରାପଡ଼ିଲା ଦୁଷ୍କର୍ମ ଅଭିଯୁକ୍ତ



ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱର ମହିଳା ଥାନା ହାଜତରୁ ଚତୁରତାର ସହ ଫେରାର ହୋଇଯାଇଥିବା ଦୁଷ୍କର୍ମ ଅଭିଯୁକ୍ତକୁ ଗିରଫ କରିବାରେ କମିଶନରେଟ୍ ପୁଲିସକୁ ସଫଳତା ମିଳିଛି। ଫେରାର ହେବାର କିଛି ଦିନ ମଧ୍ୟରେ ଅଭିଯୁକ୍ତକୁ ବେଙ୍ଗାଲୁରୁରୁ କାବୁ କରିଛି ସ୍ପେଶାଲ ଟିମ୍। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅନ୍ତର୍ଗତ ଏରଡା ଗାଁର ରୁଦ୍ର ପ୍ରସାଦ ସୁତାର। ବିବାହର ମିଛା ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ଅଭିଯୋଗରେ ରୁଦ୍ର ପ୍ରସାଦଙ୍କୁ ମହିଳା ଥାନା ପୁଲିସ ଗିରଫ କରି ଥାନାକୁ ଆଣିଥିଲା। ସକାଳେ ହାଜତ ମଧ୍ୟରେ ସେଣ୍ଟ୍ରି ଅଭିଯୁକ୍ତକୁ ଜଳଖିଆ ଖାଇବାକୁ ଦେଉଥିବା ସମୟରେ ସେ ସେଣ୍ଟ୍ରିଙ୍କୁ ଠେଲିଦେଇ ଚମ୍ପଟ ମାରିଥିଲା। ଅଭିଯୁକ୍ତ ଫେରାର ହେବା ପରେ କମିଶନରେଟ୍ ପୁଲିସ ପକ୍ଷରୁ ସ୍ପେଶାଲ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଟେକ୍ନିକାଲ୍ ସର୍ଭେଲାନ୍ସ ଓ ସୂଚନା ଆଧାରରେ ପୁଲିସ ବେଙ୍ଗାଲୁରୁରେ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। ମହିଳା ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ୍ ମାରିବା ଘଟଣାକୁ ଭୁବନେଶ୍ୱର ଡିସିପି ଗମ୍ଭୀରତାର ସହ ନେଇଛନ୍ତି। କର୍ତ୍ତବ୍ୟରେ ଗୁରୁତର ଅବହେଳା ପାଇଁ ଡ୍ୟୁଟି ଅଫିସର ଏଏସ୍ଆଇ ତିଲୋତ୍ତମା ପୃଷ୍ଟି ଓ ସେଣ୍ଟ୍ରି ପ୍ରଦୀପ୍ତ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ଗିରଫ ଅଭିଯୁକ୍ତକୁ ବେଙ୍ଗାଲୁରୁରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯିବା ପରେ କୋର୍ଟ ଚାଲାଣ କରାଯିବ।

## ସୌମ୍ୟ ହତ୍ୟା ମାମଲା: ପ୍ରମାଣ ଅଭାବରୁ ୬ ଅଭିଯୁକ୍ତଙ୍କୁ ଜାମିନ



ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ): ଚର୍ଚ୍ଚିତ ଜିଆର୍‌ପି କନଷ୍ଟେବଲ ସୌମ୍ୟ ରଞ୍ଜନ ମହାପାତ୍ର ହତ୍ୟା ମାମଲାରେ କୋର୍ଟଙ୍କ ପକ୍ଷରୁ ୬ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଛି। ଏହି ମାମଲାରେ ପୂର୍ବରୁ ମୋଟ ୨୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ, ପ୍ରମାଣ ଅଭାବରୁ ସେମାନଙ୍କ ମଧ୍ୟରୁ ଏହି ୬ ଜଣଙ୍କୁ ଜାମିନ ମିଳିଛି। ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ପୂର୍ବରୁ ଯାଞ୍ଚ ସମୟରେ ପ୍ରମାଣ ଅଭାବକୁ ଦୃଷ୍ଟିରେ ରଖି ମୋଟ ୯ ଜଣଙ୍କ ନାମ ଚାର୍ଜସିଟ୍‌ରୁ ବାଦ ଦେଇଥିଲା। ବର୍ତ୍ତମାନ ଏହି ମାମଲାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବାବେଳେ, ଘଟଣାରେ ଅନ୍ୟ ୫ ରୁ ୬ ଅଭିଯୁକ୍ତ ଏବେ ବି ଫେରାର ଥିବା ନେଇ ସୂଚନା ମିଳିଛି। ପୋଲିସ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରିଛି।

## ଛତିଶଗଡ଼ରୁ ଓଡ଼ିଶାରେ ପହଞ୍ଚିଲା ମା’



ସହିଦ ନଗର ଥାନାର ଦ୍ୱାରସ୍ଥ

ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଛୁଆକୁ ଖୋଜି ଖୋଜି ସୁଦୂର ଛତିଶଗଡ଼ରୁ ଆସି ଓଡ଼ିଶାରେ ପହଞ୍ଚିଛି ମା’। ସ୍ୱାମୀର କଳାକାରନାମାକୁ ସନ୍ଦେହ କରି ଭୁବନେଶ୍ୱର ସହିଦ ନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି ମା’ ପ୍ରାଚୀ ଥାପ୍ପା। ବାୟାବା ବସ୍ତିରେ ଛୁଆକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିବା ବେଳେ ଥାନାରେ ଚାଲିଛି ଉଭୟ ପକ୍ଷଙ୍କ ବୁଝାମଣା। ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ପୁଲିସ୍ ପଚରାଉଚରା କରୁଛି। ଅଭିଯୋଗ ମୁତାବକ, ସ୍ୱାମୀ ସନ୍ତୋଷ ସାହୁଙ୍କ ସହ ପ୍ରାଚୀଙ୍କର ମାଟ୍ରିମୋନି ସାଇଟ୍‌ରେ ଦେଖା ହୋଇଥିଲା। ଏହାପରେ ଉଭୟେ ବିବାହ କରିଥିଲେ। ୫ ବର୍ଷ କାଳ ଜାମସେଦପୁରରେ ଖୁବ୍ ଭଲରେ ସେମାନଙ୍କ ସଂସାର ଚାଲିଥିଲା। ପରେ ସନ୍ତାନ ହେବା ପରଠାରୁ ସ୍ୱାମୀ ସନ୍ତୋଷ କ୍ରମଶଃ ପ୍ରାଚୀଙ୍କଠାରୁ ଦୂରତା ଅବଲମ୍ବନ କରିଥିଲେ। ଶେଷରେ ସେ ଛୁଆକୁ ନେଇ ଓଡ଼ିଶା ପଳାଇ ଆସିଥିଲେ। ଏହାପରେ ତାଙ୍କ ଛୁଆକୁ ସନ୍ତୋଷ ଆଉ କାହାକୁ ଦେଇଦେଇଥିବା ଜାଣିବାକୁ ପାଇଥିଲେ ପ୍ରାଚୀ। ଶେଷରେ ଷ୍ଟାଟସରେ ଛୁଆର ୟୁନିଫର୍ମ ଦେଖି ପ୍ରଥମେ ସ୍କୁଲ୍ ଓ ପରେ ଘରେ ପହଞ୍ଚିଥିଲେ ପ୍ରାଚୀ।

ଛୁଆକୁ ଫେରାଇନେବା ପାଇଁ ଚେଷ୍ଟା କରିଥିବା ବେଳେ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଗଣ୍ଡଗୋଳ ପରେ ଛତିଶଗଡ଼ର ମହିଳା ଜଣଙ୍କ ପୁଲିସର ସାହାରା ନେଇଥିଲେ। ତେବେ ସନ୍ତୋଷ ଏଭଳି ଅନେକ ଝିଅଙ୍କ ସହ ପ୍ରତାରଣା କରିଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ସେ ବିବାହ କରିଛନ୍ତି। ଏବେ ପୁଣି ବିବାହ ପାଇଁ ଚେଷ୍ଟା କରୁଥିବା ପ୍ରାଚୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପ୍ରାଚୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ସନ୍ତୋଷ। ସ୍ତ୍ରୀ ପ୍ରାଚୀଙ୍କର ଅନ୍ୟ କାହା ସହ ସମ୍ପର୍କ ଥିବାରୁ ସେ ଛୁଆକୁ ନେଇ ପଳାଇ ଆସିଥିବା କହିଛନ୍ତି ସନ୍ତୋଷ।

## ତୃଣମୂଳ ଓ ବିଜେପି ସଂଘର୍ଷରେ ତୁଫାନଗଞ୍ଜ ରଣକ୍ଷେତ୍ର

କୋଲକାତା,୭।୮(ସଂଚାର ବ୍ୟୁରୋ): ବିଳମ୍ବିତ ରାତିରେ ତୃଣମୂଳ କଂଗ୍ରେସ ଓ ବିଜେପି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ପରେ ତୁଫାନଗଞ୍ଜର ମହିଷକୁଚି ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସାତ ଜଣ ଆହତ ହୋଇଛନ୍ତି ଓ ତିନିଜଣଙ୍କୁ ଅଟକ ରଖାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ତୁଫାନଗଞ୍ଜ-୨ ବ୍ଲକର ମହିଷକୁଚି-୧ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ତୃଣମୂଳ କଂଗ୍ରେସ ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମଧ୍ୟରାତ୍ରିରେ ଘଟିଥିବା ଏହି ସଂଘର୍ଷରେ ଉଭୟ ପକ୍ଷର ସାତ ଜଣ ଆହତ ହୋଇଛନ୍ତି, ଯେଉଁଥିରେ ବିଜେପିର ତୁଫାନଗଞ୍ଜ ମଣ୍ଡଳ-୪ର ପୂର୍ବତନ ସଭାପତି ଗୌତମ ଦାସ ମଧ୍ୟ ସାମିଲ। ଆହତମାନଙ୍କୁ ବକ୍ସିରହାଟ ବ୍ଲକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଏବଂ ଧସ୍ତାଧସ୍ତି ହୋଇଥିଲା। ଏହା ପରେ ବକ୍ସିରହାଟ ଥାନାରୁ ଏକ ବିଶାଳ ପୁଲିସ ଟିମ୍ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଏହି ଘଟଣାରେ ପୁଲିସ ଉଭୟ ପକ୍ଷର ତିନି ଜଣଙ୍କୁ ଅଟକ ରଖିଛି।

## ବିପୁଳ ପରିମାଣର ନିଷିଦ୍ଧ ଇୟାବା ଟାବଲେଟ୍ ଜବତ

କୋଲକାତା,୭।୮(ସଂଚାର ବ୍ୟୁରୋ): ଗୁପ୍ତ ସୂତ୍ରରୁ ସୂଚନା ପାଇ ଜିଲ୍ଲା ପୁଲିସର ସ୍ପେଶାଲ ଅପରେସନ୍ସ ଗ୍ରୁପ୍ (ଏସ୍‌ଓଜି) ଏବଂ ବଂଶୀହାରୀ ଥାନାର ପୁଲିସ ଗୁରୁବାର ମଧ୍ୟରାତ୍ରରେ ଦକ୍ଷିଣ ଦିନାଜପୁରର ବୁନିଆଦପୁର ପୌରସଭାର ପିର୍ଓଲା ଅଞ୍ଚଳରେ ଏକ ମିଳିତ ଚଢାଉ କରି ବିପୁଳ ପରିମାଣର ନିଷିଦ୍ଧ ଇୟାବା ଟାବଲେଟ୍ ଜବତ କରିଥିଲେ। ଏହି ଅପରେସନ୍ ସମୟରେ ପ୍ରାୟ ୩ ହଜାର ୫୦୦ ଇୟାବା ଟାବଲେଟ୍ ଜବତ କରାଯାଇଥିଲା, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ।

## ବେଦାନ୍ତ ଚେୟାରମ୍ୟାନ୍‌ଙ୍କୁ ଆସାମ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା



ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଆସାମରେ ଭୟାବହ ବନ୍ୟାରେ ପ୍ରଭାବିତ ଲୋକଙ୍କ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ବେଦାନ୍ତ ଚେୟାରମ୍ୟାନ୍ ଅନିଲ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥିବା ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ଆସାମର ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ କରିଥିବା ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନୀଲ ଅଗ୍ରୱାଲ୍ ଦୀର୍ଘ ଦିନ ଧରି ଆସାମର ବିକାଶ ଯାତ୍ରାର ଜଣେ ଦୃଢ଼ ସମର୍ଥକ ରହିଆସିଛନ୍ତି ଓ ବେଦାନ୍ତ ଗ୍ରୁପ୍ ଆମ ରାଜ୍ୟରେ ଉଲ୍ଲେଖନୀୟ ନିବେଶ କରିଛି। ଏହି ଭୟାବହ ବନ୍ୟା ସମୟରେ ବେଦାନ୍ତ ପୁଣି ଥରେ ଆଗକୁ ଆସି ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ୭ କୋଟି ଟଙ୍କାର ସହାୟତା ପ୍ରଦାନ କରିଛି। ଆସାମର ଲୋକଙ୍କ ସହ ଏଭଳି ଦୁଃସମୟରେ ଠିଆ ହୋଇଥିବାରୁ ଆମେ ଅନିଲ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପ୍ରତି ଆନ୍ତରିକ କୃତଜ୍ଞ ଏବଂ ସମାଜକୁ ଫେରାଇ ଦେବାରେ ତାଙ୍କର ଦୃଢ଼ ବିଶ୍ୱାସ ଏହି ଉଦାର ପଦକ୍ଷେପ ଏକ ପ୍ରତିଫଳନ। ଏହି ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ତୁରନ୍ତ ରିଲିଫ୍ କାର୍ଯ୍ୟ ଯଥା ଖାଦ୍ୟ, ଆଶ୍ରୟ, ବିଶୁଦ୍ଧ ପାନୀୟ ଜଳ ଓ ଚିକିତ୍ସା ସେବା ଯୋଗାଇବା ସହ ଦୀର୍ଘମିଆଦି ପୁନର୍ବାସ କାର୍ଯ୍ୟରେ ବ୍ୟବହାର କରାଯିବ। ତୈଳ ଓ ଗ୍ୟାସ କ୍ଷେତ୍ରରେ ନିଜର କାର୍ଯ୍ୟକଳାପ ମାଧ୍ୟମରେ ବେଦାନ୍ତ ଗ୍ରୁପ୍ର ଆସାମରେ ଦୀର୍ଘ ଦିନର ଉପସ୍ଥିତି ରହିଛି।

# ମୁଣ୍ଡପିଛା ଋଣ, ୨୫ ହଜାର ଟପିଲାଣି



ଭୁବନେଶ୍ୱର,୭।୮: ଦଶ ବର୍ଷ ଭିତରେ ଓଡିଶାରେ ମୁଣ୍ଡପିଛା ହାରାହାରି ଋଣ ପରିମାଣ ୧୧୭ ପ୍ରତିଶତ ବଢ଼ିଛି।୨୦୧୪-୧୫ ବର୍ଷରେ ମୁଣ୍ଡପିଛା ଋଣ ପରିମାଣ ଓଡିଶାରେ ୧୧,୮୭୬ ଟଙ୍କା ଥିବାବେଳେ ୨୦୨୪-୨୫ରେ ତାହା ୨୫,୮୩୮ ଟଙ୍କାକୁ ବୃଦ୍ଧି ପାଇଛି। ଏବେ ତାହାର ପରିମାଣ ଆହୁରି ଅଧିକ ହେବ ବୋଲି ଅର୍ଥଶାସ୍ତ୍ରୀମାନେ ଆଶଙ୍କା କରୁଛନ୍ତି।

ସରକାରୀ ତଥ୍ୟ ମୁତାବକ ୨୦୧୫-୧୬ ବର୍ଷରେ ଓଡିଶା ସରକାରଙ୍କ ମୋଟ୍ ଋଣ ପରିମାଣ ୫୨,୦୧୭.୩୩ କୋଟି ଟଙ୍କା ଥିଲା। ୨୦୨୫-୨୬ ବେଳକୁ ମୋଟ୍ ଋଣ ପରିମାଣ ୧,୨୦,୭୧୦ କୋଟି ୧୯ଲକ୍ଷ ଟଙ୍କାକୁ ଟପିଥିଲା। ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟର ଋଣ ପରିମାଣ ୧୩୨ ପ୍ରତିଶତରୁ ଅଧିକ ବଢ଼ିଥିବା କୁହାଯାଉଛି। ୨୦୧୬-୧୭ ବର୍ଷରେ ଓଡିଶାର ଋଣ ବୋଝ ୬୨,୧୩୫ କୋଟି ୪୬ଲକ୍ଷ ଟଙ୍କା ଥିବା ବେଳେ ୨୦୧୭-୧୮ରେ ଏହା ୭୩,୮୬୪ କୋଟି ୬୭ଲକ୍ଷ ଟଙ୍କାକୁ ଟପିଥିଲା। ରାଜ୍ୟର ଋଣ ବୋଝ କମିବା ପରିବର୍ତ୍ତେ ୨୦୧୮-୧୯ ବର୍ଷରେ ୮୧,୬୭୫ କୋଟି ୩୨ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିଲା। ପରବର୍ଷରେ ରାଜ୍ୟର ଋଣ ପରିମାଣ ୯୨,୭୭୫କୋଟି ୧୮ଲକ୍ଷ ଟଙ୍କା ଥିଲା। ୨୦୨୦-୨୧ ବର୍ଷରେ କିନ୍ତୁ ରାଜ୍ୟର ଋଣ ବୋଝ ଲକ୍ଷେ କୋଟି ଟଙ୍କାକୁ ଟପି ୧,୦୪,୪୫୨କୋଟି ୨୧ ଲକ୍ଷ ଟଙ୍କାରେ ପହଞ୍ଚିଥିଲା।

ତେବେ ୨୦୨୧-୨୨ ବର୍ଷରେ ରାଜ୍ୟ ସରକାରଙ୍କର ଋଣ ବୋଝ ହ୍ରାସ ପାଇ ୯୭,୨୦୪ କୋଟି ୯୯ଲକ୍ଷ ଟଙ୍କାରେ ପହଞ୍ଚି ଥିବାବେଳେ ୨୦୨୨-୨୩ ବର୍ଷରେ ଏହା ପୁଣି ନିମ୍ନଗାମୀ ହୋଇ ୮୮,୧୬୪ କୋଟି ୮୩ଲକ୍ଷ ଟଙ୍କାକୁ ଖସିଥିଲା। କିନ୍ତୁ ୨୦୨୩-୨୪ ବର୍ଷରେ ରାଜ୍ୟ ସରକାରଙ୍କ ଋଣ ବୋଝ ପୁଣି ଉପରମୁହାଁ ହୋଇ ୯୬,୩୧୦ କୋଟି ୪୨ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ଏହା ବଢ଼ି ବଢ଼ି ଏବେ ୧ଲକ୍ଷ ୩୫ ହଜାର କୋଟି ଟଙ୍କାରେ ପହଞ୍ଚିଥାଇ ପାରେ ବୋଲି ଆକଳନ କରାଯାଉଛି। ରାଜ୍ୟ ବଜେଟର ପ୍ରମୁଖ ଅଂଶ ଋଣରୁ ଆସୁଥିବାବେଳେ ଋଣ ଓ ସୁଧ ପରିଶୋଧ ବାବଦ ବୋଝ ବି ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲୁଛି। ତେବେ ସରକାରଙ୍କ ପାଇଁ ଆଶ୍ୱାସନର ବିଷୟ ହେଉଛି ଯେ ଏଫ୍ଆରବିଏମ୍ ଆଇନ୍ ଅନୁଯାୟୀ ଜିଡିପି ତୁଳନାରେ ଋଣ ବୋଝ ନିର୍ଦ୍ଧାରିତ ସୀମା ୨୫ ପ୍ରତିଶତ ତଳକୁ ରହୁଛି।

ଏଠାରେ ଉଲ୍ଲେଖନୀୟ ଯେ ଏବେ କେନ୍ଦ୍ର ସରକାରଙ୍କ ଋଣ ବୋଝ ୨୦୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିବାବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ପରିମାଣ ୨୧୮ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଭାରତ ସରକାରଙ୍କ ବଜେଟ୍ ଅଟକଳରୁ ଜଣାପଡୁଛି। ଏଥି ମଧ୍ୟରେ ବୈଦେଶିକ ଋଣର ପରିମାଣ ୫ଲକ୍ଷ କୋଟି ଟଙ୍କା ରହିଥିବା କୁହାଯାଉଛି। ଓଡିଶା ତୁଳନାରେ ଭାରତ ସରକାରଙ୍କ ଋଣ କିନ୍ତୁ ଜିଡିପି ତୁଳନାରେ ଢେର ଅଧିକ ରହୁଛି।

ରାଜ୍ୟ ସରକାରମାନଙ୍କ ମୋଟାମୋଟି ଋଣ ପରିମାଣ ଏବେ ୧୫୦ ଲକ୍ଷ କୋଟି ଟଙ୍କା ଆଡକୁ ମୁହାଁଉଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାଇଁ ଆଶ୍ୱାସନାର କଥା ହେଉଛି ଯେ ପଞ୍ଜାବ, ମହାରାଷ୍ଟ୍ର, କେରଳ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଭଳି ବହୁ ରାଜ୍ୟ ତୁଳନାରେ ଓଡ଼ିଶାର ଋଣଭାର ଢେର କମ୍ ରହିଛି। ରାଜ୍ୟ ସରକାରଙ୍କ ବଜେଟ୍‌ରେ ଆୟର ମୁଖ୍ୟାଂଶ ଖଣି, ଅବକାରୀ, ବାଣିଜ୍ୟ କର, ଜିଏସ୍‌ଟି ଆଦିରୁ ଆସୁଛି। ବ୍ୟାପକ ଶିଳ୍ପାୟନ ଓ ଖଣି ଖନନ ସତ୍ତ୍ୱେ ରାଜ୍ୟର ଋଣ ବୋଝ କିମ୍ବା ବେକାରୀ ସମସ୍ୟା ହ୍ରାସ ପାଉନାହିଁ। ଅର୍ଥଶାସ୍ତ୍ରୀମାନେ କହୁଛନ୍ତି ଯେ ଗ୍ରାମ୍ୟ ଅର୍ଥନୀତି ସୁଦୃଢ଼ ହେବା ସହ ସମବାୟ ଭିତ୍ତିରେ ଲବଣ, ବୟନ ଆଦି ଶିଳ୍ପର ବିକାଶ ଘଟିଲେ ଓ ରାଜ୍ୟରେ ଉତ୍ପାଦିତ ହେଉଥିବା ଶିଳ୍ପ ସାମଗ୍ରୀକୁ ଆଧାର କରି ସହାୟକ ଶିଳ୍ପମାନ ସାଧାରଣ ଲୋକେ ପ୍ରତିଷ୍ଠା କଲେ ରାଜ୍ୟର ଅର୍ଥନୀତି ସୁଦୃଢ଼ ହୋଇପାରିବ। (ତଥ୍ୟ)

## ଦୁଷ୍କର୍ମ ଅଭିଯୋଗରେ ସିଭିକ ଭଲ୍ୟୁଣ୍ଟିୟର ଗିରଫ

କୋଲକାତା, ୭।୮ (ସଂଚାର ବ୍ୟୁରୋ): ଧୂପଗୁଡ଼ିର ତିନିଜଣ ସିଭିକ ଭଲେଣ୍ଟିୟରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆସିଛି। ଏହି ତିନିଜଣ ସିଭିକ ଭଲେଣ୍ଟିୟର ମେଖଲିଗଞ୍ଜରୁ ଜଣେ ଯୁବତୀଙ୍କୁ ଧୂପଗୁଡ଼ି ଆଣି ଏକ ଘର ଭଡ଼ା ନେଇ ତାଙ୍କ ପ୍ରତି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ସପ୍ତାହରେ ଅଭିଯୁକ୍ତମାନେ ମେଖଲିଗଞ୍ଜର ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ଧୂପଗୁଡ଼ି ଆଣିଥିଲେ। ସେଠାରେ ସେମାନେ ତାଙ୍କୁ ଏକ ଭଡାଘରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲେ। ପୀଡ଼ିତା ମେଖଲିଗଞ୍ଜ ଥାନାରେ ଏକ ଅଭିଯୋଗ କରିବା ପରେ କୋଚବିହାର ଜିଲ୍ଲା ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା ଯେ ତିନି ଜଣ ଅଭିଯୁକ୍ତ ଧୂପଗୁଡ଼ି ଥାନାରେ ସିଭିକ ଭଲେଣ୍ଟିୟର ଭାବରେ ନିଯୁକ୍ତି ପାଇଥିଲେ। ସେମାନେ ମୋବାଇଲ୍ ପାଟ୍ରୋଲ୍ ୟୁନିଟର ସାଦା ପୋଷାକ ପିନ୍ଧା ପୁଲିସ କର୍ମଚାରୀଙ୍କ ସହିତ ନିୟମିତ ଭାବରେ କାର୍ଯ୍ୟ କରୁଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏନ୍‌ଟିଏର ୩...

ଅନୁଚ୍ଛେଦଗୁଡ଼ିକୁ ଚିହ୍ନିତ କରୁଥିଲେ। ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍‌ଟିଏ)ର ବିଶେଷଜ୍ଞମାନେ ପ୍ରଶ୍ନପତ୍ର ଲିକ୍ କରିଥିଲେ ବୋଲି ସିବିଆଇର ଚାର୍ଜସିଟ୍‌ରେ ସ୍ପଷ୍ଟ ଉଲ୍ଲେଖ କରିଛି। ସିବିଆଇ ଦର୍ଶାଇଛି ଯେ ପ୍ରଶ୍ନ ପ୍ରସ୍ତୁତି ଓ ଅନୁବାଦ ପ୍ରକ୍ରିୟା ସମୟରେ ପିଭି କୁଲକର୍ଣ୍ଣୀ, ମନୀଷା ମନ୍ଧାରେ ଓ ମନୀଷା ହାବଲଦାରଙ୍କର ବିଭିନ୍ନ ବିଭାଗରେ ପ୍ରବେଶ ଥିଲା। ସେମାନେ କାଗଜ ସ୍ଲିପରେ ପ୍ରଶ୍ନଗୁଡ଼ିକୁ କପି କରୁଥିଲେ, ଏନ୍‌ସିଇଆର୍‌ଟି ଅଧ୍ୟାୟ ଓ ଅନୁଚ୍ଛେଦଗୁଡ଼ିକୁ ଚିହ୍ନଟ କରୁଥିଲେ ଓ ବିଶ୍ୱସ୍ତ ମଧ୍ୟସ୍ଥ ଏବଂ କୋଚିଂ ନେଟୱାର୍କ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସହିତ ସେୟାର କରୁଥିଲେ। ଏହି ପଦ୍ଧତିଟି ଡିଜିଟାଲ୍ ପ୍ରମାଣ ନ ରଖିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସିବିଆଇ ଅନୁମାନ କରୁଛି। ସିବିଆଇ ଦାବି କରିଛି ଯେ ଆର୍ଥିକ ଲାଭ ଓ କିଛି ଅଭିଯୁକ୍ତଙ୍କ ଦ୍ୱାରା ପରିଚାଳିତ କୋଚିଂ କ୍ଲାସର ସଫଳତା ହାରକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଏହି ଲିକ୍ କରାଯାଇଥିଲା। ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ନିଜେ ହାତରେ ଲେଖି ନେବାକୁ କୋଚିଂ ଅନୁଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଉଥିଲେ।

### ଓଡ଼ିଶା ହେବ ଖାଦ୍ୟ...

ସୃଷ୍ଟିର ସମ୍ଭାବନା ରହିଛି। ଏହା ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ପରିବେଶ ପ୍ରତି ଶିଳ୍ପଜଗତର ବଢୁଥିବା ଆସ୍ଥାକୁ ପୁନଃସୁନିଶ୍ଚିତ କରୁଛି। ଏହାବ୍ୟତୀତ ଓଡ଼ିଶା ସରକାର ୧୨ଟି ନିବେଶ ଇଚ୍ଛାପତ୍ର ପାଇଛନ୍ତି, ଯେଉଁଥିରେ ୧,୬୮୯ କୋଟିର ନିବେଶ ପ୍ରସ୍ତାବ ସହ ୮,୦୬୪ ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି। ମୋଟ ଉପରେ ପ୍ରଥମ ଦିନରେ ଓଡ଼ିଶା ସରକାର ୪୩,୪୩୭ କୋଟିର ନିବେଶ ପ୍ରସ୍ତାବ ସୁରକ୍ଷିତ କରିଛନ୍ତି। ଏହାଦ୍ୱାର ୪୩,୩୧୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ରାଜ୍ୟର ଦ୍ରୁତ ବିକଶିତ ଖାଦ୍ୟ ପ୍ରକ୍ରିୟାକରଣ ପରିବେଶ ପ୍ରତି ନିବେଶକଙ୍କ ଆଗ୍ରହକୁ ପ୍ରତିଫଳିତ କରୁଛି। ନିବେଶକଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣକୁ କେବଳ ଏକ ଶିଳ୍ପ କ୍ଷେତ୍ର ଭାବେ ଦେଖୁନାହିଁ, ବରଂ ଏହା ଏକ ଆର୍ଥିକ ରୂପାନ୍ତର ଯାହା ସିଧାସଳଖ କୃଷକ, ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଓ ଗ୍ରାମୀଣ ଉଦ୍ୟୋଗକୁ ଲାଭାନ୍ୱିତ କରେ।

ସରକାରଙ୍କ ଲକ୍ଷ୍ୟ ହେଉଛି ରାଜ୍ୟରେ ଉତ୍ପାଦିତ ପ୍ରତ୍ୟେକ ପ୍ରମୁଖ କୃଷି ଓ ସାମୁଦ୍ରିକ ଉତ୍ପାଦ ରାଜ୍ୟ ଭିତରେ ପ୍ରକ୍ରିୟାକରଣ ହେଉ, ଯାହା ଉତ୍ପାଦକଙ୍କ ଆୟ ବଢ଼ାଇବ ଏବଂ ଯୁବକଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୃଷ୍ଟି କରିବ। ଓଡ଼ିଶା ନିବେଶକଙ୍କୁ ପ୍ରଚୁର କଞ୍ଚାମାଲ, ୧୦ଟି କୃଷି-ଜଳବାୟୁ ଅଞ୍ଚଳ, ୫୭୫ କିମି ଉପକୂଳରେଖା, ବିକଶିତ ମତ୍ସ୍ୟଚାଷ, ବିସ୍ତାରିତ ବନ୍ଦର ଅବସ୍ଥାପନା, ଉନ୍ନତ ଲଜିଷ୍ଟିକ୍ସ ସଂଯୋଗ ଏବଂ ଭାରତର ଅନ୍ୟତମ ନିବେଶକ-ବନ୍ଧୁ ନୀତି ପରିବେଶ ପ୍ରଦାନ କରୁଛି। ଏହି ପ୍ରାକୃତିକ ସୁବିଧା ଶିଳ୍ପକୁ କଞ୍ଚାମାଲ ସଂଗ୍ରହରୁ ଉତ୍ପାଦନ, ରପ୍ତାନୀ ଓ ବିଶ୍ୱ ବଜାର ପ୍ରବେଶ ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ପରିବେଶ ପ୍ରଦାନ କରୁଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଟି ରଣନୀତିକ ସ୍ତମ୍ଭ ଉପରେ ଆଧାରିତ ଏକ ଦୀର୍ଘକାଳୀନ ରୋଡମ୍ୟାପ୍ ମଧ୍ୟ ଉନ୍ମୋଚନ କରିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ କ୍ଲଷ୍ଟର ସୃଷ୍ଟି, ଏକୀକୃତ କୋଲ୍ଡ-ଚେନ୍ ଓ ଗୋଦାମ ଅବସ୍ଥାପନା ବିସ୍ତାର, ଖାଦ୍ୟ ଗୁଣବତ୍ତା ଓ ପ୍ରମାଣୀକରଣ ବ୍ୟବସ୍ଥା ସୁଦୃଢ଼ୀକରଣ, ଏଫପିଓ, ଏମଏସଏମଇ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଂଗଠିତ ଶିଳ୍ପ ସହ ଗଭୀର ଏକୀକରଣ ଏବଂ ବିଶ୍ୱସ୍ତରୀୟ ଦକ୍ଷ କାର୍ଯ୍ୟଶକ୍ତି ବିକାଶ। ସେ କହିଥିଲେ ଯେ ଏହି ପଦକ୍ଷେପ ଆସନ୍ତା ଦଶକରେ ଓଡ଼ିଶାକୁ ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା କରିବ। ନିବେଶ ସୁବିଧା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇବା ସହ ମୁଖ୍ୟମନ୍ତ୍ରୀ ଶିଳ୍ପଜଗତକୁ ଆଶ୍ୱାସନା ଦେଇଥିଲେ ଯେ ଟିମ୍ ଓଡ଼ିଶା ପ୍ରକଳ୍ପ ଧାରଣାରୁ ଆରମ୍ଭ କରି କମିଶନିଂ ପର୍ଯ୍ୟନ୍ତ ସ୍ୱଚ୍ଛତା, ଦ୍ରୁତ ଅନୁମୋଦନ ଓ ନିରନ୍ତର ସାଂସ୍ଥାନିକ ସହଯୋଗ ମାଧ୍ୟମରେ ନିର୍ବିଘ୍ନ ସମର୍ଥନ ଜାରି ରଖିବ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ‘ଆମର ଲକ୍ଷ୍ୟ ହେଉଛି ଆମର କୃଷି ଓ ସାମୁଦ୍ରିକ ସମ୍ପଦର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୋଚନ କରି ଓଡ଼ିଶାକୁ ମୂଲ୍ୟ ଯୋଗ ଖାଦ୍ୟ ପ୍ରକ୍ରିୟାକରଣର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ରୂପାନ୍ତରିତ କରିବା। ଆମେ ଏକ ଏକୀକୃତ ପରିବେଶ ଗଢୁଛୁ ଯେଉଁଠି କୃଷକ, ଏମ୍‌ଏସ୍‌ଏମ୍‌ଇ, କୃଷକ ଉତ୍ପାଦକ ସଂଗଠନ, ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଓ ବିଶ୍ୱ ଶିଳ୍ପ ଏକ ସହ ବଢ଼ିବ, ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବ, ଗ୍ରାମୀଣ ଆୟ ବଢ଼ାଇବ ଏବଂ ସ୍ଥାୟୀ ଶିଳ୍ପ ବିକାଶକୁ ଆଗେଇ ନେବ।

### ୨୩ ଜିଲ୍ଲା ପ୍ରଭାବିତ; ...

କହିଛନ୍ତି। ଜିଲ୍ଲାପାଳମାନେ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବା ସହ ବନ୍ୟା ମୁକାବିଲା ପାଇଁ ପ୍ରଦତ୍ତ ଆର୍ଥିକ ସହାୟତାରୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ଅର୍ଥ ଆବଶ୍ୟକ ହେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାହା ମଧ୍ୟ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସରକାର ୧୧୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବା ବେଳେ ଏହା ସିଧାସଳଖ କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷ ବା ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନଙ୍କୁ ଅଧିକୃତ କରାଯାଇଛି। ସେହିପରି କ୍ଷତିଗ୍ରସ୍ତ ଜନସାଧାରଣଙ୍କ ଡାଟାବେସ୍ ପ୍ରସ୍ତୁତ କରି ବିଭାଗକୁ ପଠାଇବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ମୁକାବିଲା ବ୍ୟବସ୍ଥାର ବିସ୍ତୃତ ଆଲୋଚନା କରି ବନ୍ୟାର ପ୍ରଚ୍ଛଦ ପରିସ୍ଥିତି ଓ କାରଣ, ଚଳିତ ବର୍ଷ ଏକାସାଙ୍ଗରେ ଏକାଧିକ ନଦୀରେ ବନ୍ୟା ଆସିବା, ଜଳ ନିଷ୍କାସିତ ହେବାରେ ରହିଥିବା ସମସ୍ୟା, ଘେରିବନ୍ଧର ଆବଶ୍ୟକତା ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ଆଲୋଚନା କରିଛନ୍ତି। ସେହିପରି ଯେଉଁ ଜାତୀୟ ରାଜପଥ ତଥା ଅନ୍ୟାନ୍ୟ ରାସ୍ତା ବନ୍ୟା ଜଳରେ ପ୍ରଭାବିତ ହେଉଛନ୍ତି, ସେଇସବୁ ରାସ୍ତାର ମରାମତି ତଥା ଅନ୍ୟ ସମାଧାନ ବ୍ୟବସ୍ଥା ନିମନ୍ତେ ମଧ୍ୟ ପୂର୍ତ୍ତ ତଥା ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ସହ ଆଲୋଚନା କରାଯାଇଛି।

### କଳାବଜାରୀ ଓ ହୋର୍ଡିଂ...

ପାଇଁ କେନ୍ଦ୍ରୀୟ କର୍ତ୍ତୃପକ୍ଷ, ସାର ଉତ୍ପାଦନକାରୀ କମ୍ପାନୀ, ମାର୍କଫେଡ୍ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରି ଏକ ସମନ୍ୱିତ ମାସିକ ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାଛଡ଼ା ତୃଣମୂଳ ସ୍ତରର ସମବାୟ ସମିତିଗୁଡ଼ିକର ଆବଶ୍ୟକତା ଓ ଗଚ୍ଛିତ ସ୍ଥିତିକୁ ଦୃଷ୍ଟିରେ ରଖି ଯୋଗାଣ ଜାରି ରଖିବାକୁ ଉତ୍ପାଦନକାରୀ କମ୍ପାନୀ ଓ ମାର୍କଫେଡ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ସ୍ୱାର୍ଥରକ୍ଷା ଓ କଳାବଜାରୀ ରୋକିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ସାରର ସଠିକ୍ ବିନିଯୋଗ ଉପରେ କଡ଼ା ନଜର ରଖିବା ସହ କଳାବଜାରୀ, ଚୋରା ଚାଲାଣ, କୃତ୍ରିମ ଅଭାବ ଓ ବେଆଇନ ସୀମା ପାର୍ ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀମାନଙ୍କୁ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଗୁଣାତ୍ମକ ମାନର ସାର ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ କୃଷି, ରାଜସ୍ୱ ଓ ପୁଲିସ୍ ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି।

### ତ୍ୱରାନ୍ୱିତ ହେବ ଆର୍ଥିକ...

ସୁରକ୍ଷିତ କରିବା ସହ ସମଗ୍ର ଅଞ୍ଚଳର ଆର୍ଥିକ ଓ ସାମାଜିକ ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବ। ସାଂସଦଙ୍କ ଏହି ଗସ୍ତ ସମୟରେ ଅନୁଗୋଳ, ଆଠମଲ୍ଲିକ ସମେତ ବିଭିନ୍ନ ସ୍ଥାନରେ ସ୍ଥାନୀୟ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ସାପ କାମୁଡ଼ାରେ...

ସୂଚନାନୁସାରେ, ଗତକାଲି ରାତିରେ ସେମାନେ ଶୋଇଥିବା ସମୟରେ ଘର ଭିତରେ ସାପ ପଶି ଲଳିତା ଓ ଅମିତ୍‌ଙ୍କୁ କାମୁଡ଼ି ଦେଇଥିଲା। ସେମାନେ ଯନ୍ତ୍ରଣାରେ ଚିତ୍କାର କରିଥିଲେ। ପାଖରେ ଶୋଇଥିବା ଅଜୟ ଉଠିପଡ଼ି ଦେଖିବା ବେଳକୁ ରଣା ସାପଟି ଘର ବାହାରକୁ ଚାଲିଯାଉଛି। ତୁରନ୍ତ ଉଭୟ ଲଳିତା ଓ ଅମିତ୍‌ଙ୍କୁ ଅଜୟ ନିକଟସ୍ଥ ରାୟଗଡ଼ା ସିଏଚ୍‌ସିକୁ ନେଇଥିଲେ। କିନ୍ତୁ ପରେ ସେମାନଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତରମାନଙ୍କ ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ଉଭୟଙ୍କୁ ବଞ୍ଚାଯାଇପାରିନଥିଲା ଓ ଉଭୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

### ରାକ୍ଷୀ ପୂର୍ଣ୍ଣିମାରେ...

ଆର୍ଥିକ ସହାୟତା ପାଇବେ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କହିବାନୁଯାୟୀ, ଗତ ୨୫ ତାରିଖ ସୁଦ୍ଧା ଜିଲ୍ଲା ସ୍ତରରୁ ଯେଉଁ ନାମଗୁଡ଼ିକ ଅନୁମୋଦନ ପାଇ ସରକାରଙ୍କ ନିକଟକୁ ପହଞ୍ଚିଥିବ, ସେହି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସିଧାସଳଖ ଟଙ୍କା ପଠାଯିବ। ଏହା ଫଳରେ ଅପେକ୍ଷାରେ ଥିବା ଅନେକ ମହିଳା ଉପକୃତ ହେବେ। ସୁଭଦ୍ରା ଯୋଜନା ଓଡ଼ିଶା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ମହିଳା କଲ୍ୟାଣ ଯୋଜନା। ଏହା ମାଧ୍ୟମରେ ଯୋଗ୍ୟ ମହିଳାମାନଙ୍କୁ ପର୍ଯ୍ୟାୟ କ୍ରମେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯାହା ସେମାନଙ୍କ ଆର୍ଥିକ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରିବାରେ ସହାୟକ ହେଉଛି। ଏହି ଯୋଜନାରେ ଯୋଗ୍ୟ ମହିଳାମାନଙ୍କୁ ପ୍ରତିବର୍ଷ ୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ପ୍ରତିବର୍ଷ ପ୍ରଥମ କିସ୍ତି ରକ୍ଷାବନ୍ଧନ ଦିବସରେ ଓ ଦ୍ୱିତୀୟ କିସ୍ତି ଅନ୍ତର୍ଜାତୀୟ ମହିଳା ଦିବସରେ ପ୍ରଦାନ କରାଯାଉଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ



ହିଞ୍ଜିଳିକାଟୁ ,୭/୮ (ସଂଚାର ବ୍ୟୁରୋ)ଃ ହିଞ୍ଜିଳି ଥାନା ସିକିରି ଗ୍ରାମ ନଦୀପଠାରେ ଗୁରୁବାର ରାତିରେ ଏକ ଜୁଆ ଆଡ୍ଡା ଚାଲିଥିବା ବେଳେ ହିଞ୍ଜିଳି ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ଅଚାନକ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ପାଖରୁ ୨୨ ହଜାର ୩୫୦ ଟଙ୍କା, ୬ଟି ମୋଟର ସାଇକେଲ ଓ ୫ଟି ମୋବାଇଲ ଜବତ କରାଯାଇଛି । ଏ ନେଇ ହିଞ୍ଜିଳି ଥାନାରେ ୫୩୧/୨୬ରେ ମାମଲା ରୁଜୁ ହୋଇଛି । ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀଙ୍କ ନିର୍ଦ୍ଦେଶରେ ଏସଆଇ ଧରିତ୍ରୀ ବିଶ୍ୱାଳଙ୍କ ସମେତ ପୁଲିସ କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ । ଆଗକୁ ଏମିତି ଜୁଆଡ଼ି ମାନଙ୍କ ଆଡ୍ଡାସ୍ଥଳୀ ଉପରେ ଚଢ଼ାଉ ଜାରି ରହିବା ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

## ସ୍ୱାମୀଙ୍କୁ ଖୋଜିବାକୁ ଯାଇ ମରଣାନ୍ତକ ଆକ୍ରମଣର ଶିକାର ହେଲେ ସ୍ତ୍ରୀ

### ଏସ୍‌ପି ପାଖରେ ନ୍ୟାୟ ଭିକ୍ଷା କଲେ ଦମ୍ପତି



ବାଲିଆପାଳ, ୭/୮ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ଅଁଳାଡିହା ଗ୍ରାମର ପବିତ୍ରା ପାତ୍ର ଗତ ରବିବାର ତାଙ୍କ ସ୍ୱାମୀ ବିବର୍ତ୍ତନ ପାତ୍ରଙ୍କୁ ପୁଅ ପାଇଁ ଖାଇବା ଆଣିବା ଉଦ୍ଦେଶ୍ୟରେ ଦୋକାନକୁ ପଠେଇଥିଲେ। ମାତ୍ର ବହୁତ ବିଳମ୍ବ ହେବାରୁ ପାଖରେ ଥିବା ପଖା ଛକ ନିକଟକୁ ସ୍ୱାମୀଙ୍କୁ ଖୋଜିବା ପାଇଁ ଯାଇଥିଲେ। ସେଠାରେ ବିବର୍ତ୍ତନ ଏବଂ ସେହି ଗ୍ରାମର ଯୁବକ ରଞ୍ଜନ ଜେନା ବସି ଛକ ଉପରେ ମଦ୍ୟ ପାନ କରୁଥିବା ଦେଖି ପବିତ୍ରା ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ସେହି କଥାରେ ଉତ୍ୟକ୍ତ ହୋଇ ରଞ୍ଜନ ପବିତ୍ରାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରି ତାଙ୍କୁ ତଳେ ପକାଇ ପେଟକୁ ଗୋଇଠା ମାରୁଥିବା ଦେଖି ସ୍ୱାମୀ ବିରୋଧ କରିଥିଲେ। ପାଟି ତୁଣ୍ଡ ଶୁଣି ସେଠାରେ ଲକ୍ଷ୍ମୀଧର ଜେନା, ରମେଶ ଜେନା, ଶକ୍ତିଧର ଜେନା ପହଞ୍ଚି ସ୍ୱାମୀ, ସ୍ତ୍ରୀ ଉଭୟଙ୍କୁ ସଂଘ ବଦ୍ଧ ଭାବେ ମାଡ ମାରିବା ସହିତ କାନଫୁଲ, ବେକରୁ ସୁନାଚେନ୍ ଏବଂ ତାଙ୍କ ସ୍ୱାମୀଙ୍କ ପକେଟ୍‌ରୁ ପାଞ୍ଚ ହଜାର ଟଙ୍କା ନେଇ ପଳାଇ ଯାଇଥିଲେ। ପବିତ୍ରା ସେହି ଜାଗାରୁ ଅଚେତ ଅବସ୍ଥାରେ ପ୍ରଥମେ ପ୍ରତାପପୁର ପରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ରେଫର ହୋଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବା ପରେ ରେମୁଣା ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ଏନେଇ ରବିବାର ବିବର୍ତ୍ତନ ପ୍ରଥମେ ଜାମ କୁଣ୍ଡା ଫାଣ୍ଡି ପରେ ପବିତ୍ରା ଟିକେ ସୁସ୍ଥ ହେବା ପରେ ବୁଧବାର ବାଲେଶ୍ୱର ଏସପିଙ୍କୁ ନ୍ୟାୟ ଭିକ୍ଷା କରିଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ପବିତ୍ରା ବାଲିଆପାଳ ଥାନାରେ ବିନା ଦୋଷରେ ତାଙ୍କୁ ମାଡ଼ ମାରିଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

## ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୟ ବିରୋଧରେ ମିଳିତ ଚଢ଼ାଉ

● ୩୩୫୦ ଟଙ୍କା ଜରିମାନା ଆଦାୟ



ବାରିପଦା,୭/୮ (ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲାର ମହୁଲଡିହା ଓ ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ, ଡ୍ରଗ ଇନ୍ସପେକ୍ଟର, ମୟୂରଭଞ୍ଜ ରେଞ୍ଜ- ୧ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ ବିରୋଧରେ ଚଢ଼ାଉ ଓ ଯାଞ୍ଚ ଅଭିଯାନ କରାଯାଇଥିଲା । ଏହି ଅଭିଯାନ ସମୟରେ ଉଭୟ ଥାନା ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ନିକଟସ୍ଥ ଅଞ୍ଚଳ ଓ ବଜାର ପରିସରରେ ଥିବା ପାନ ଦୋକାନ, ଗ୍ରୋସେରୀ ଦୋକାନ ଏବଂ ଅନ୍ୟାନ୍ୟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଅଚାନକ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବିଭିନ୍ନ ପ୍ରକାର ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ କରାଯାଉଥିବା ଦେଖାଯାଇଥିଲା ।

ଶିକ୍ଷା ଅନୁଷ୍ଠାନ ନିକଟରେ ତମାଖୁଜାତ ସାମଗ୍ରୀ ବିକ୍ରୟ ନିଷିଦ୍ଧ ଥିବା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବିକ୍ରୟ କରାଯାଉଥିବା ଅଭିଯୋଗରେ ଉଭୟ ଥାନା ଅଞ୍ଚଳରେ ମୋଟ ୨୦ଟି ଦୋକାନକୁ ଚିହ୍ନଟ କରାଯାଇଥିଲା । ସମ୍ପୃକ୍ତ ଦୋକାନୀମାନଙ୍କ ଠାରୁ ମୋଟ ୩୩୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହା ସହ ଭବିଷ୍ୟତରେ ଏପରି ନିୟମ ଉଲ୍ଲଂଘନ ନ କରିବା ପାଇଁ ସତର୍କ କରାଯାଇଥିଲା ।

# ସାଇଁକୁଳ ବଇଁଚବଣିଆ ସାହି ରାସ୍ତା ଅବସ୍ଥା ଶୋଚନୀୟ

● ବଡ଼ ବଡ଼ ଖାଲ ସାଙ୍ଗକୁ ପାଣି କାଦୁଅ ପଚପଚ ● ଯାତାୟାତରେ ସମସ୍ୟା ● ଲୋକେ ହନ୍ତସନ୍ତ



ଆନନ୍ଦପୁର,୭/୮ (ସଂଚାର ବ୍ୟୁରୋ)ଃ ଘସିପୁରା ବ୍ଲକ୍ ସାଇଁକୁଳ ପଞ୍ଚାୟତ ଅନ୍ତର୍ଗତ ବଇଁଚବଣିଆ ସାହିର ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଅବସ୍ଥା ଏମିତି ଯେ, ଗାଡ଼ି ଚଳାଚଳ ତ ଦୂରର କଥା, ପାଦରେ ଚାଲିବା ମଧ୍ୟ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରେଙ୍ଗାଲି କେନାଲ ଖନନ କାମ ସମୟରେ ଭାରୀ ଗାଡ଼ି ଏହି ରାସ୍ତା ଦେଇ ନିୟମିତ ଚଳାଚଳ କରିବାରୁ ରାସ୍ତାର ଅବସ୍ଥା ଦିନକୁ ଦିନ ଖରାପ ହେଉଛି। ରାସ୍ତାରେ ବଡ଼ ବଡ଼ ଖାଲ ହେବା ସହ କାଦୁଅ ଓ ପାଣି ଜମି ରହୁଛି। ଏହା ସହିତ ରାସ୍ତା ତଳେ ଯାଇଥିବା ପାଣି ପାଇପ୍ ମଧ୍ୟ ଫାଟିଯାଇଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ଯାତାୟାତ କରିବା ସହ ପାଣି ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ଆହୁରି ଅଭିଯୋଗ ହେଉଛି ରାସ୍ତା ନିର୍ମାଣ ଓ ମରାମତି ପାଇଁ ମରମ ବ୍ୟବହାର ହେଉଥିବା ବେଳେ, ରାସ୍ତାରେ ମୁଠାଏ ମରମ ପକାଇବାକୁ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ପ୍ରତିଦିନ ଛୋଟ ବଡ଼ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକେ ଏବେ ତୁରନ୍ତ ରାସ୍ତା ମରାମତି ଦାବି କରିଛନ୍ତି।

ତେବେ ପ୍ରଶ୍ନ ଉଠୁଛି, କେନାଲ କାମ ପାଇଁ ଯଦି ରାସ୍ତା ନଷ୍ଟ ହେଉଛି, ତାହାର ମରାମତି ଦାୟିତ୍ୱ କାହାର ? ବଇଁଚବଣିଆ ସାହିବାସୀଙ୍କ ଏହି ସମସ୍ୟା ପ୍ରତି ତୁରନ୍ତ ଆନନ୍ଦପୁର ବ୍ଲକ୍ ପ୍ରଶାସନ ଓ ଉପଜିଲ୍ଲାପାଳ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦାବି ହୋଇଛି।

## ନିଟ୍ ପରୀକ୍ଷାରେ ସଫଳ ଶିବଶଙ୍କରଙ୍କୁ ସମ୍ବର୍ଦ୍ଧିତ କଲେ ବସ୍ତା ବିଧାୟିକା



ବାଲିଆପାଳ, ୭/୮ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅନ୍ତର୍ଗତ ବିଲକୁମ୍ଭାରୀ ଗ୍ରାମର ହରେକୃଷ୍ଣ ପାତ୍ର ଓ ମଞ୍ଜୁଲତା ପାତ୍ରଙ୍କ ବଡ଼ ପୁଅ ଶିବଶଙ୍କର ପାତ୍ର ଚଳିତ ବର୍ଷର ନିଟ୍ ପ୍ରବେଶିକା ପରୀକ୍ଷାରେ ୭୨୦ ନମ୍ବରରୁ ୬୪୮ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ଗୌରବମୟ ସଫଳତା ଅବସରରେ ଗୁରୁବାର ତାଙ୍କ ବାସଭବନରେ ପହଞ୍ଚି ଶିବଶଙ୍କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା। ବିଧାୟିକା ଶ୍ରୀମତୀ ଜେନା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶିବଶଙ୍କରଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ବାଲିଆପାଳ ଓ ବାଲେଶ୍ୱର ଜିଲ୍ଲା ପାଇଁ ମଧ୍ୟ ଗର୍ବର ବିଷୟ। ତାଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତି ଏହି ସଫଳତାର ମୂଳ ଆଧାର ବୋଲି ବିଧାୟିକା ଶ୍ରୀମତୀ ଜେନା ମତ ପ୍ରକାଶ କରିବା ସହ ମହାପ୍ରଭୁଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

## ଥାନାରୁ ନ୍ୟାୟ ନପାଇ ଏସ୍‌ପିଙ୍କୁ ଜଣାଇଲେ ଗୁହାରୀ

କୋରେଇ, ୭/୮ (ସଂଚାର ବ୍ୟୁରୋ)ଃ ଯାଜପୁର ସଦର ଥାନା ଅନ୍ତର୍ଗତ ମିରଚାନ୍ଦପୁର ଗ୍ରାମରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ସଦର ଥାନାରୁ ନ୍ୟାୟ ନପାଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପରିବାର ଲୋକେ ନ୍ୟାୟ ପାଇଁ ଗୁହାରୀ କରିଥିବା ନେଇ ସୂଚନା ଦେଇଛନ୍ତି।



ଖବରରୁ ପ୍ରକାଶ ଯେ, ମିରଚାନ୍ଦପୁର ଗ୍ରାମର ଜନୈକ ଯୁବକ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି ପୀଡ଼ିତାଙ୍କ ପରିବାର। ପରିବାର ପକ୍ଷରୁ ଅଭିଯୋଗ ଅନୁସାରେ, ଅଭିଯୁକ୍ତ ନାବାଳିକାଙ୍କୁ ଏକ ପୁରୁଣା ଓ ନିର୍ଜନ ଘରକୁ ନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିଲେ। ସେହି ସମୟରେ ନାବାଳିକାଙ୍କ ମା' ଓ ଭାଉଜ ସେଠାରେ ପହଂଚିଥିଲେ। ସେମାନେ ନାବାଳିକାଙ୍କୁ ଉଦ୍ଧାର କରିବା ବେଳେ ସେ ଅଚେତ ଅବସ୍ଥାରେ ଥିବା ସହ ପୋଷାକ ବିହୀନ ଅବସ୍ଥାରେ ଥିବା କହିଛନ୍ତି। ସେମାନଙ୍କୁ ଦେଖି ଅଭିଯୁକ୍ତ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ମଧ୍ୟ ପରିବାର ପକ୍ଷରୁ କୁହାଯାଇଛି।

ପରିବାରର କହିବା ଅନୁଯାୟୀ, ଘଟଣା ପରଠାରୁ ନାବାଳିକା ମାନସିକ ଭାବେ ଅତ୍ୟନ୍ତ ଭାଙ୍ଗିପଡ଼ିଛନ୍ତି। ଘଟଣା ପରେ ପୀଡ଼ିତାଙ୍କ ବାପା ଓ ମା' ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। କିନ୍ତୁ ଅଭିଯୋଗ ଦାଖଲ ହେବାର ପ୍ରାୟ ୨୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଅଭିଯୋଗ କରିଛନ୍ତି ପରିବାର ସଦସ୍ୟ। ଏହାସହ ମାମଲାର ଅଗ୍ରଗତି ସମ୍ପର୍କରେ ପଚାରିବା ପାଇଁ ଥାନାକୁ ଯାଇଥିବା ବେଳେ ଥାନାଧିକାରୀ ଓ କିଛି ପୁଲିସ୍ କର୍ମଚାରୀ ସେମାନଙ୍କ କଥା ଶୁଣୁନାହାନ୍ତି ମଧ୍ୟ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

## ପାଟରଙ୍ଗା ପଞ୍ଚାୟତରେ ବିଧାୟକଙ୍କ ଦ୍ୱାରା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



କୋରେଇ,୭/୮ (ସଂଚାର ବ୍ୟୁରୋ)ଃ କୋରେଇ ବ୍ଲକ୍ ଅନ୍ତର୍ଗତ ପାଟରଙ୍ଗା ପଂଚାୟତର ଗୋହିରାଗଡ଼ିଆ ସ୍ଥିତ ଶ୍ରୀକ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟ ଓ ଆଖପାଖ ପରିସରରେ ଅନୁଷ୍ଠିତ "ମା ପାଇଁ ଗଛଟିଏ" କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। କୋରେଇକୁ ଏକ ସବୁଜ ସୁନ୍ଦର କରି ଗଢି ତୋଳିବାକୁ ଜନସାଧାରଣ ମାନଙ୍କୁ ବାର୍ତ୍ତା ଦେଉଥିଲେ। ଏହି ଅବସରରେ ପାଖାପାଖି ହଜାରରୁ ଉର୍ଦ୍ଧ୍ୱ ଫଳ ଚାରା ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ଆଖପାଖ ଅଞ୍ଚଳର ଗ୍ରାମବାସୀମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରକାଶ ଧଳଙ୍କ ସମେତ ଅନେକ ସରପଞ୍ଚ, ସମିତିସଭ୍ୟ, ସଭ୍ୟା, ଜୋନ ସଭାପତି, ମଣ୍ଡଳ ସଭାପତି, ଶତାଧିକ ବିଜେପି କର୍ମୀ ଏବଂ ଆଖପାଖ ଅଂଚଳର ଜନସାଧାରଣମାନେ ସାମିଲ ହୋଇଥିଲେ।

## ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ



ଢେଙ୍କାନାଳ,୭/୮ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳରେ ଶ୍ରୀ ଗଣେଶ ପୂଜା ଆୟୋଜନ ନିମନ୍ତେ ଆଜି ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଶାନ୍ତି ଶୃଙ୍ଖଳାର ସହିତ ଭାଇଚାରା ରକ୍ଷା କରି ଗଣେଶ ପୂଜା ଆୟୋଜନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ପୂଜା ପାଇଁ କାହାରି ଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ ନ କରିବାକୁ ପରାମର୍ଶ ଦେଇଛନ୍ତି। ଭସାଣି ଶୋଭାଯାତ୍ରାରେ ଭାଇବ୍ରେଟର ବ୍ୟବହାର ନ କରିବା ସହିତ ବୃଦ୍ଧ-ବୃଦ୍ଧା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଇ ମାତ୍ରାଧିକ ଶବ୍ଦ ପରିବେଷଣ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଭସାଣି ବେଳେ ସମୟାନୁବର୍ତ୍ତିତା ପାଳନ କରିବା, ନିଶା ସେବନ ଠାରୁ ଦୂରେଇ ରହିବା, ପୂଜା ଓ ଭସାଣିକୁ ଶୃଙ୍ଖଳିତ କରାଯିବ, କୌଣସି ପ୍ରକାରର ଅସାମାଜିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ପ୍ରକାଶ କରିଛନ୍ତି । ଭସାଣି ବେଳେ ଟ୍ରାଫିକ୍ ନିୟନ୍ତ୍ରଣର ବିହିତ ବ୍ୟବସ୍ଥା କରାଯାଇ ଭସାଣି ଯେପରି ରାତ୍ର ୮ ଟା ସୁଦ୍ଧା ଶେଷ ହେବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ ।

ଆସନ୍ତା ମାସ ୧୪ ତାରିଖରେ ଶ୍ରୀ ଗଣେଶ ପୂଜା ଆରମ୍ଭ ହୋଇ ୨୧ ତାରିଖରେ ବିସର୍ଜନ କରାଯିବ ବୋଲି ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟିର ସଭାପତି ଶ୍ରୀ ସୁଧାଂଶୁ କୁମାର ଦଳେଇ ପ୍ରକାଶ କରିଥିଲେ। ଚଳିତ ବର୍ଷ ୪୦ଟି ପୂଜା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀ ଗଣେଶ ପୂଜା ଅନୁଷ୍ଠିତ ହେବ, ପୂଜା କମିଟି ପକ୍ଷରୁ ରେଡ଼କ୍ରସ୍ ସଂସ୍ଥାକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ ।

### ଗଞ୍ଜାମ ମହାବିଦ୍ୟାଳୟର ୫୮ତମ ସ୍ୱନକ୍ଷତ୍ର ଦିବସ ପାଳିତ

## ଭଲ ମଣିଷ ହେବା ସହ ମା'-ବାପା ଓ ଶିକ୍ଷକଙ୍କୁ ସମ୍ମାନ ଦେବାକୁ ବିଧାୟକଙ୍କ ପରାମର୍ଶ



ଛତ୍ରପୁର,୭/୮ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ମହାବିଦ୍ୟାଳୟର ୫୮ତମ ସ୍ୱନକ୍ଷତ୍ର ଦିବସ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଡ. ସ୍ମରଣିକା ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜୀବନରେ ଜଣେ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବା ସହ ମା'ବାପାଙ୍କ କଷ୍ଟକୁ ହୃଦୟଙ୍ଗମ କରିବା ଏବଂ ଶିକ୍ଷକଙ୍କୁ ସମ୍ମାନ ଦେବା ଜରୁରୀ ବୋଲି କହିଥିଲେ।

ଗଞ୍ଜାମ ମହାବିଦ୍ୟାଳୟର ପ୍ରତିଷ୍ଠା ଓ ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିବିଶେଷଙ୍କୁ ସ୍ମରଣ କରି ବିଧାୟକ ସେମାନଙ୍କ ଅବଦାନର ପ୍ରଶଂସା କରିଥିଲେ। ଏଥିସହ ବର୍ତ୍ତମାନ ସମାଜରେ ବୃଦ୍ଧାଶ୍ରମ ବୃଦ୍ଧି ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମା'ବାପାଙ୍କ ଅନ୍ତିମ ସମୟରେ ନିଜେ ଉପସ୍ଥିତ ନରହି ଭିଡିଓ କଲ୍ ମାଧ୍ୟମରେ ଅନ୍ତିମ ସଂସ୍କାର ଦେଖିବା ଏବଂ ଫୋନ୍‌ପେ ମାଧ୍ୟମରେ ଟଙ୍କା ପଠାଇ ଦାୟିତ୍ୱ ସାରିଦେବା ଭଳି ମାନସିକତାରୁ ଦୂରେଇ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେଇ ମା', ମାଟି ଓ ମାତୃଭାଷାର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନାରାୟଣ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଖରେ ଯେତେ ଗୁଣ ଓ ପ୍ରତିଭା ଥିଲେ ମଧ୍ୟ ଚରିତ୍ର ଗଠନ ପ୍ରତି ସର୍ବଦା ସଚେତନ ରହିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ଅସ୍ତରଙ୍ଗରେ ଶିକ୍ଷକଙ୍କ ଧାରଣା

## ଦାବି ପୂରଣ ନହେଲେ ୧୬ରେ ଭୁବନେଶ୍ୱର ଚାଲ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ



କାକଟପୁର/ଅସ୍ତରଙ୍ଗ,୭/୮ (ସଂଚାର ବ୍ୟୁରୋ)ଃ ଦୀର୍ଘ ଦିନର ଦାବୀ ପୂରଣ ନହେବାରୁ ଆନ୍ଦୋଳନ ପଥରେ ଓହ୍ଲାଇଛନ୍ତି ଓଡିଶାର ଶିକ୍ଷକ। ଆସନ୍ତା ଅଗଷ୍ଟ ୧୬ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଶିକ୍ଷକ ମହାସମାବେଶ ପୂର୍ବରୁ ଗୁରୁବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସମନ୍ୱୟ ସମିତି ତରଫରୁ ବିରାଟ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ବ୍ଲକ ଓଷ୍ଟା ସମ୍ପାଦକ ତଥା ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶତାଧିକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ। ଧାରଣା ପରେ ସେମାନେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଅସ୍ତରଙ୍ଗ ବ୍ଲକର ବଡବାବୁଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଅସ୍ତରଙ୍ଗ ବ୍ଲକରେ ମୋଟ ୨୨ଟି ହାଇସ୍କୁଲ ଥିବା ବେଳେ ଅଧିକାଂଶ ବିଦ୍ୟାଳୟ ବ୍ଲକଗ୍ରାଣ୍ଟ ଅବସ୍ଥାରେ ରହିଛି। ଏହାକୁ ନେଇ ଶିକ୍ଷକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗଦେଲେ ଶତାଧିକ କର୍ମୀ



ନୀଳଗିରି,୭/୮ (ସଂଚାର ବ୍ୟୁରୋ)ଃ ଆଜି ନୀଳଗିରି ବିଜେଡି କାର୍ଯ୍ୟାଳୟରେ ନୀଳଗିରି ଏନଏସି ୮ ନମ୍ବର, ୧୧ ନମ୍ବର ଓ ୧୨ ନମ୍ବର ୱାର୍ଡରୁ ଶତାଧିକ ଅନ୍ୟ ଦଳର କର୍ମୀ ଜନପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳ ଛାଡି ବିଜେଡି ଦଳରେ ସାମିଲ ହୋଇଛନ୍ତି। ତେବେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ଉପଯୁକ୍ତ ଜବାବ ଦିଆଯିବ ବୋଲି କର୍ମୀ ମାନେ କହିଥିଲେ।

ବିଜେଡ଼ି ନେତା ମହେଶ୍ୱର ରାଉତ, ମହେଶ୍ୱର ଗୋଛାୟତ, ଶ୍ୟାମସୁନ୍ଦର ନାୟକ ଅନିମା ରାଉତ, ସୌମ୍ୟରଞ୍ଜନ ନାୟକ ଙ୍କ ନେତୃତ୍ୱରେ ନୀଳଗିରି ବିଜ୍ଞାପିତ ଅଞ୍ଚଳର ବିଜେଡି ଅଧିକ ସଶକ୍ତ ହେଲା ବୋଲି ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ କହିଛନ୍ତି । ଏହି ମିଶ୍ରଣ ପର୍ବରେ ଏନଏସି ସଭାପତି ଅଚ୍ୟୁତ ପ୍ରଧାନ, ବରିଷ୍ଠ ବିଜେଡ଼ି ନେତା ଗଙ୍ଗାଧର ମିଶ୍ର,ଯୁବ ନେତା ବୁଦ୍ଧଦେବ ସରକାର ଓ ବରିଷ୍ଠ ନେତା ସୁନୀଲ ପ୍ରଧାନ ଉପସ୍ଥିତ ଥିଲେ ।

## ସୋଆ ଯୁକ୍ତଦୁଇ ମହାବିଦ୍ୟାଳୟରେ ନିଶା ମୁକ୍ତ ପ୍ରତିଜ୍ଞା ଅଭିଯାନ କର୍ମଶାଳା



ଭୁବନେଶ୍ୱର,୭/୮ (ସଂଚାର ବ୍ୟୁରୋ)ଃ କେନ୍ଦ୍ର ସରକାରଙ୍କ ନିଶା ମୁକ୍ତ ଭାରତ ଅଭିଯାନ ଅଧୀନରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୬ ତାରିଖରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଯୁକ୍ତ ଦୁଇ ମହାବିଦ୍ୟାଳୟର ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ମହାବିଦ୍ୟାଳୟର ଅଧ୍ୟକ୍ଷା ଆଶାବରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କଳିଙ୍ଗ ନଗର ଶାଖା ମୁଖ୍ୟ ବି. କେ. ସବିତା ଛାତ୍ରଛାତ୍ରୀଙ୍କୁ ନିଶାର କୁପରିଣାମ, ସୁସ୍ଥ ଜୀବନ ଶୈଳୀ ଓ ନିଶା ନିବାରଣ ସଚେତନତା ଉପରେ ଆଲୋକପାତ କରି ନିଶା ମୁକ୍ତ ଭାରତ ଗଠନରେ ସାମୂହିକ ଶପଥ ଗ୍ରହଣ କରାଇଥିଲେ। କର୍ମଶାଳାରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ କେନ୍ଦ୍ର ସରକାରଙ୍କ 'ନିଶା ମୁକ୍ତ ଭାରତ' ଅଭିଯାନ ଅଧୀନରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଗଷ୍ଟ ୬ରୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ୧୦ କୋଟି ନିଶା ମୁକ୍ତ ପ୍ରତିଜ୍ଞା ମହା ଅଭିଯାନ ବିନା ଶୁଳ୍କରେ ଆୟୋଜିତ କରାଯିବ ବୋଲି ଶାଖା ମୁଖ୍ୟ ମତ ପ୍ରକାଶ କରିଛନ୍ତି।

## ଶିକ୍ଷା ବିଭାଗର ଦାୟିତ୍ୱହୀନତା ଯୋଗୁଁ ଚାଲିଗଲା ଶିକ୍ଷକଙ୍କ ଜୀବନ

### ସନ୍ଦେହ ଘେରରେ ଜିଲ୍ଲା ଶିକ୍ଷା ବିଭାଗର ବଦଳି ପ୍ରକ୍ରିୟା



ମାଲକାନଗିରି,୭/୮ (ସଂଚାର ବ୍ୟୁରୋ)ଃ ମଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ତାରଲାକୋଟା ପଞ୍ଚାୟତ ଅନ୍ତର୍ଗତ ମହୁପଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁଧାଂଶୁ ସୁତାର(୪୨)ଙ୍କ ଅକାଳ ବିୟୋଗକୁ ନେଇ ଜିଲ୍ଲା ଶିକ୍ଷା ବିଭାଗ ବିରୋଧରେ ଗୁରୁତର ଅଭିଯୋଗ ଉଠିଛି। ଅଭିଯୋଗ ହେଉଛି, ଗୁରୁତର ଅସୁସ୍ଥତା ସତ୍ତ୍ୱେ ତାଙ୍କର ଚିକିତ୍ସାଜନିତ ବଦଳି ଆବେଦନକୁ ଅଣଦେଖା କରାଯାଇଥିବାରୁ ଶେଷରେ ସେ ଜୀବନ ହରାଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଶିକ୍ଷକ ମହଲରୁ ଦାବି ଉଠିଛି।

ସୂଚନା ଅନୁଯାୟୀ ଶିକ୍ଷକ ଶ୍ରୀ ସୁତାର ଦୀର୍ଘଦିନ ଧରି ଯକୃତ, ବୃକ୍କ ଓ ହୃଦରୋଗ ଭଳି ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଚିକିତ୍ସାଜନିତ ବଦଳି ପାଇଁ ଲିଖିତ ଆବେଦନ ମଧ୍ୟ କରିଥିଲେ। ତାଙ୍କୁ ମଲକାନଗିରି କିମ୍ବା କୋରୁକୋଣ୍ଡା ନିକଟସ୍ଥ ଯାତାୟାତ ସୁବିଧା ଥିବା ବିଦ୍ୟାଳୟକୁ ବଦଳି କରାଯିବାକୁ ସେ ଅନୁରୋଧ କରିଥିଲେ।

କିନ୍ତୁ ଅଭିଯୋଗ ଅନୁସାରେ, ତାଙ୍କର ଆବେଦନ ଉପରେ କୌଣସି ସକାରାତ୍ମକ ପଦକ୍ଷେପ ବିଭାଗ ପକ୍ଷରୁ ନିଆଯାଇନଥିଲା। ଫଳରେ ଅସୁସ୍ଥ ଶରୀରରେ ଦୁର୍ଗମ ମହୁପଦର ବିଦ୍ୟାଳୟକୁ ପ୍ରତିଦିନ ମାଲକାନଗିରି ସହରରୁ ୮୦ କିଲୋମିଟର ମୋଟରସାଇକେଲରେ ଯାତାୟାତ କରିବାକୁ ପଡୁଥିଲା। ଏହା ତାଙ୍କ ସ୍ୱାସ୍ଥ୍ୟକୁ ଆହୁରି ଅବନତି ଆଡ଼କୁ ଠେଲିଦେଇଥିଲା ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

ଏହି ଘଟଣାକୁ ନେଇ ବର୍ତ୍ତମାନର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ସମସ୍ତ ବଦଳି ମାମଲାର ସମୀକ୍ଷା ସହ ମୃତ ଶିକ୍ଷକଙ୍କ ଆବେଦନକୁ କାହିଁକି ଗୁରୁତ୍ୱ ଦିଆଯାଇନଥିଲା ସେନେଇ ଏକ ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି। ସମାନ ପରିସ୍ଥିତିରେ ଅନ୍ୟ କର୍ମଚାରୀଙ୍କୁ କିପରି ବଦଳି ସୁବିଧା ମିଳିଥିଲା ତାର ତୁଳନାତ୍ମକ ଯାଞ୍ଚ ମଧ୍ୟ କରାଯିବାକୁ ଦାବି କରାଯାଇଛି।

ଏହି ଘଟଣା ଶିକ୍ଷା ବିଭାଗର ସମ୍ବେଦନଶୀଳତା, ପ୍ରଶାସନିକ ଦାୟିତ୍ୱବୋଧ ଓ ମାନବିକ ଦୃଷ୍ଟିଭଙ୍ଗୀକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି।

### ଲୁମେକ୍ସ ଚିଟ୍‌ଫଣ୍ଡ ପୀଡ଼ିତଙ୍କୁ ହତ୍ୟା, ଅପହରଣ ଓ ଏସିଡ୍ ଆକ୍ରମଣ ଧମକ

# ଏନସିପିସିଆର ଓ ଏନଏଚଆରସି ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଲୁମେକ୍ସ ଚିଟଫଣ୍ଡ ମାମଲାର ଅଭିଯୁକ୍ତ ରାଜୀବ ଲୋଚନ ଦାସ ଓ ସୋନିଆ ତ୍ରିପାଠୀ ପ୍ରାୟ ୧୭ କୋଟି ଟଙ୍କାର ଠକେଇ ଓ ଜାଲିଆତି କରିଥିବା ଅଭିଯୋଗରେ ତିନି ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ହେପାଜତରେ ଅଛନ୍ତି। ସେମାନଙ୍କର ଏକାଧିକ ଜାମିନ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ ମଧ୍ୟ କରିସାରିଛନ୍ତି। ବିଭିନ୍ନ ଥାନାରେ ରୁଜୁ ହୋଇଥିବା ମାମଲା ଆଧାରରେ ଦେଶର ବିଭିନ୍ନ ଅଦାଲତରେ ସେମାନଙ୍କ ବିରୋଧରେ ୧୦ଟି ଅପରାଧିକ ମାମଲା ବିଚାରାଧୀନ ରହିଛି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି), ଜାତୀୟ




ଶିଶୁ ଅଧିକାର ସୁରକ୍ଷା କମିଶନ୍ (ଏନ୍‌ସିପିସିଆର୍) ଓ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ମୁତାବକ ଅଭିଯୁକ୍ତମାନେ ସେମାନଙ୍କ ସହଯୋଗୀଙ୍କ ମାଧ୍ୟମରେ ପୀଡ଼ିତଙ୍କୁ ଲଗାତାର ପିଛା କରିବା, ହତ୍ୟାର ଧମକ ଦେବା, ଜାମିନକୁ ବିରୋଧ କରିଥିବା ନାବାଳିକା ଝିଅମାନଙ୍କୁ ଅପହରଣ ଓ ଏସିଡ୍ ଆକ୍ରମଣ ଧମକ ଦେଉଛନ୍ତି।

ଏନସିପିସିଆର ଓ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଭିଯୋଗ ଅନୁସାରେ ପୁଲିସ ପୀଡ଼ିତଙ୍କ ଉପରେ ଅଭିଯୁକ୍ତଙ୍କ ସହ ବୁଝାମଣା କରିବା ପାଇଁ ଚାପ ସୃଷ୍ଟି କରୁଥିବା ଓ ଅଭିଯୁକ୍ତଙ୍କ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏନସିପିସିଆର ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ମଧ୍ୟ ପୀଡ଼ିତଙ୍କୁ ସୁରକ୍ଷା କିମ୍ବା ଅଭିଯୁକ୍ତଙ୍କ ବିରୋଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ।

ଅଭିଯୋଗ ଅନୁଯାୟୀ, ଚିଟ୍‌ଫଣ୍ଡ ଅଭିଯୁକ୍ତମାନେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ପର୍କୀୟ। ପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତଙ୍କୁ ସୁରକ୍ଷା ମିଳିଥିବାରୁ ମାମଲାଗୁଡ଼ିକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଅଭିଯୋଗରେ କିଛି ବଡ଼ବଡ଼ିଆଙ୍କ ସହ ୬ ଜଣଙ୍କ ବିରୋଧରେ ଅପରାଧିକ ମାମଲା ଜାରି ରହିଛି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସହଯୋଗ କରୁଥିବା ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଭୀଷଣ ବର୍ଷିବ, ମୟୂରଭଞ୍ଜକୁ ରେଡ୍ ୱାର୍ଣ୍ଣିଂ





ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ): ମାଡ଼ି ଆସୁଛି ପଶ୍ଚିମାଝଡ଼। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଉପରେ ପଶ୍ଚିମା ଝଡ଼ର ପ୍ରଭାବ ରହିବ। ଏପଟେ ଉତ୍ତର ଓଡ଼ିଶା ଓ ସଂଲଗ୍ନବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି, ଯାହାର ପ୍ରଭାବରେ ବଙ୍ଗୋପସାଗରରେ ଆସନ୍ତା ୨୪ ଘଣ୍ଟାରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବା ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି। ଏହାର ପ୍ରଭାବରେ ଓଡ଼ିଶାରେ ୨ ଦିନ ଭୀଷଣ ବର୍ଷା ହେବ। ବିଶେଷକରି ମୟୂରଭଞ୍ଜରେ ସର୍ବାଧିକ ବର୍ଷା ହେବ। ସେଥିପାଇଁ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୧୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହିସବୁ ଜିଲ୍ଲା ହେଲା ବାଲେଶ୍ୱର, ଭଦ୍ରକ, କଟକ, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଜପତି ଓ ଗଞ୍ଜାମ। ଏହାଛଡ଼ା ଅନ୍ୟ ୧୫ ଜିଲ୍ଲାରେ ବି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏଥିସକାଶେ ଉକ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଆଗାମୀ ଦୁଇ ଦିନ ହେବାକୁ ଥିବା ଲଗାଣ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ସେହିପରି ସହରାଞ୍ଚଳରେ ଜଳ ଜମା ଓ ନଦୀ-ନାଳର ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ତେଣୁ ଆବଶ୍ୟକ ନଥିଲେ ଜନସାଧାରଣ ଘରୁ ବାହାରକୁ ନ ଯିବା ସହ ପାଣିପାଗ ବିଭାଗର ସତର୍କ ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ତେବେ ଲଘୁଚାପର ପ୍ରଭାବ କେତେ ତୀବ୍ର ହେବ ଓ କେଉଁ ଜିଲ୍ଲାରେ ବର୍ଷାର ପରିମାଣ ଅଧିକ ରହିବ, ସେନେଇ ପାଣିପାଗ ବିଭାଗର ସୂଚନା ଉପରେ ସମସ୍ତଙ୍କ ନଜର ରହିଛି।

## ୧୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ଆସନ୍ତା ସୋମବାର ଅଗଷ୍ଟ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ 'ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ 'ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସୁନାଗହଣା ଚୋରି ଘଟଣାର ପର୍ଦ୍ଦାଫାସ



ମୋହନା,୭।୮(ସଂଚାର ବ୍ୟୁରୋ): ଆର୍. ଉଦୟଗିରି ଥାନା ପୁଲିସ ଏକ ସୁନା ଗହଣା ଚୋରି ଘଟଣାର ପର୍ଦ୍ଦାଫାସ କରିଛି। ଆର୍. ଉଦୟଗିରି ଖ୍ରିଷ୍ଟିଆନ ସାହି ବାସିନ୍ଦା ଝୁମ୍ପି ରଉତ ଗତକାଲି ତାଙ୍କ ବଡ଼ବାପାଙ୍କ ଅସୁସ୍ଥତା ଖବର ପାଇ ସ୍ୱାମୀଙ୍କ ସହ ଲୁହାଖୁଣ୍ଟି ଗ୍ରାମକୁ ଯାଇଥିଲେ। ସେହି ସମୟରେ ଘରେ ରଖିଥିବା ପ୍ରାୟ ଦେଢ଼ ଭରି ଓଜନର ସୁନା ହାର ଓ ୧୨ ଅଣା ଓଜନର ସୁନା କାନଫୁଲ ଚୋରି ହୋଇଯାଇଥିଲା। ଝୁମ୍ପିଙ୍କ ଥାନାରେ ଅଭିଯୋଗ ଆଧାରରେ ଆର୍. ଉଦୟଗିରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଅଭିଯୋଗ କରିଥିବା ଝୁମ୍ପିଙ୍କ ଭିଣୋଇ ସମୀର ଲିମା ଏହି ଚୋରି କରିଥିବା ଜଣାପଡ଼ିଥିଲା। ଅଭିଯୁକ୍ତଠାରୁ ପୁଲିସ ଚୋରି ଯାଇଥିବା ସୁନାକୁ ଜବତ କରିବା ସହ ଅଭିଯୁକ୍ତ ଲିମାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୧୫ରେ ଜେଲ୍‌ରୁ ମୁକୁଳିବେ ଦାରା

■ ପ୍ରଥମେ ମା' ତାରିଣୀଙ୍କ ଦର୍ଶନ କରିବେ



ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ): ଆସନ୍ତା ଅଗଷ୍ଟ ୧୫ ତାରିଖରେ ଦାରା ସିଂହ ଜେଲ୍‌ରୁ ମୁକ୍ତ ହେବା ପରେ ମା' ତାରିଣୀଙ୍କ ଦର୍ଶନ ପାଇଁ ଯିବେ। ତାଙ୍କୁ ଏକ ଶୋଭାଯାତ୍ରାରେ ଘଟଗାଁ ନିଆଯିବ। ଦାରା ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ମୁକେଶ ଜୈନ ଗୁରୁବାର ଦିଲ୍ଲୀରେ ଗଣମାଧ୍ୟମଙ୍କୁ ଏହା କହିଛନ୍ତି। ଏଥିଲାଗି ସେ ଦାରା ସେନାର ସମସ୍ତ କର୍ମୀ ଓ ହିନ୍ଦୁ ସଂଗଠନଗୁଡ଼ିକୁ ପୂର୍ବାହ୍ନ ୧୦ଟାରେ କେନ୍ଦୁଝର ଜେଲ୍ ନିକଟରେ ପହଞ୍ଚିବା ପାଇଁ ନିବେଦନ କରିଛନ୍ତି। ଜୈନ ଦର୍ଶାଇଛନ୍ତି ଯେ, ୨୬ ବର୍ଷ ଜେଲ୍‌ରେ ରହିବା ପରେ ଦାରା ସିଂହ ଜେଲ୍‌ରୁ ମୁକ୍ତ ହୋଇ ସମସ୍ତ ହିନ୍ଦୁ ଭାଇଭଉଣୀମାନଙ୍କ ସହ ଏକ ଶୋଭାଯାତ୍ରାରେ ଘଟଗାଁ ତାରିଣୀ ମନ୍ଦିରକୁ ଯିବେ। ଏହା ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ। ଦାରାଙ୍କୁ ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ନେଇଥିବା ପଦକ୍ଷେପକୁ ଦାରା ସେନା ପକ୍ଷରୁ ବିଶେଷ ପ୍ରଶଂସା କରାଯାଇଛି।

## ଆଇପିଏଲ ବେଟିଂ ମାମଲା: ତିନି ଗିରଫ

ବ୍ରହ୍ମପୁର,୭।୮ (ସଂଚାର ବ୍ୟୁରୋ): ବେଆଇନ ପ୍ଲାଟଫର୍ମ "ସ୍କାଏ ଏକ୍ସଚେଞ୍ଜ" ମାଧ୍ୟମରେ ଅନଲାଇନ୍ ଆଇପିଏଲ ବେଟିଂ, ଜୁଆ ଏବଂ ଠକେଇର ଦୁଇଟି ପୃଥକ ମାମଲାରେ ତିନି ଜଣଙ୍କୁ ଗିରଫ କରିଛି ବଡ଼ ବଜାର ପୋଲିସ । ଗିରଫ ହୋଇଥିବା ପ୍ରଥମ ଅଭିଯୁକ୍ତ ମୋହନ ମୁଖୀ ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍ ସମୟରେ ଅନଲାଇନ୍ ବେଟିଂରେ ସାମିଲ ଥିଲେ। ପୋଲିସ ତା'ର ମୋବାଇଲ୍ ଫୋନ୍ ଜବତ କରିଛି। ସେହିଭଳି ଅନ୍ୟ ଦୁଇ ଅଭିଯୁକ୍ତ କୈଳାସ ଚନ୍ଦ୍ର ଗୌଡ଼ା ଓ ପିଣ୍ଟୁ ଜୟା ସେଠୀଙ୍କୁ ବି ପୋଲିସ ଗିରଫ କରିଛି। ଦୁଇ ଅଭିଯୁକ୍ତ ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ ମ୍ୟାଚ୍ ସମୟରେ ସମାନ ରାକେଟର ଅଂଶ ଥିଲେ। ସେମାନଙ୍କ ଠାରୁ ଦୁଇଟି ମୋବାଇଲ ଜବତ ହୋଇଛି।

## ମାଫିଆଙ୍କ ସହ ଲିଙ୍କ, ସାଲେଭଟା ଫାଣ୍ଡି ଅଧିକାରୀ ନିଲମ୍ବିତ



ବଲାଙ୍ଗିର,୭।୮ (ସଂଚାର ବ୍ୟୁରୋ) : ନିଲମ୍ବିତ ହେଲେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା ଫାଣ୍ଡି ଅଧିକାରୀ ଭରତ ସାହୁ। ଶୁକ୍ରବାର ବଲାଙ୍ଗିର ଏସପି ତାଙ୍କୁ ନିଲମ୍ବନ କରିଛନ୍ତି। ଜବତ ମଦକୁ ଥାନାରୁ ଗାଏବ କରିବା, ବାଲି ମଫିଆ, ଗୋରୁ ଚାଲାଣ ମାଫିଆଙ୍କ ସହ ସମ୍ପୃକ୍ତି ଆଦି ଅଭିଯୋଗ ପରେ ତଦନ୍ତ କ୍ରମେ କାର୍ଯ୍ୟରେ ଅବହେଳା ଦର୍ଶାଇ କରିଛନ୍ତି ନିଲମ୍ବନ କରିଛନ୍ତି ଏସପି। ସାଲେଭଟା ନିକଟରେ ଥିବା ମଣ୍ଟୁ ଢାବାରୁ ପ୍ରାୟ ୧୦୦ ବୋତଲ ମଦ ଜବତ କରାଯାଇଥିଲା। କିନ୍ତୁ ତାଲିକାରେ ଏହାକୁ ୧୦ ବୋତଲ ଦର୍ଶାଯାଇଥିବା ନେଇ ବରିଷ୍ଠ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା ଏବଂ ଏହାର ତଦନ୍ତ କରିବା ପାଇଁ ବଲାଙ୍ଗିର ଏସପି ଏସଡିପିଓ ଓ ଲୋଇସିଂହା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣା ପଡ଼ିବା ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଲେଭଟା ଫାଣ୍ଡି ଅଧିକାରୀଙ୍କୁ ନିଲମ୍ବିତ କରିବା ସହ କଣ୍ଟାବାଞ୍ଜି ଏସଡିପିଓଙ୍କ କାର୍ଯ୍ୟାଳୟରେ ସବୁଦିନ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଭିଜିଲାନ୍ସ ହାବୁଡ଼ରେ ଡାଟା ଏଣ୍ଟ୍ରି ଅପରେଟର୍



୪ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ନୟାଗଡ଼,୭।୮(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହର ବିଲ୍ ପାସ୍ କରିବା ପାଇଁ ଜନୈକ ହିତାଧିକାରୀଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପଞ୍ଚାୟତ ଡାଟାଏଣ୍ଟ୍ରି ଅପରେଟର। ଡାଟା ଏଣ୍ଟ୍ରି ଅପରେଟର ଜଣଙ୍କ ହେଲେ ରଣପୁର ବ୍ଲକ୍ ରାଜଜଙ୍କିଆ ପଞ୍ଚାୟତର ପ୍ରଶାନ୍ତ କୁମାର ଭଞ୍ଜ। ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ରାଜ ଜଙ୍କିଆ ପଞ୍ଚାୟତର ଅକ୍ଷୟ କୁମାର ମାଝୀ ନାମକ ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଟିଏ ଘର ପାଇଥିଲେ। ଚଳିତବର୍ଷ ଅକ୍ଷୟ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ବେଳେ ୪୦ ହଜାର ଟଙ୍କା ବିଲ୍ ପାସ୍ କରିବା ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଧାଉଁଥିଲେ। ପଞ୍ଚାୟତ ଡାଟା ଏଣ୍ଟ୍ରି ଅପରେଟର୍ ଶ୍ରୀ ତାଙ୍କୁ ଏହି ବିଲ୍ କରାଇଦେବା ସକାଶେ ୧୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଥମ କିସ୍ତିରେ ଅକ୍ଷୟ ୭ ହଜାର ଟଙ୍କା ଦେଇଥିଲେ। ବାକି ୪ ହଜାର ତାଙ୍କ ପକ୍ଷେ ସମ୍ଭବପର ନ ଥିବାରୁ ଶେଷରେ ଅକ୍ଷୟ ଏନେଇ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭିଜିଲାନ୍ସ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯିବା ସହ ରଙ୍ଗବୋଳା ୪ ହଜାର ଟଙ୍କା ଅକ୍ଷୟଙ୍କୁ ଦିଆଯାଇଥିଲା। ଅକ୍ଷୟ ଧାର୍ଯ୍ୟ ଦିନରେ ଏହି ଟଙ୍କା ଶ୍ରୀ ଭଞ୍ଜଙ୍କୁ ଦେଇଥିଲେ। ଟଙ୍କା ଦିଆଯିବା ସମୟରେ ବାହାରେ ପ୍ରସ୍ତୁତ ହୋଇରହିଥିବା ଭିଜିଲାନ୍ସ କର୍ମଚାରୀମାନେ ଭଞ୍ଜଙ୍କୁ କାବୁ କରିନେଇଥିଲେ।

● କଟକ ହାଇକୋର୍ଟ ବୋମା ଧମକ ମାମଲା

## ସନ୍ଦିଗ୍ଧ ସଫ୍ଟୱେୟାର ଇଞ୍ଜିନିୟରଙ୍କ ଲିଙ୍କ୍ ଖୋଜା ଜାରି

କଟକ, ୭।୮(ସଂଚାର ବ୍ୟୁରୋ): କଟକ ହାଇକୋର୍ଟକୁ ଇମେଲ ଯୋଗେ ବାରମ୍ବାର କୋର୍ଟକୁ ବୋମା ଧମକ ମିଳୁଥିବାବେଳେ ଏ ନେଇ କମିସନରେଟ୍ ପୁଲିସ ତଦନ୍ତ ଜାରି ରଖିଥିଲା। ଏହି ମେଲ୍ କିଏ ଓ କେଉଁଠାରୁ ଆସୁଛି, ସେ ନେଇ ସୁରାକ୍ ପାଇ କଟକ ପୁଲିସ ଟିମ୍ ତାମିଲନାଡୁ ପହଞ୍ଚିଥିଲା। ନିକଟରେ ତାମିଲନାଡୁ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ଚେନ୍ନାଇ ବିମାନବନ୍ଦରରୁ ଗିରଫ କରିଥିବା ସଫ୍ଟୱେୟାର ଇଞ୍ଜିନିୟର ଶରତ ସୁବ୍ରମଣ୍ୟମ୍ ଶଙ୍କରଙ୍କ ସହ ଏହି ମାମଲାର କୌଣସି ସମ୍ପର୍କ ରହିଛି କି ନାହିଁ, ତାହାର ତଦନ୍ତ ପାଇଁ ପୁଲିସ ଏହି ଗସ୍ତ କରିଥିଲା। ବିଭିନ୍ନ ରାଜ୍ୟକୁ ବୋମା ଧମକ ଇ-ମେଲ୍ ପଠାଇ ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗରେ ଶରତଙ୍କୁ ଜୁଲାଇ ୨୨ରେ ତାମିଲନାଡୁ ଏଟିଏସ୍ ଗିରଫ କରିଥିଲା। ସେ ତାମିଲନାଡୁର ଏକ ଜେଲରେ ଥିବାରୁ କଟକ ପୁଲିସ ପଚରାଉଚରା କରିପାରି ନଥିଲା। କଟକ ହାଇକୋର୍ଟ ବୋମା ଧମକ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ତାମିଲନାଡୁ ପୁଲିସ ଓ ଏଟିଏସକୁ ହସ୍ତାନ୍ତର କରାଯାଇଛି। ବୋମା ଧମକ ମାମଲାରେ ଶରତଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ ଚାଲିଛି। ଆବଶ୍ୟକ ପଡ଼ିଲେ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ।



ଜାତୀୟ ହସ୍ତତନ୍ତ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର-୨୦୨୫' ଓ 'ଜାତୀୟ ହସ୍ତତନ୍ତ ପୁରସ୍କାର-୨୦୨୫'ରେ ସମ୍ମାନିତ ହୋଇଛନ୍ତି ବରଗଡ଼ର ରାମ ମେହେର ଓ ଜଗତସିଂହପୁରର ପ୍ରଫୁଲ୍ଲ କୁମାର ସାହୁ।

## ବନ୍ଧୁକ ସହ କାରଖାନା ଠାବ

ପୋଲସରା,୭।୮(ସଂଚାର ବ୍ୟୁରୋ): ବୁଗୁଡ଼ା ପୁଲିସ ବେଆଇନ ବନ୍ଧୁକ ବ୍ୟବସାୟୀଙ୍କୁ କାବୁ ପରେ ଦେଶୀ ବନ୍ଧୁକ କାରଖାନା ଠାବ କରିଛଇ । ବେଆଇନ ଦେଶୀ ବନ୍ଧୁକ କାରଖାନାରୁ ବିପୁଳ ପରିମାଣର ବନ୍ଧୁକ ପ୍ରସ୍ତୁତ ସରଞ୍ଜାମ ସହ ଦୁଇ ବନ୍ଧୁକ ଓ ଦୁଇଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ଗାଙ୍ଗପୁର ଥାନା ଜଡ଼ାପଲ୍ଲୀ ଗାଁର ସୁବାସ ଗମାଙ୍ଗ ଓ ବିଦୁ ଦଳବେହେରା । ଉଭୟ ବୁଧବାର ରାତିରେ ଦୁଇ ଦେଶୀ ବନ୍ଧୁକ ନେଇ ବାଲିପଦର ଅଞ୍ଚଳରେ ବିକ୍ରି ପାଇଁ ଆସିଥିଲେ । ପୋଲିସ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ତଦନ୍ତ ବେଳେ ଗାଙ୍ଗପୁର ଥାନା ସିଆରିମାଳ ଜଙ୍ଗଲରେ ବନ୍ଧୁକ ପ୍ରସ୍ତୁତ କାରଖାନା ଖବର ମିଳିଥିଲା ।

## କୁଆଖାଇରେ ବୁଡ଼ି ୧ ମୃତ, ଜଣେ ନିଖୋଜ

### ପିକ୍‌ନିକ୍ ପାଇଁ ଆସି ଗାଧୋଉଥିବା ବେଳେ ଅଘଟଣ

ବାଲିଅନ୍ତା,୭।୮(ସଂଚାର ବ୍ୟୁରୋ): ପୁଣି ନଦୀରେ ବୁଡ଼ି ଦୁଇ ଜଣଙ୍କର ଜୀବନ ଯାଇଛି। ଆଜି କୁଆଖାଇ ନଦୀରେ ୪ ଜଣ ସାଙ୍ଗ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଭାସିଯାଇଥିବା ବେଳେ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନାନୁସାରେ, ୪ ଜଣ ସାଙ୍ଗ କୁଆଖାଇ ନଦୀରେ ଗାଧୋଉଥିବା ସମୟରେ ବାଲିଅନ୍ତା ସତ୍ୟଭାମାପୁର ପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରପାଳ ସାଇମନ୍ଦିର ନିକଟରେ ସେମାନଙ୍କ ମଧ୍ୟରୁ ୨ ଜଣ ସ୍ରୋତରେ ଭାସିଯାଇଥିଲେ। ଏନେଇ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଖୋଜାଖୋଜି କରିବାର ପାଖାପାଖି ୨ ଘଣ୍ଟା ପରେ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଯୁବକଙ୍କ ନାମ ରୁଦ୍ର ନାରାୟଣ ସ୍ୱାଇଁ (୨୧) ହୋଇଥିବା ବେଳେ ସେ ଧଉଳି ପୁଲିସ୍ ଷ୍ଟେସନ୍ ଅନ୍ତର୍ଗତ କୁମ୍ଭାରଢ଼ିହ ଗ୍ରାମର ସନ୍ତୋଷ ସ୍ୱାଇଁଙ୍କ ପୁଅ ବୋଲି ଜଣାପଡ଼ିଛି। ସେହିପରି ଅନ୍ୟ ନିଖୋଜ ଥିବା ଯୁବକ ହେଉଛନ୍ତି ଲକ୍ଷ୍ମୀସାଗର ଅଞ୍ଚଳର ଦିବ୍ୟଜ୍ୟୋତି ସ୍ୱାଇଁ (୨୦)। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିପାରି ନ ଥିବା ବେଳେ ଓଡ୍ରାଫ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଲାସୀ ଅଭିଯାନରେ ସହାୟତା କରୁଛି।

## ୪୨ ଲକ୍ଷ ଟଙ୍କା ହଡ଼ପ, ବାପ-ପୁଅ ଗିରଫ



ଯୋଡ଼ା,୭।୮(ସଂଚାର ବ୍ୟୁରୋ): ଜାଲିଆତି କରି ୪୨ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ବାପ ଓ ପୁଅଙ୍କୁ ଗିରଫ କରାଯାଇଛି। ବଡ଼ବିଲ ଆଇସିଆଇସିଆଇ ବ୍ୟାଙ୍କରେ ଜାଲିଆତି କରି ୪୨ ଲକ୍ଷରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ବ୍ୟାଙ୍କର ପୂର୍ବତନ ରିଲେସନସିପ୍ ମ୍ୟାନେଜର ଓ ତାଙ୍କ ବାପା ଗିରଫ ହୋଇଛନ୍ତି। ଜାଲ୍ ଦସ୍ତଖତ ଓ ଚେକ୍ ବହି ବ୍ୟବହାର କରି ସେମାନେ ଏପରି ଟଙ୍କା ହଡ଼ପ କରୁଥିଲେ। ଗିରଫ ବାପ ପୁଅ ଦ୍ୱୟ ହେଲେ ବଡ଼ବିଲ ମ୍ରିନାଲ୍ କଲୋନୀର ବାସିନ୍ଦା ଜସପ୍ରୀତ ସିଂ ଓ ତାଙ୍କ ବାପା ବିକ୍ରମ ସିଂ। ଗତ ମାର୍ଚ୍ଚ ୧୪ ତାରିଖରେ ମ୍ରିନାଲ୍ କଲୋନୀର ଅନୀତା ଅଗ୍ରୱାଲ ନାମକ ଜଣେ ମହିଳା ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କର ଆଇସିଆଇସିଆଇ ବ୍ୟାଙ୍କ୍‌ର ସେଭିଙ୍ଗସ୍ ଆକାଉଣ୍ଟରୁ ଜାଲ୍ ଦସ୍ତଖତ ଓ ନକଲି ଚେକ୍ ବହିରେ ୧୬ ଲକ୍ଷ ଟଙ୍କା ହଡ଼ପ କରାଯାଇଥିଲା। ତାଙ୍କ ଅଜାଣତରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍‌ର ୨୦ ଲକ୍ଷ ଟଙ୍କାର ଜୀବନ ବୀମା ପଲିସିକୁ ସମୟ ପୂର୍ବରୁ ସେଟଲ୍ କରାଯାଇଛି। ଦୁଇଟି କିସ୍ତିରେ ୧୦ ଲକ୍ଷ ୩୪ ହଜାର ଟଙ୍କା ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ବ୍ୟାଙ୍କ ରେକର୍ଡ, ଖାତା ସମ୍ବନ୍ଧୀୟ ଦସ୍ତାବିଜ ଓ କଲ୍ ଡିଟେଲ୍ ରେକର୍ଡ ଯାଞ୍ଚ୍ କରାଯାଇଥିଲା। ବିଭିନ୍ନ ଇଲେକ୍‌ଟ୍ରୋନିକ୍ ପ୍ରମାଣ ସଂଗ୍ରହ ଓ ଯାଞ୍ଚ ପରେ ପୁଲିସ ଜାଣିବାକୁ ପାଇଥିଲା ଯେ ମୁଖ୍ୟ ଅଭିଯୁକ୍ତ ଜସପ୍ରୀତ ବ୍ୟାଙ୍କର ରିଲେସନସିପ୍ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବା ସମୟରେ ଗ୍ରାହକଙ୍କ ଦସ୍ତଖତ ଜାଲିଆତି କରିଥିଲେ।

ନକଲି ଫିକ୍ସଡ୍ ଡିପୋଜିଟ୍ ରସିଦ ପ୍ରଦାନ କରିବା, ପ୍ରକୃତ ଏଫ୍‌ଡିକୁ ସମୟ ପୂର୍ବରୁ ବନ୍ଦ କରିବା, ଅନୁମତି ବିନା ରେଜିଷ୍ଟର ମୋବାଇଲ୍ ନମ୍ବର ପରିବର୍ତ୍ତନ କରିବା ଜଣାପଡ଼ିଥିଲା। ଗ୍ରାହକଙ୍କ ଖାତାକୁ ବେଆଇନ ଭାବେ ପରିଚାଳନା କରିବା ଓ ବିଭିନ୍ନ ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଅର୍ଥ ସ୍ଥାନାନ୍ତର କରି ଏହି ଠକେଇ କାର୍ଯ୍ୟ କରୁଥିଲେ। ଜସପ୍ରୀତଙ୍କୁ କୋଲକାତାର ଆଲିପୁର ଅଞ୍ଚଳରୁ ଗିରଫ କରି ଟ୍ରାନ୍‌ଜିଟ୍ ରିମାଣ୍ଡରେ ଆଣିଥିଲା। ପରେ ତାଙ୍କ ବାପାଙ୍କ ସମ୍ପୃକ୍ତି ପଦାକୁ ଆସିଥିଲା। ଏହାପରେ ପୁଲିସ ଚଢ଼ାଉ କରି ପିତା ବିକ୍ରମଙ୍କୁ ତାଙ୍କ ବଡ଼ବିଲ ମ୍ରିନାଲ୍ କଲୋନୀସ୍ଥିତ ଘରୁ ଗିରଫ କରିଛି। କେବଳ ଅନୀତା ନୁହଁନ୍ତି, ଅନ୍ୟ ୩ ଜଣ ଗ୍ରାହକ ସତ୍ୟାନନ୍ଦ ମହାନ୍ତ, ବଚ୍ଚି ଦେବୀ ଓ ଦେବସ୍ମିତା ଜେନାଙ୍କ ଆକାଉଣ୍ଟରୁ ମଧ୍ୟ ୧୬ ଲକ୍ଷ ଟଙ୍କା ଠକେଇ ହୋଇଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଗିରଫ

### ବୋଲେରୋ, କାର୍, ମୋଟର ସାଇକେଲ୍ ଜବତ




ଖୋର୍ଦ୍ଧା,୭।୮(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଶିଲ୍ପାଞ୍ଚଳ ଥାନା ପୁଲିସ ଏକ ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାରେ ସଫଳ ହୋଇଛି। ଖୋର୍ଦ୍ଧାସ୍ଥିତ ଗଡ଼ ଚଣ୍ଡିମନ୍ଦିର ନିକଟରେ ଚଢ଼ାଉ କରି ଏକ ବୋଲେରୋର ଗୁପ୍ତ ଚାମ୍ବରରୁ ୧୦୯ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫.୪୫ ଲକ୍ଷ ହେବ। ଏହି ଘଟଣାରେ କଟକ ଜିଲ୍ଲା ବାଙ୍କୀ ଅଞ୍ଚଳର ମାନସ କୁମାର ନାୟକ ଓ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର କୁନି ଓରଫ ସାବିନା ବିବିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବୋଲେରୋ ପିକ୍‌ଅପ୍, ଏକ କାର୍, ଦୁଇଟି ମୋଟର ସାଇକେଲ ଓ ୬ଟି ମୋବାଇଲ ଫୋନ୍ ପୁଲିସ୍ ଜବତ କରିଛି।

କନ୍ଧମାଳ ଜିଲ୍ଲାରୁ ନୟାଗଡ଼-ଖୋର୍ଦ୍ଧା ଦେଇ ବାହାର ଜିଲ୍ଲା ଓ ରାଜ୍ୟକୁ ଏକ ପିକ୍‌ଅପ୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଶିଳ୍ପାଞ୍ଚଳ ପୁଲିସ ଖବର ପାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଖୋର୍ଦ୍ଧାଗଡ଼ ଚଣ୍ଡି ମନ୍ଦିର ନିକଟରେ ଟିମ୍ ଯାଞ୍ଚ ସମୟରେ ଏକ ପିକ୍‌ଅପ୍ ଭ୍ୟାନକୁ ଅନୁଧ୍ୟାନ କରାଯିବା ସମୟରେ ସେଥିରେ ଏକ ସିକ୍ରେଟ୍ ଚ୍ୟାମ୍ବର ଭିତରେ ଗଞ୍ଜେଇ ଚାଲାଣ ବ୍ୟବସ୍ଥା ହୋଇଥିବା ଦେଖିବାକୁ ପାଇଥିଲେ। ସେଥିରୁ ୧୦୯ କେଜି ଗଞ୍ଜେଇ ଜବତ କରାଯିବା ସହ ପିକ୍‌ଅପ୍‌ର ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଉକ୍ତ ଡ୍ରାଇଭର୍‌ଠାରୁ ମିଳିଥିବା ସୂଚନା ଆଧାରରେ ଗଞ୍ଜେଇ ଚୋରାଚାଲାଣର କାର୍ପେଟଦାର ସାବିନା ବିବିଙ୍କୁ ପୁଲିସ୍ ଗିରଫ କରିଛି। ଏନେଇ ଶିଳ୍ପାଞ୍ଚଳ ଥାନାରେ ୨୩୧/୨୬ ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି।

### ବୁକିଂ ପରେ ବି ହେଉନି ଡେଲିଭରୀ

## ଡିଲର୍ ଗ୍ୟାସ୍ ବାଟମାରଣା କରୁଥିବା ଅଭିଯୋଗ



ସମ୍ବଲପୁର, ୭।୮ (ସଂଚାର ବ୍ୟୁରୋ): ସହରରେ ଜାଲେଣି ଗ୍ୟାସ୍ ସିଲିଣ୍ଡର୍ କଳାବଜାର ବଢ଼ିବାରେ ଲାଗିଛି। ବିଭିନ୍ନ ବିତରକ କମ୍ପାନୀର ଖାତାଧାରୀ ଉପଭୋକ୍ତା ବୁକିଂ କରିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସିଲିଣ୍ଡର୍ ଡେଲିଭରୀ ହୋଇପାରୁନି। କିଛି ମାମଲାରେ ଓଟିପି ଆସୁଛି, ଆଉ କିଛି ମାମଲାରେ ତୁରନ୍ତ ଓଟିପି ନଆସି, କିଛି ଦିନ ମଧ୍ୟରେ ଆସିବା ନେଇ ମେସେଜ୍ ଆସୁଛି। ପରେ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ଆସିଥିବା ଏକକ ବ୍ୟବହାରଯୋଗ୍ୟ ପାସୱାର୍ଡ(ଓଟିପି) ନିର୍ଦ୍ଧାରିତ ସମୟ ଅତିକ୍ରମ କରିବା ପରେ ଏହା ଅବୈଧ ହୋଇଯାଉଛି। ତେଣୁ ନିର୍ଦ୍ଦିଷ୍ଟ ସମୟ ସୀମା ଅତିକ୍ରମ କରିବା ପରେ ଏହି ବୁକିଂ ସ୍ୱତଃ ବାତିଲ୍ ହୋଇଯାଉଛି। ଫଳରେ ଉପଭୋକ୍ତା ସିଲିଣ୍ଡର ପାଉ ନଥିବା ବେଳେ ସେମାନଙ୍କ ଅଗୋଚରରେ ଏହି ପ୍ରଣାଳୀରେ ବିତରକ ଉକ୍ତ କୋଟାର ସିଲିଣ୍ଡର୍ ଉଠାଉଥିବା ଅଭିଯୋଗ ହୋଇଛି।

କେତେକ ଉପଭୋକ୍ତାଙ୍କ ଅଭିଯୋଗ ଅନୁସାରେ, କିଛି ବୁକିଂରେ ଡେଲିଭରୀ ଅଥେଣ୍ଟିକେସନ୍ କୋଡ୍ (ଡିଏସି) ମଧ୍ୟ ବୁକିଂ କରିବା ପରେ ପଞ୍ଜୀକୃତ ମୋବାଇଲକୁ ସଠିକ୍ ସମୟରେ ଓଟିପି ଆସୁନାହିଁ। ବୁକିଂ କରିବା ପରେ ଆଗାମୀ ୪ରୁ ୫ ଦିନ ମଧ୍ୟରେ ଡେଲିଭରୀ ହେବ ବୋଲି ଏକ ମେସେଜ୍ ଆସୁଛି। ମାତ୍ର ଏହି ସମୟ ଅପେକ୍ଷା କରିବା ପରେ ଉପଭୋକ୍ତା ବୁକିଂ କ୍ୟାନସଲ୍ ହୋଇଯାଇଥିବା ବିତରକ ସଂସ୍ଥାର କର୍ମଚାରୀ କହୁଛନ୍ତି। ଅନ୍ୟ କିଛି ଘଟଣାରେ ବୁକିଂ ପରେ 'ଓଟିପି' ଆସୁଥିଲେ ସୁଦ୍ଧା ଏକ ସପ୍ତାହ ସୁଦ୍ଧା ଡେଲିଭରୀ ହେଉନଥିବାରୁ ଏହା ସ୍ୱତଃ ଅବୈଧ ହୋଇଯାଇ ବୁକିଂ ପ୍ରକ୍ରିୟା ବାତିଲ୍ ହୋଇଯାଉଛି। ଫଳରେ ଗ୍ରାହକଙ୍କୁ ଆଗାମୀ ୨୫ ଦିନ ପରେ ପୁଣି ଥରେ ବୁକିଂ କରିବାକୁ ପଡୁଛି। ଅତି ଚତୁରତାର ସହ ବୁକିଂ କ୍ୟାନସଲ୍ କରାଯାଇ ଗ୍ରାହକଙ୍କ ଅଗୋଚରରେ ସମ୍ପୃକ୍ତ ଡିଲର୍ ସିଲିଣ୍ଡର ବାଟମାରଣା କରୁଥିବା ଅଭିଯୋଗ ହେଉଛି।

ଅନ୍ୟପଟେ ଗ୍ୟାସ୍ ସଙ୍କଟ ମଧ୍ୟରେ ବଜାରରେ ପ୍ରବଳ ମାତ୍ରାରେ ବେଆଇନ ଗ୍ୟାସ୍ ସିଲିଣ୍ଡର କାରବାର ଜାରି ରହିଛି। ଯୋଗାଣ ବିଭାଗର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏକାଧିକ ସ୍ଥାନରୁ ବହୁମାତ୍ରାରେ ବେଆଇନ୍ ଭାବେ ମହଜୁଦ୍ ରହିଥିବା ଗ୍ୟାସ୍ ସିଲିଣ୍ଡର ଜବତ କରୁଛନ୍ତି।

### ବେଧଡ଼କ ଚାଲିଛି ଭ୍ରୂଣହତ୍ୟା

## ଲିଙ୍ଗ ଅନୁପାତରେ ଅନୁଗୋଳର ପ୍ରଦର୍ଶନ ନୈରାଶ୍ୟଜନକ



ଅନୁଗୋଳ, ୭।୮ (ସଂଚାର ବ୍ୟୁରୋ): କନ୍ୟାଭ୍ରୂଣ ହତ୍ୟାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ କଠୋର ଆଇନ୍ ଓ ବ୍ୟାପକ ସଚେତନତା କଥା କହୁଥିବା ବେଳେ ଅନୁଗୋଳ ଜିଲ୍ଲାରେ ବେଆଇନ୍ ଲିଙ୍ଗ ନିରୂପଣ ବୃଦ୍ଧି ପାଇବାରେ ଲାଗିଛି। ନବଜାତ ଲିଙ୍ଗ ଅନୁପାତରେ ଅନୁଗୋଳର ପ୍ରଦର୍ଶନ ଅତି ଖରାପ ରହିଛି। ହଜାରେ ପୁଅରେ ୯ ଶହରୁ କମ୍ ଝିଅ ଥିବା ବେଳେ ଗତ ଜୁନ୍ ମାସରେ ଝିଅ ସଂଖ୍ୟା ୮ ଶହ ତଳକୁ ଖସିଯାଇଥିଲା। ଏହାକୁ ନେଇ କେବଳ ଜିଲ୍ଲା ପ୍ରଶାସନ ନୁହଁ ରାଜ୍ୟସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଛି।

ସ୍ୱାସ୍ଥ୍ୟ ବିଭାଗ ସୂଚନା ମୁତାବକ, ଗତ ମାର୍ଚ୍ଚ ମାସ ସୁଦ୍ଧା ନବଜାତ ଲିଙ୍ଗ ଅନୁପାତରେ ଅନୁଗୋଳ ଜିଲ୍ଲା ଗ୍ରୀନ୍ ଜୋନ୍‌ରେ ଥିଲା। ହଜାରେ ପୁଅରେ ୯୦୦ ଝିଅ ରହିଥିଲେ। ମାତ୍ର ଏପ୍ରିଲ୍ ମାସଠୁ ପ୍ରଦର୍ଶନ ବିଗିଡ଼ି ଚାଲିଛି। ଉଦ୍‌ବେଗର ବିଷୟ, ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ପ୍ରଦର୍ଶନ ଭଲ ଥିବା ବେଳେ ଅବଶିଷ୍ଟ ୬ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ନୈରାଶ୍ୟଜନକ ରହିଛି।

ଅପରପକ୍ଷରେ, ବ୍ୟାପକ ସଚେତନତା ସତ୍ତ୍ୱେ ଝିଅଙ୍କ ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀ ବଦଳୁନି। କନ୍ୟା ସନ୍ତାନକୁ ଏବେ ବି ଲୋକେ ବୋଝ ବୋଲି ଭାବୁଛନ୍ତି। ପ୍ରସବ ପୂର୍ବରୁ ଭ୍ରୂଣର ଲିଙ୍ଗ ନିରୂପଣ କରୁଛନ୍ତି। ଅନୁଗୋଳ ଜିଲ୍ଲାରେ ଏବେ ଅନେକ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ଚତୁରତାର ସହିତ ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହେଉଛି। ଗତବର୍ଷ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କୋଲିଆରି ଥାନା ଇଲାକାରେ ଏକ ବେଆଇନ୍ ଲିଙ୍ଗ ନିରୂପଣ କେନ୍ଦ୍ରରେ ଚଢ଼ାଉ କରିଥିଲା। ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ବିଭିନ୍ନ କ୍ଲିନିକ୍‌ରେ ଯାଞ୍ଚ କରାଉଥିଲେ ହେଁ ଲିଙ୍ଗ ନିରୂପଣ ଉପରେ କାଣିଚାଏ ବି ପ୍ରଭାବ ପଡୁନାହିଁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶନିବାର ୮ ଅଗଷ୍ଟ ୨୦୨୬
BUSINESS

# ଭାରତରେ ଲଞ୍ଚ ହେଲା ଟାଟା ନେକ୍ସନର କ୍ୟାମୋ ଏଡିସନ



ନୂଆଦିଲ୍ଲୀ, ୭।୮ : ବର୍ତ୍ତମାନ ସମୟରେ ଅଟୋମୋବାଇଲ୍ କମ୍ପାନୀମାନେ କମ୍ପାକ୍ଟ ଏସ୍ୟୁଭି ସେଗମେଣ୍ଟରେ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି। ଫଳରେ ଏହି ସେଗମେଣ୍ଟରେ କଡ଼ା ପ୍ରତିଯୋଗିତା ଦେଖିବାକୁ ମିଳୁଛି। ନିକଟରେ ମାରୁତି ସୁଜୁକି ନୂଆ ବ୍ରିଜା ଲଞ୍ଚ କରିଥିବାବେଳେ, ଏବେ ଟାଟା ମୋଟର୍ସ ମଧ୍ୟ ନିଜର ନୂଆ ଟାଟା ନେକ୍ସନ କ୍ୟାମୋ ଏଡିସନ ବଜାରକୁ ଆଣିଛି। ଲଞ୍ଚ ପରଠାରୁ ଏହି ଏସ୍ୟୁଭିକୁ ନେଇ ବଜାରରେ ବେଶ୍ ଚର୍ଚ୍ଚା ଚାଲିଛି।

ପର୍ବପର୍ବାଣୀ ଋତୁ ପୂର୍ବରୁ ଆସିଥିବା ଏହି ସ୍ପେଶାଲ୍ ଏଡିସନରେ କେବଳ ନୂଆ ରଫ୍-ଆଣ୍ଡ-ଟଫ୍ ଲୁକ୍ ନୁହେଁ, ବରଂ କ୍ୟାବିନ୍ ଭିତରେ ମଧ୍ୟ ଅନେକ ବଡ଼ ଏବଂ ହାଇଟେକ୍ ଅପଡେଟ୍ ଦିଆଯାଇଛି। ଏହି ନୂଆ ମଡେଲ୍ ମାରୁତି ବ୍ରିଜା, ହୁଣ୍ଡାଇ ଭେନ୍ୟୁ ଏବଂ କିଆ ସୋନେଟ୍ ଭଳି ମଡେଲ୍ମାନଙ୍କୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି।

ଟାଟା ନେକ୍ସନ କ୍ୟାମୋ ଏଡିସନକୁ ଦୁଇଟି ନୂଆ ଏକ୍ସକ୍ଲୁସିଭ୍ ଏକ୍ସଟେରିୟର୍ କଲରରେ ଲଞ୍ଚ କରାଯାଇଛି ଯାହା ହେଉଛି-ମୁନାର ମିଷ୍ଟ ଏବଂ କର୍ଗ କ୍ଲାଉଡ୍। ମୁନାର ମିଷ୍ଟ ଏକ ଡାର୍କ ଗ୍ରୀନ୍ ଶେଡ୍, ଯାହା ଆଲୋକର ପରିବର୍ତ୍ତନ ସହିତ ନିଜର ରଙ୍ଗ ବଦଳାଉଥିବା ପରି ଦେଖାଯାଏ। ଅନ୍ୟପଟେ କର୍ଗ କ୍ଲାଉଡ୍ ଏକ ପ୍ରିମିୟମ୍ ମେଟାଲିକ୍ ଗ୍ରେ-ସିଲଭର୍ ଫିନିଶ୍ ସହ ଆସିଛି। ସାଧାରଣ ମଡେଲଠାରୁ ଏହାକୁ ଭିନ୍ନ ପରିଚୟ ଦେବା ପାଇଁ ଫ୍ରଣ୍ଟ ଫେଣ୍ଡରରେ କ୍ୟାମୋ ବ୍ୟାଜିଂ ଦିଆଯାଇଛି। ଇଣ୍ଟେରିୟରରେ ମଧ୍ୟ ଫ୍ରଣ୍ଟ ସିଟର ହେଡରେଷ୍ଟରେ କ୍ୟାମୋ ଥିମ୍ର ବିଶେଷ ପର୍ଫୋରେସନ୍ ଦେଖିବାକୁ ମିଳେ, ଯାହା ଗାଡ଼ିକୁ ସ୍ପୋର୍ଟି ଏବଂ ପ୍ରିମିୟମ୍ ଅନୁଭୂତି ଦେଇଥାଏ। କ୍ୟାବିନରେ କମ୍ପାନୀ ପୂର୍ବଠାରୁ ବଡ଼ ୧୨.୩-ଇଞ୍ଚ ହର୍ମନ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍ ଦେଇଛି। ଏହା ସହ ଡ୍ରାଇଭରଙ୍କ ପାଇଁ ୧୦.୨୫-ଇଞ୍ଚ ଫୁଲି ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ମିଳିଛି, ଯେଉଁଥିରେ ଇନ୍-ବିଲ୍ଟ ନେଭିଗେସନ୍ ସୁବିଧା ରହିଛି। ସୁରକ୍ଷାକୁ ଗୁରୁତ୍ୱ ଦେଇ ଏଥିରେ ୩୬୦-ଡିଗ୍ରୀ କ୍ୟାମେରା ସହ ଏକ ଇଣ୍ଟିଗ୍ରେଟେଡ୍ ଡ୍ୟାସକ୍ୟାମ୍ ମଧ୍ୟ ଦିଆଯାଇଛି, ଯାହା ୨୫୬GB ପର୍ଯ୍ୟନ୍ତ ଷ୍ଟୋରେଜ୍ ସପୋର୍ଟ ଏବଂ ଇମ୍ପାକ୍ଟ-ଇଭେଣ୍ଟ ପ୍ରୋଟେକ୍ସନ୍ ସୁବିଧା ସହ ଆସିଛି। ଏହା ବ୍ୟତୀତ ଗାଡ଼ିରେ ଭଏସ୍-ଅସିଷ୍ଟେଡ୍ ପାନୋରାମିକ୍ ସନରୁଫ୍, ଭେଣ୍ଟିଲେଟେଡ୍ ସିଟ୍, ୯-ସ୍ପିକର JBL ଅଡିଓ ସିଷ୍ଟମ୍ ଏବଂ Level-1 ADAS ଭଳି ମର୍ଡନ ସିକ୍ୟୁରିଟି ଫିଚର୍ସ ମଧ୍ୟ ରହିଛି।

ଇଞ୍ଜିନ୍ ଏବଂ ପାୱାର୍ଟ୍ରେନ୍ ଦୃଷ୍ଟିରୁ ଟାଟା ନେକ୍ସନ କ୍ୟାମୋ ଏଡିସନରେ ଗ୍ରାହକଙ୍କ ପାଇଁ ସମସ୍ତ ଅପ୍ସନ ଉପଲବ୍ଧ କରାଯାଇଛି। ଏଥିରେ ୧.୨-ଲିଟର ଟର୍ବୋ ପେଟ୍ରୋଲ୍ (୧୨୦ PS), ୧.୫-ଲିଟର ଟର୍ବୋ ଡିଜେଲ୍ (୧୧୫ PS) ଏବଂ ସେଗମେଣ୍ଟର ଏକମାତ୍ର ୧.୨-ଲିଟର ଟର୍ବୋ iCNG ଇଞ୍ଜିନ୍ ଅପ୍ସନ ରହିଛି। ଗାଡ଼ିଟି ୬-ସ୍ପିଡ୍ ମାନୁଆଲ୍, AMT ଏବଂ ୭-ସ୍ପିଡ୍ DCA ଅଟୋମେଟିକ୍ ଗିୟରବକ୍ସ ସହ ଉପଲବ୍ଧ। ଏହି କ୍ୟାମୋ Edition, Nexonର Creative ଏବଂ Fearless ଭଳି ହାଇ ଭାରିଆଣ୍ଟ ଉପରେ ଆଧାରିତ ଥିବାବେଳେ, ଏହାର ଟପ୍ ଭାରିଆଣ୍ଟର ଏକ୍ସ-ଶୋରୁମ୍ ମୂଲ୍ୟ ୧୩.୯୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ମାରୁତି ବ୍ରିଜା ଦୀର୍ଘ ଦିନ ଧରି କମ୍ପାକ୍ଟ SUV ସେଗମେଣ୍ଟରେ ନିଜର ସ୍ଥାନ ବଜାୟ ରଖିଛି। କିନ୍ତୁ ନେକ୍ସନ କ୍ୟାମୋ ଏଡିସନର ଏଣ୍ଟ୍ରି ପରେ ପ୍ରତିଯୋଗିତା ଆହୁରି ତୀବ୍ର ହୋଇଛି । ନେକ୍ସନରେ ୫-ଷ୍ଟାର ସେଫ୍ଟି ରେଟିଂ, ୧୨.୩-ଇଞ୍ଚ ଟଚସ୍କ୍ରିନ୍, ଡ୍ୟାସ୍କ୍ୟାମ୍, ଭେଣ୍ଟିଲେଟେଡ୍ ସିଟ୍ ଏବଂ ଟର୍ବୋ iCNG ଭଳି ଆଧୁନିକ ବିକଳ୍ପ ମିଳୁଥିବାବେଳେ ବ୍ରିଜାରେ ଏହି ସୁବିଧାଗୁଡ଼ିକର ଅଭାବ ଦେଖାଯାଏ। ୯.୯୯ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଏତେ ସବୁ ପ୍ରିମିୟମ୍ ଫିଚର୍ସ ଏବଂ ଆକର୍ଷଣୀୟ କ୍ୟାମୋ ଲୁକ୍ ଦେଇ ଟାଟା ମୋଟର୍ସ ଏହି ପର୍ବପର୍ବାଣୀ ଋତୁରେ ଏକ ଫିଚର୍-ଲୋଡେଡ୍ ଏବଂ ରଫ୍-ଆଣ୍ଡ-ଟଫ୍ ଏସୟୁଭି କିଣିବାକୁ ଇଚ୍ଛୁକ ଗ୍ରାହକଙ୍କୁ ଟାର୍ଗେଟ୍ କରିଛି।

# ମସ୍କଙ୍କୁ ପସନ୍ଦ ଆସିଲାନି ନ୍ୟୁୟର୍କ ମେୟରଙ୍କ ଗ୍ରୋସରୀ ଷ୍ଟୋର ଆଇଡିଆ

ନୂଆଦିଲ୍ଲୀ,୭।୮ : ନ୍ୟୁୟର୍କ ସିଟିରେ ଶସ୍ତା ଦରରେ ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ଯୋଗାଇଦେବା ପାଇଁ ସରକାରୀ ସହାୟତାରେ 'ଗ୍ରୋସରୀ ଷ୍ଟୋର୍'ଖୋଲିବାକୁ ନ୍ୟୁୟର୍କ ମେୟର ଜୋହରାନ ମମଦାନୀ ଏକ ପ୍ରସ୍ତାବ ଦେଇଛନ୍ତି। ତେବେ ଟେସଲା ସିଇଓ ଏଲନ୍ ମସ୍କ ଏହି ଯୋଜନାକୁ କଡ଼ା ଭାଷାରେ ସମାଲୋଚନା କରିବା ସହ ମମଦାନୀଙ୍କୁ 'ଜଣେ ଠକ ଏବଂ ମିଛୁଆ' ବୋଲି ଆଖ୍ୟା ଦେଇଛନ୍ତି।

'X' (ପୂର୍ବରୁ ଟ୍ୱିଟର)ରେ ଜଣେ ୟୁଜରଙ୍କ ପୋଷ୍ଟର ଉତ୍ତର ଦେଇ ମସ୍କ ଲେଖିଛନ୍ତି ଯେ, ସରକାରୀ ଯୋଜନା ବଦଳରେ AI ଏବଂ ରୋବୋଟିକ୍ସ ବୈଷୟିକ ଜ୍ଞାନକୌଶଳ ଆଗାମୀ ଦିନରେ ସାମଗ୍ରୀ ଓ ସେବାଗୁଡ଼ିକୁ ମାଗଣା କିମ୍ବା ବହୁତ ଶସ୍ତା କରିବ। ସେ କହିଛନ୍ତି, 'ସେମାନେ ଯାହା କରୁଛନ୍ତି ତାହାର କୌଣସି ଅର୍ଥ ନାହିଁ। ଯେଉଁ ଠକମାନେ ଅନ୍ୟମାନଙ୍କଠାରୁ ଚୋରି କରି ମାଗଣା ସାମଗ୍ରୀ ଦେବାର ବାହାସ୍ଫୋଟ ମାରୁଛନ୍ତି, ପ୍ରକୃତରେ AI ଏବଂ ରୋବୋଟ ହିଁ ସେହି ସାମଗ୍ରୀ ଓ ସେବା ମାଗଣାରେ ଯୋଗାଇଦେବେ। ମାମଦାନୀ ସାଧାରଣ ଭାବରେ ଜଣେ ଠକ ଏବଂ ମିଛୁଆ।'

ନ୍ୟୁୟର୍କ ସିଟିର ୫ଟି ସ୍ଥାନରେ ସରକାରୀ ସହାୟତାରେ ୫ଟି ଗ୍ରୋସରୀ ଷ୍ଟୋର୍ ଖୋଲିବାକୁ ପ୍ରଶାସନ ପ୍ରସ୍ତାବ ଦେଇଛି। ଏଥିପାଇଁ ୭୦ ନିୟୁତ ଡଲାର (୭ କୋଟି ଡଲାର) ସରକାରୀ ପାଣ୍ଠି ଆବଣ୍ଟିତ କରାଯାଇଛି। ସାଧାରଣ ବଜାର ଦର ତୁଳନାରେ ଏଠାରେ ପ୍ରାୟ ୩୦% ଶସ୍ତାରେ ସାମଗ୍ରୀ ମିଳିବ। ଏହାଦ୍ୱାରା ଜଣେ ନ୍ୟୁୟର୍କବାସୀ ମାସକୁ ପ୍ରାୟ ୯୦ ଡଲାର ସଞ୍ଚୟ କରିପାରିବେ। ଦୋକାନ ପାଇଁ ସ୍ଥାନ ଏବଂ ଭଡ଼ା ବାବଦ ଖର୍ଚ୍ଚ ସରକାର ବହନ କରିବେ, ମାତ୍ର ଦୋକାନର ଦୈନନ୍ଦିନ ପରିଚାଳନା କାର୍ଯ୍ୟ ଘରୋଇ ସଂସ୍ଥାଗୁଡ଼ିକ ଦ୍ୱାରା ହେବ।

ପନିପରିବା, ମାଂସ, କ୍ଷୀର ଓ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ସପ୍ତାହକୁ ସପ୍ତାହ ବଦଳିବା ବଦଳରେ ପ୍ରତି ମାସରେ ସ୍ଥିର ରଖାଯିବ। ୨୦୨୭ ଶେଷ ସୁଦ୍ଧା ବ୍ରୋଙ୍କସଠାରେ ପ୍ରଥମ ଷ୍ଟୋର୍ ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି। ଅର୍ଥଶାସ୍ତ୍ରୀ ଏବଂ ବ୍ୟବସାୟୀ ସଂଘଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି ଯେ, ଏଥିରେ ଲାଭର ପରିମାଣ ବହୁତ କମ୍ ଥାଏ। ସେପରି ସ୍ଥଳେ ୩୦% ପର୍ଯ୍ୟନ୍ତ ରିହାତି ଦେବା ଦ୍ୱାରା ଶେଷରେ କରଦାତା ଙ୍କ ଉପରେହିଁ ଆର୍ଥିକ ବୋଝ ପଡ଼ିବ।



# ଆଜିଠୁ ଫ୍ଲିପକାର୍ଟର ଫ୍ରିଡମ ସେଲ୍ ଆରମ୍ଭ




ନୂଆଦିଲ୍ଲୀ, ୭।୮ : ଫ୍ଲିପକାର୍ଟ ଫ୍ରିଡମ ସେଲ୍ ୨୦୨୬ ଆସନ୍ତାକାଲି ଅର୍ଥାତ୍ ୮ ଅଗଷ୍ଟରୁ ଆରମ୍ଭ ହେଉଛି। ଯଦି ଆପଣ ଏହି ସେଲ୍ରେ ନୂଆ ଫୋନ କିଣିବାକୁ ଯୋଜନା କରୁଛନ୍ତି, ତେବେ ସେଲ୍ ଆରମ୍ଭ ହେବା ପୂର୍ବରୁ ହିଁ ଅନେକ ପ୍ରିମିୟମ ଓ ମିଡ-ରେଞ୍ଜ ଫୋନ୍ରେ ମିଳିବାକୁ ଥିବା ବଡ଼ ଡିସ୍କାଉଣ୍ଟ ବିଷୟରେ ସୂଚନା ସାମ୍ନାକୁ ଆସିଛି।

ଫ୍ଲିପକାର୍ଟର ଟିଜର ଅନୁସାରେ Samsung Galaxy S25 ଏହି ସେଲରେ ସବୁଠାରୁ ବଡ଼ ଡିଲ୍ଗୁଡ଼ିକ ମଧ୍ୟରେ ସାମିଲ ହୋଇପାରେ। ଏହି ଫୋନ୍ର ଲଞ୍ଚ ପ୍ରାଇସ ୮୦,୯୯୯ ଟଙ୍କା ଥିଲା, କିନ୍ତୁ ସେଲ୍ ସମୟରେ ଏହାର ଦାମ ୫୭,୯୯୯ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଅର୍ଥାତ୍ ସିଧାସଳଖ ୨୩,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହୋଇପାରେ। ଫ୍ଲିପକାର୍ଟ ଫ୍ରିଡମ ସେଲ୍ରେ ଦୁଇଟି ଷ୍ଟାଣ୍ଡାର୍ଡ iPhone 17 ମଧ୍ୟ କମ୍ ଦାମରେ କିଣିହେବ। ରିପୋର୍ଟ ଅନୁସାରେ ଏହାର ପ୍ରଭାବୀ ଦାମ ୮୦ ହଜାର ଟଙ୍କାରୁ କମ୍ ରହିବ ବୋଲି ଆଶା କରାଯାଉଛି। ତେବେ ଅନ୍ତିମ ଦାମ ବ୍ୟାଙ୍କ ଅଫର୍ ଏବଂ ଅନ୍ୟାନ୍ୟ ଡିସ୍କାଉଣ୍ଟ ଉପରେ ନିର୍ଭର କରିବ। Nothing Phone 4a Pro ମଧ୍ୟ ଏହି ସେଲ୍ରେ କମ ଦାମରେ ମିଳିବ। ବର୍ତ୍ତମାନ ଏହାର ଲିଷ୍ଟେଡ ପ୍ରାଇସ ୪୯,୯୯୯ ଟଙ୍କା ଥିବାବେଳେ, ସେଲ ସମୟରେ ଏହାର ଦାମ ୪୩,୯୯୯ ଟଙ୍କା ପର୍ଯ୍ୟନ୍ତ ରହିପାରେ। ୭୯,୯୯୯ ଟଙ୍କାରେ ଲଞ୍ଚ ହୋଇଥିବା Google Pixel 10 ମଧ୍ୟ ଏହି ସେଲ୍ରେ କମ ଦାମରେ ମିଳିବ। ଏହି ସେଲ୍ରେ ଏହାର ଦାମ ୬୨,୯୯୦ ଟଙ୍କା ପର୍ଯ୍ୟନ୍ତ ରହିବ ବୋଲି ଆଶା କରାଯାଉଛି। ଅର୍ଥାତ୍ ଏହି ଫ୍ଲାଗ୍ସିପ ସ୍ମାର୍ଟଫୋନ୍ରେ ପ୍ରାୟ ୧୭,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିହେବ। ଗତ ଏକ ବର୍ଷ ମଧ୍ୟରେ ଚିପ୍ସେଟ ଏବଂ ମେମୋରୀର ବଢ଼ୁଥିବା ମୂଲ୍ୟ ଯୋଗୁ ସ୍ମାର୍ଟଫୋନ୍ର ଦାମ ବଢ଼ିଛି। ଏଭଳି ସ୍ଥିତିରେ ଫ୍ଲିପକାର୍ଟ ଫ୍ରିଡମ ସେଲ୍ 2026 ଗ୍ରାହକମାନଙ୍କୁ ପ୍ରିମିୟମ ଏବଂ ମିଡ-ରେଞ୍ଜ ସ୍ମାର୍ଟଫୋନ କମ ଦାମରେ କିଣିବାର ସୁଯୋଗ ଦେଉଛି।

## ଧମାକେଦାର ଡିସ୍କାଉଣ୍ଟ

# ବନ୍ଦ ହୋଇଯିବ ପର୍ସନାଲ, ହୋମ୍ ଲୋନ୍ ଡିଫଲଟରଙ୍କ ମୋବାଇଲ ଫୋନ

ନୂଆଦିଲ୍ଲୀ,୭।୮ :ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗୁରୁବାର କହିଛି , ବ୍ୟାଙ୍କ ପର୍ସନାଲ , ଅଟୋ କିମ୍ବା ହୋମ୍ ଲୋନ୍ ଖିଲାପକାରୀଙ୍କ ମୋବାଇଲ ଫୋନ୍, ଟାବଲେଟ୍ କିମ୍ବା ଲାପଟପକୁ ବନ୍ଦ କିମ୍ବା ନିଷ୍କ୍ରିୟ କରି ପାରିବେ ନାହିଁ। ହେଲେ,ଯଦି ଏହି ସମ୍ବନ୍ଧିତ ଉପକରଣ କ୍ରୟ ପାଇଁ ସେହି ବ୍ୟାଙ୍କ ଋଣ ଦେଇଛି , ତ ଏହି ପଦକ୍ଷେପ ନିଆଯାଇ ପାରେ। ଆରବିଆଇ କହିଛି ଯେ, ଯେଉଁ ମାମଲାରେ ଉପକରଣର କାର୍ଯ୍ୟ ଦକ୍ଷତା ସୀମିତ କିମ୍ବା ନିଷ୍କ୍ରିୟ କରିବାର ଅନୁମତି ଅଛି , ଏଥିରେ ମଧ ବ୍ୟାଙ୍କକୁ ଆରମ୍ଭରୁ ହିଁ ଉପକରଣ ବନ୍ଦ କରିବା ପରିବର୍ତ୍ତେ ପର୍ଯ୍ୟାୟ କ୍ରମେ ପଦ୍ଧତି ଆପଣାଇବାକୁ ହେବ।



ଉଲ୍ଲେଖନୀୟ ଯେ, କେନ୍ଦ୍ରୀୟ ବ୍ୟାଙ୍କ ଋଣ ଆଦାୟ ଓ ରିକଭରି ଏଜେନ୍ସିମାନଙ୍କର ନିଯୁକ୍ତି ସହ ଜଡ଼ିତ ଆଚରଣ ସମ୍ବନ୍ଧୀୟ ନୀତି ନିର୍ଦ୍ଦେଶ ଜାରି କରିଛନ୍ତି। ଋଣଗ୍ରହୀତାମାନେ ସୋସିଆଲ ମିଡିଆରେ ହଇରାଣ ଏବଂ ଅପମାନଜନକ ଭାଷା ବିଷୟରେ ଅଭିଯୋଗ କରିବା ପରେ ଏହି ପଦକ୍ଷେପ ନିଆଯାଇଛି। ଆରବିଆଇ ସର୍କୁଲାର ଅନୁଯାୟୀ, ଏହି ନିୟମଗୁଡ଼ିକ ୧ ଜାନୁଆରୀ , ୨୦୨୭ ରୁ ଲାଗୁ ହେବ। କେନ୍ଦ୍ରୀୟ ରିଜର୍ଭ ବ୍ୟାଙ୍କ କହିଛି ଯେ, କୌଣସି ବ୍ୟାଙ୍କ ଏପରି କୌଣସି ଟେକ୍ନୋଲଜି ଆଧାରିତ ବ୍ୟବସ୍ଥାର ବ୍ୟବହାର କରିବେ ନାହିଁ , ଯାହା ଋଣ ଆଦାୟର ଉପାୟ ଭାବେ ଋଣଗ୍ରହୀତାଙ୍କ ମୋବାଇଲ୍ ଡିଭାଇସ୍, ଯେପରିକି ମୋବାଇଲ୍ ଫୋନ୍, ଟାବଲେଟ୍ କିମ୍ବା ଲାପଟପ୍ର କୌଣସି କାର୍ଯ୍ୟଦକ୍ଷତାକୁ ସୀମିତ କିମ୍ବା ଅକ୍ଷମ କରିବ। କେବଳ ସେହି କ୍ଷେତ୍ରରେ ବ୍ୟତିକ୍ରମ କରାଯିବ, ଯେଉଁଠାରେ ବ୍ୟାଙ୍କ ନିଜେ ଡିଭାଇସ୍ କିଣିବା ପାଇଁ ଋଣ ପ୍ରଦାନ କରିଥିବ। କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି ଯେ ,ଯଦି ମୋବାଇଲ୍ ଡିଭାଇସ୍ ବ୍ୟାଙ୍କରୁ ଋଣ ନେଇ କିଣାଯାଇଛି, ତେବେ ବ୍ୟାଙ୍କ ଡିଭାଇସ୍କୁ ସୀମିତ କିମ୍ବା ନିଷ୍କ୍ରିୟ କରିବାର ବିକଳ୍ପ ଆପଣା ଯାଇ ପାରିବ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୩,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୭୫୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୫,୯୦୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୭୫୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି ।

# ସୋଆର ସବୁ କ୍ୟାମ୍ପସ ହେବ ସବୁଜ କ୍ୟାମ୍ପସ: କୁଳପତି



**ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ):** ପରିବେଶ ପ୍ରଦୁଷଣ ଓ ଏହାର ସୁରକ୍ଷା ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିବା ବେଳେ ଏହାର ସନ୍ତୁଳନ ଲାଗି ବୃକ୍ଷରୋପଣ ସମସ୍ତଙ୍କର ଦାୟିତ୍ୱ ରହିବା ଉଚିତ୍ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ।

ଶୁକ୍ରବାର ସୋଆ କ୍ୟାମ୍ପସ - ୪ ପରିସରରେ ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଥିବା ବେଳେ ବିଶ୍ୱବିଦ୍ୟାଳୟର ସବୁକ୍ୟାମ୍ପସକୁ ସବୁଜ କ୍ୟାମ୍ପସ କରାଯିବ ବୋଲି କୁଳପତି ପ୍ରଫେସର ନନ୍ଦ କହିଛନ୍ତି। ସୋଆ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍), ପ୍ରାଣୀ ବିଜ୍ଞାନ ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସ ଆଣ୍ଡ ଆନିମଲ ହଜବ୍ୟାଣ୍ଡରି (ଆଇଭିଏସ୍‌ଏଏଚ୍) ଏବଂ ଆଇନ ମହାବିଦ୍ୟାଳୟ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ର ମିଳିତ ଆନୁକୂଲ୍ୟରେ ଏହି ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ କହିଥିଲେ ଯେ ପରିବେଶର ସୁରକ୍ଷା ନିମନ୍ତେ ଏହି ମହତ୍ କାର୍ଯ୍ୟର ଆୟୋଜନ କରାଯାଇଥିବା ବେଳେ ବଉଳ, ସୁନାରୀ, କାଞ୍ଚନ, ଅର୍ଜୁନ, ପିସ୍ତାବାଦାମ, ଜାମ୍ବୁ, ବାହାଡା, କୃଷ୍ଣଚୂଡ଼ା ଓ ବଡ଼ ଚାକୁଣ୍ଡା ଭଳି ୧୨ ପ୍ରକାରର ୫୦୦ଟି ବୃକ୍ଷ ରୋପଣ କରାଯାଇଛି।

# ନୂଆ ରୂପରେ ସଜେଇ ହେବ ମା’ ମଙ୍ଗଳା ପୀଠ

### ଦେବୋତ୍ତର କମିଶନରଙ୍କ ପରିଦର୍ଶନରେ ମିଳିଲା ଗତି

### ପ୍ରାଚୀ କୂଳରେ ଐତିହ୍ୟ ଘାଟ, ଭକ୍ତଙ୍କ ପାଇଁ ଆଧୁନିକ ସୁବିଧା

### କାକଟପୁର ପାଲଟିବ ପ୍ରମୁଖ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ



**କାକଟପୁର/ଅସ୍ତରଙ୍ଗ,୭।୮ (ସଂଚାର ବ୍ୟୁରୋ):** ଓଡିଶାର ପ୍ରମୁଖ ଶକ୍ତିପୀଠ ପୁରୀ ଜିଲ୍ଲା କାକଟପୁର ମା’ ମଙ୍ଗଳାଙ୍କ ମନ୍ଦିର ଏବେ ନୂଆ କଳେବର ପାଇବାକୁ ଯାଉଛି। ପୀଠର ସର୍ବାଙ୍ଗୀନ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିବା ବେଳେ ଗୁରୁବାର ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ ସ୍ୱୟଂ ମନ୍ଦିର ପରିସର ପରିଦର୍ଶନ କରି ଚାଲିଥିବା କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଗତ ମଙ୍ଗଳବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ମଙ୍ଗଳା ପୀଠର ବିଜେ ସ୍ଥଳୀ ଓ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ନେଇ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ସେହି ବୈଠକର ନିଷ୍ପତ୍ତିକୁ ତଦାରଖ କରିବା ପାଇଁ କମିଶନର ଗୁରୁବାର କାକଟପୁରରେ ପହଞ୍ଚିଥିଲେ।

ପରିଦର୍ଶନ ବେଳେ ତାଙ୍କ ସହ ବ୍ଲକ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତି, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ସେବାୟତମାନେ ଉପସ୍ଥିତ ଥିଲେ। କମିଶନର ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ କାମର ଗୁଣବତ୍ତା ଯାଞ୍ଚ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ମନ୍ଦିର ମରାମତି,ଆଧୁନିକ ସୁବିଧା ଯୁକ୍ତ ରୋଷଗୃହ ନିର୍ମାଣ, ବ୍ୟାପକ ପାର୍କିଂ ସ୍ଥଳୀ, ସେବାୟତଙ୍କ ପାଇଁ ନୂଆ ଭବନ, ଭକ୍ତଙ୍କ ପାଇଁ ଯାତ୍ରୀ ନିବାସ, ସୁସଜ୍ଜିତ ଭୋଗ ଦୋକାନ ଏବଂ ଏକ ଆକର୍ଷଣୀୟ ଐତିହ୍ୟ ଗେଟ୍ ନିର୍ମାଣ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପୀଠର ସମନ୍ୱିତ ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ପ୍ରାଚୀ ନଦୀ କୂଳରେ ଐତିହ୍ୟ ଘାଟ ନିର୍ମାଣ, ଛୋଟ ପିଲାଙ୍କ ପାଇଁ ସୁନ୍ଦର ପାର୍କ ଏବଂ ଆଧୁନିକ ସୁବିଧା ସମ୍ପନ୍ନ ମନ୍ଦିର କାର୍ଯ୍ୟାଳୟ ନିର୍ମାଣ ପ୍ରସ୍ତାବ ରହିଛି। ଏହି ସବୁ ପ୍ରକଳ୍ପ ପାଇଁ ତୁରନ୍ତ ସର୍ଭେ ରିପୋର୍ଟ ଦାଖଲ କରିବାକୁ କମିଶନର ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ଦିରର ନୂତନ କଳେବର ହେଲେ କେବଳ ଭକ୍ତଙ୍କ ସୁବିଧା ବଢ଼ିବ ନାହିଁ, କାକଟପୁର ଏକ ପ୍ରମୁଖ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ଭାବେ ମଧ୍ୟ ବିକଶିତ ହେବ। ଏଥିରେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟ ଓ ରୋଜଗାର ସୁଯୋଗ ମଧ୍ୟ ବୃଦ୍ଧି ପାଇବ ବୋଲି ସ୍ଥାନୀୟ ଲୋକେ ଆଶା ରଖିଛନ୍ତି। ପରିଦର୍ଶନ ଶେଷରେ କମିଶନର ମା ମଙ୍ଗଳାଙ୍କ ଠାରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିଚ୍ଛନ୍ନତା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ଆନନ୍ଦପୁର ବଡ଼ଦାଣ୍ଡ ଆଲୋକୀକରଣରେ ବଡ଼ ଅନିୟମିତତା

### ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ହେଲା ଆଲୋକୀକରଣ

### ଜଳୁଛି ଡିବିରି ଆଲୁଅ ପରି

### ତଦନ୍ତ ଦାବି



**ଆନନ୍ଦପୁର,୭।୮ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବଡ଼ଦାଣ୍ଡରେ ଆଲୋକୀକରଣ ନାଁରେ ହୋଇଛି କି ବଡ଼ ଅନିୟମିତତା? କେତେ ଟଙ୍କାରେ ହୋଇଛି ଏହି ଆଲୋକୀକରଣ କାମ? କିଏ କରିଛନ୍ତି ଠିକାଦାରୀ? କେଉଁ ଯୋଜନାରେ ହୋଇଛି ଏହି କାମ? ଆଉ କାମର ମାନକୁ ନେଇ କାହିଁକି ଉଠୁଛି ଏତେ ପ୍ରଶ୍ନ? ଲାଇଟ୍ ଲାଗିବା ପରଠାରୁ ଆନନ୍ଦପୁର ସହରବାସୀଙ୍କ ମଧ୍ୟରେ ଦେଖାଦେଇଛି ଗଭୀର ଅସନ୍ତୋଷ।

ସହରବାସୀଙ୍କ ପ୍ରଶ୍ନ, ଏହି ଆଲୋକୀକରଣ ବ୍ୟବସ୍ଥା ସହରର ସୌନ୍ଦର୍ଯ୍ୟକରଣ ପାଇଁ, ନା ରାସ୍ତାକୁ ଉପଯୁକ୍ତ ଭାବେ ଆଲୋକିତ କରିବା ପାଇଁ? ଯଦି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇଛି, ତେବେ ତାହାର ଫଳାଫଳ କେଉଁଠି? କାମର ଅନୁମୋଦିତ ଅର୍ଥରାଶି କେତେ? ଏଷ୍ଟିମେଟ୍ କ’ଣ ଥିଲା? କାମର ଟେଣ୍ଡର କାହାକୁ ମିଳିଥିଲା? କେଉଁ ମାନଦଣ୍ଡରେ ଲାଇଟ୍ ଲଗାଯାଇଛି? ଏସବୁର ଉତ୍ତର ଏବେ ଲୋଡୁଛନ୍ତି ଆନନ୍ଦପୁରବାସୀ। କେବଳ ଲାଇଟ୍ ଲଗାଇଦେଲେ ହେବନି, ଲାଇଟ୍ ଜଳିବା ଦରକାର, ଆଲୋକ ଦେବା ଦରକାର, ଆଉ ଲୋକଙ୍କ ଟଙ୍କାର ସଠିକ୍ ବିନିଯୋଗ ହେବା ଦରକାର। ତେଣୁ ଏହି ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ସହରବାସୀ।

ଜିଲ୍ଲାପାଳ ଘଟଣାରେ ହସ୍ତକ୍ଷେପ କରି ସ୍ୱଚ୍ଛ ତଦନ୍ତ କରନ୍ତୁ, କାମର ଏଷ୍ଟିମେଟ୍ ଓ ଖର୍ଚ୍ଚର ହିସାବ ସାର୍ବଜନୀନ କରନ୍ତୁ ଏବଂ ଅନିୟମିତତା ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ, ଏହା ହେଉଛି ଆନନ୍ଦପୁରବାସୀଙ୍କ ଦାବି। ଲାଗିଥିବା ଲାଇଟ୍ ଗୁଡ଼ିକ ଡିବିରି ଆଲୁଅ ପରି ଜଳୁଥିବାରୁ ଆହୁରି ଅଧିକ ଅସନ୍ତୋଷ ପ୍ରକାଶ ପାଉଛି। ଏହା ସହିତ ବଡ଼ଦାଣ୍ଡର ଆଲୋକୀକରଣ ବ୍ୟବସ୍ଥାକୁ ତୁରନ୍ତ ସୁଦୃଢ଼ କରିବା ସହ ଲୋକଙ୍କ ସୁରକ୍ଷା ଓ ସୁବିଧାକୁ ପ୍ରାଥମିକତା ଦେବାକୁ ଦାବି ହୋଇଛି। ଏବେ ଦେଖିବାକୁ ବାକି ରହିଲା ଆଲୋକୀକରଣ ନାଁରେ ଉଠିଥିବା ଏହି ବଡ ପ୍ରଶ୍ନର ଉତ୍ତର ଆନନ୍ଦପୁରଙ୍କୁ କେବେ ମିଳିବ। ଏବଂ ଆଲୋକିକରଣ କରିବା ବ୍ୟବସ୍ଥା କୁ ଗୁରୁତ୍ୱ ଦିଆଯିବ।

# ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



**ମହାକାଳପଡ଼ା,୭।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ହିଁ ଦେଶର ଆଗାମୀ ଭବିଷ୍ୟତ ବୋଲି କହିବା ସହ କଠିନ ପରିଶ୍ରମ ଓ ଅଧ୍ୟବସାୟ ମାଧ୍ୟମରେ ଜୀବନରେ ସଫଳତା ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ସେ ମହାବିଦ୍ୟାଳୟର ପ୍ରତିଷ୍ଠା ଓ ବିକାଶ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିବା ମହାନ ବ୍ୟକ୍ତିତ୍ୱମାନଙ୍କୁ ସ୍ମରଣ କରିଥିଲେ। ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ପ୍ରମୋଦ କୁମାର ମହାପାତ୍ର ମହାବିଦ୍ୟାଳୟର ସ୍ଥାପନା ସମ୍ପର୍କିତ ବିଭିନ୍ନ ଅଜଣା ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ପାଇଁ କାର୍ଯ୍ୟ ଚାଲିଥିବା ବେଳେ ଆଗାମୀ ଦିନରେ ମଧ୍ୟ ବିକାଶମୂଳକ କାର୍ଯ୍ୟ ଜାରି ରହିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ପ୍ରମୋଦ କୁମାର ମହାପାତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜିତ କୁମାର ଦାସ, ଫିରୋଜ ସାହୁ, ବୈଷ୍ଣବ ଦାସଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବ୍ରାଉନସୁଗର ଜବତ, ୨ ଗିରଫ



**ସୁନ୍ଦରଗଡ଼,୭।୮ (ସଂଚାର ବ୍ୟୁରୋ):** କୋଇଲା ଖଣି କ୍ଷେତ୍ର ହେମଗିର ଅଞ୍ଚଳରେ ବ୍ରାଉନସୁଗାରର ଚୋରା କାରବାର ଚାଲିଥିବା ଅଭିଯୋଗ ଥିଲା। ଗୁରୁବାର ପୁଲିସ ହାତରେ ଦୁଇ ବେପାରୀ ଧରା ପଡ଼ିଛନ୍ତି। ୬ ତାରିଖ ସନ୍ଧ୍ୟାରେ ହେମଗିର ଥାନା ବଲିଙ୍ଗା ଫାଣ୍ଡି ପୁଲିସ ଡୁଡୁକା କଲେଜ ପଛପଟ ଗାଁ ଖେଳ ପଡ଼ିଆରେ ଚଢ଼ଉ କରି ଦୁଇ ବେପାରୀଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ୮.୧୨ ଗ୍ରାମ୍ ବ୍ରାଉନସୁଗର ଜବତ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତମାନେ ହେଲେ ଡୁଡୁକାର ଭବାନୀ ନାଏକ (୩୯) ଓ ଠିଠେଇଟାଙ୍ଗରର ମନୋଜ ଭୋଇ (୩୯)। ସେମାନଙ୍କଠାରୁ ନଗଦ ୧୦୫୧୦ ଟଙ୍କା, ୨ଟି ମୋବାଇଲ୍ ଜବତ କରାଯାଇଛି। ଏ ନେଇ ହେମଗିର ଥାନାରେ ଏକ ମାମଲା ରୁଜୁ କରି ପୁଲିସ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଆବର୍ଜନା ପାଣି ଟାଙ୍କିରେ ପଡ଼ି ଜଣେ ଶ୍ରମିକ ମୃତ ଓ ଜଣେ ଗୁରୁତର

**ମାହାଙ୍ଗା,୭।୮ (ସଂଚାର ବ୍ୟୁରୋ):** ମାହାଙ୍ଗା ଥାନା ଅଧିନ କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ କୁହୁଣ୍ଡା ପଞ୍ଚାୟତ କୋଠପଦା ସ୍ଥିତ ମା ଗୌରୀ ପ୍ୟାଲେସ ସମ୍ମୁଖରେ ଏକ ଆବର୍ଜନା ପାଣି ଟାଙ୍କିରେ ପଡ଼ି ଜଣେ ଯୁବ ଶ୍ରମିକ ମୃତବରଣ କରିଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଅବାର୍ଜନା ପାଣି ଟାଙ୍କି ମାଲିକ ଙ୍କ ଅବହେଳା ଯୋଗୁଁ ଏହି ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉ କି ଆଜି ମଧ୍ୟାହ୍ନରେ ବନଗୁରିଆ ଗ୍ରାମର ପ୍ରଭାକର ସାହୁଙ୍କ ପୁତ୍ର ଘନଶ୍ୟାମ ସାହୁ (୨୨) କୋଠପଦା ସ୍ଥିତ ମା ଗୌରୀ ପ୍ୟାଲେସର ପରିସରରେ ନିର୍ମାଣ ହୋଇ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ପଡ଼ି ରହିଥିବା ଏକ ଆବର୍ଜନା ପାଣି ଟାଙ୍କି ଭିତରେ ଲାଗି ରହିଥିବା ସଟରିଙ୍ଗ ଖୋଲିବା ପାଇଁ ବିନା ସୁରକ୍ଷା ଉପକରଣରେ ଟାଙ୍କି ଭିତରକୁ ଯାଇଥିବା ବେଳେ ଏହି ଟାଙ୍କି ନିକଟରେ ଅନ୍ୟ ଜଣେ ଶ୍ରମିକ ବନଗୁରିଆ ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁତ୍ର ପ୍ରମୋଦ ଜେନା (୩୩) ଠିଆ ହୋଇ ରହିଥିଲେ। ତେବେ ଘନଶ୍ୟାମ ଅଣଓସାରିଆ ପାଣି ଟାଙ୍କି ଦ୍ୱାର ଦେଇ ଭିତରକୁ ପ୍ରବେଶ କରିବା କ୍ଷଣି ଅମ୍ଳଯାନ ଅଭାବରୁ ଅଣନିଶ୍ୱାସୀ ହୋଇ ଚିତ୍କାର କରିଥିଲେ। ପାଖରେ ଠିଆ ହୋଇଥିବା ପ୍ରମୋଦ ତତ୍‌କ୍ଷଣାତ୍ ଟାଙ୍କି ଭିତରୁ ଘନଶ୍ୟାମକୁ ବାହାରକୁ ଆଣିବା ପାଇଁ ଉଦ୍ୟମ କରୁଥିବା ବେଳେ ପ୍ରମୋଦ ମଧ୍ୟ ଅଣନିଶ୍ୱାସୀ ହୋଇ ଏହି ଟାଙ୍କି ଭିତରେ ମୁହଁ ମାଡି ଟାଙ୍କିରେ ଥିବା ପାଣିରେ ପଡ଼ି ଯାଇଥିଲେ। ତୁରନ୍ତ ନିକଟରେ ଥିବା ସ୍ଥାନୀୟ ଲୋକ ମାନେ ଟାଙ୍କି ମଧ୍ୟରୁ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ କୁଆଁପାଳ ଦମକଳ ବାହିନୀ ଗାଡିରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିବା ବେଳେ ପ୍ରମୋଦକୁ ମୃତ ଘୋଷଣା କରିଥଲେ। ଘନଶ୍ୟାମ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲ ପଠାଇଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ମାହାଙ୍ଗା ମେଡିକାଲରେ ଶହ ଶହ ସଂଖ୍ୟାରେ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ପ୍ରମୋଦଙ୍କ ମୃତ୍ୟୁକୁ ନେଇ ଉତେଜନା ପ୍ରକାଶ ପାଇବା ସହ ଟାଙ୍କି ମାଲିକଙ୍କୁ ଦାୟୀ କରିଥିଲେ। ଟାଙ୍କି ମଧ୍ୟରେ ପ୍ରବେଶ ପୂର୍ବରୁ ଗୃହ ମାଲିକ ଶ୍ରମିକଙ୍କୁ ସୁରକ୍ଷା ଉପକରଣ ଓ ଆନୁସଙ୍ଗିକ ବ୍ୟବସ୍ଥା କରି ନ ଥିବାରୁ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଲା ବୋଲି ଅଭିଯୋଗ କରିଛନ୍ତି। ଖବର ପାଇ ମାହାଙ୍ଗା ପୋଲିସ ମେଡିକାଲ ପରିସରରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ପ୍ରମୋଦର ଶବକୁ ଜବତ କରି ଥାନା କେସଂ ନଂ ୧୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ମେଡିକାଲ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ବିମ୍ବାଧର ମଲିକ ସୂଚନା ଦେଇଛନ୍ତି।



# ଗ୍ରାମ୍ୟ ଜଙ୍ଗଲରେ ରାସ୍ତା ନିର୍ମାଣକୁ ବିରୋଧ, ଜିଲ୍ଲାପାଳଙ୍କୁ ଅଭିଯୋଗ



**ଢେଙ୍କାନାଳ,୭।୮ (ସଂଚାର ବ୍ୟୁରୋ):** ଓଡାପଡା ବ୍ଲକ୍ ଅନ୍ତର୍ଗତ ଖଡଗପ୍ରସାଦ ଗ୍ରାମପଂଚାୟତର ଅଧିବାସୀମାନେ ଗ୍ରାମ୍ୟ ଜଙ୍ଗଲ ଭିତରେ ରାସ୍ତା ନିର୍ମାଣକୁ ନେଇ ଜିଲ୍ଲାପାଳଙ୍କ ପାଖରେ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି।

ପ୍ରକାଶ ଯେ, ଜାତୀୟ ରାଜପଥ ୫୫ନଂ ବଡକମାର ଠାରୁ ଖଡଗପ୍ରସାଦସ୍ଥିତ ବ୍ରାହ୍ମଣୀ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଅଛି। ଏହି ରାସ୍ତା ଖଡଗପ୍ରସାଦ ଗ୍ରାମ୍ୟ ଜଙ୍ଗଲ ଭିତରେ ନିର୍ମାଣ ହେଲେ ଗ୍ରାମବାସୀମାନେ ସୁରକ୍ଷିତ ରଖୁବା ଜଙ୍ଗଲ ସବୁ ନଷ୍ଟ ହେବ। ଜୀବଜନ୍ତୁ ମଧ୍ୟ ଅସୁବିଧାରେ ପଡିବେ, ହାତୀ ସୁରକ୍ଷିତ ଭାବେ ଜଙ୍ଗଲରେ ରହୁଥିବାବେଳେ ରାସ୍ତା ନିର୍ମାଣ ହେଲେ ପଦାକୁ ବାହାରି ଗ୍ରାମରେ ପଶିବେ ଏବଂ ଲୋକମାନେ ରାସ୍ତାରେ ଯିବା ସମୟରେ ବିପଦରେ ପଡିବେ। ଯେହେତୁ ଏହି ଅଂଚଳଟି ଏକ ଶିଳ୍ପଚଳ ଜଙ୍ଗଲ ନଷ୍ଟ ଦ୍ୱାରା ପରିବେଶ ଦୂଷିତ ହେବ। ଯାହାକି ଲୋକମାନେ ରୋଗାକ୍ରାନ୍ତ ହେବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଗତ ୫ ତାରିଖରେ ସ୍ଥାନୀୟ ପଂଚାୟତ ପରିସରରେ ପୂର୍ବତନ ବିଧାୟକ ସଧୀର କୁମାର ସାମଲ, ସମାଜସେବୀ ତଥା ଶିଳ୍ପପତି ଗଙ୍ଗାଧର ସାମଲ, ସ୍ଥାନୀୟ ସରପଂଚ, ସମସ୍ତ ୱାର୍ଡମେମ୍ବର ସ୍ଥାନୀୟ ବୁଦ୍ଧିଜୀବୀ ଓ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀମାନେ ଏକ ବୈଠକ କରି ନିଷ୍ପତି ନେଇ ଏହାକୁ ପ୍ରତିବାଦ କରି ରାସ୍ତାଟି ଜଙ୍ଗଲର ଦକ୍ଷିଣ- ପଶ୍ଚି ଦିଗ ପାଶ୍ୱର୍ରେ ନେଲେ ପଂଚାୟତବାସୀଙ୍କର କୌଣସି ଆପତି ନାହିଁ କିମ୍ବା କୌଣସି ଅସୁବିଧା ଉପୁଜିବ ନାହିଁ।

ତେଣୁ ଏହାକୁ ବିଚାର କରି ଆଜି ପଂଚାୟତବାସୀ ଏକ ଅଭିଯୋଗପତ୍ର ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପତ୍ର ଦାଖଲ ସମୟରେ ସରପଂଚ ସାବିତ୍ରୀ ଦଳେଇ, କୈଳାସ ରାଉତ, କାହ୍ନୁ ଚରଣ ବାରିକ୍, ନାଏବ ସରପଂଚ ସଂଚୁକ୍ତା ଦାସ, ସୁମିତ୍ରା ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସ୍ୱାତୀ ତରଫରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



**ଫୁଲବାଣୀ,୭।୮ (ସଂଚାର ବ୍ୟୁରୋ):** “ଶିଶୁ ପାଇଁ ମା କ୍ଷୀର ଅମୃତ ସମାନ”। ଏହି ପରିପ୍ରେକ୍ଷି ରେ ଅଗଷ୍ଟ ମାସ ୦୧ ତାରିଖ ଠାରୁ ୦୭ ତାରିଖ ପର୍ଯ୍ୟନ୍ତ ସାରା ବିଶ୍ୱ ରେ “ବିଶ୍ୱ ସ୍ତନ୍ୟପାନ ସପ୍ତାହ” ପାଳନ କରାଯାଉଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ମଧ୍ୟ କନ୍ଧମାଳ ଜିଲ୍ଲା ର ବିଭିନ୍ନ ସ୍ଥାନରେ ଏହା ଆୟୋଜନ କରିଛନ୍ତି।

କନ୍ଧମାଳ ଜିଲ୍ଲାର ଗ୍ରାମ୍ୟ ସ୍ତରର କର୍ମଜୀବୀ ମହିଳାମାନେ କାର୍ଯ୍ୟବ୍ୟସ୍ତତାରେ ରହି ଅଜଣାତରେ ସ୍ତନ୍ୟପାନ କୁ ଅବହେଳା କରୁଥିବା ବେଳେ ବର୍ଷ ୨୦୨୬ ରେ ଥିବା ବିଷୟ “ଜୀବନରେ ଏକ ସ୍ଥାୟୀ ଆରମ୍ଭ ପାଇଁ ସ୍ତନ୍ୟପାନ-ଯାହା କାମ କରେ ତାହାକୁ ସୁଦୃଢ଼ କରନ୍ତୁ” କୁ ଜନସାଧାରଣ ଙ୍କୁ ଜଣାଇବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କନ୍ଧମାଳ ଙ୍କ ସହାୟତାରେ ମା ଗୃହ କଟ୍ରିଙ୍ଗିଆ, ବାଲନ୍ଦାପଡା ଓ ଟିକାବାଲି ଙ୍କ ଦ୍ୱାରା ଫିରିଙ୍ଗିଆ, ଟିକାବାଲି ଓ ଫୁଲବାଣୀ ବ୍ଲକ୍‌ରେ ସଚେତନତା ସଭା ଆୟୋଜିତ ହୋଇଯାଇଛି। ଏହାର ଅର୍ଥ ବୁଝିବାକୁ ଗଲେ ଜନ୍ମ ସମୟରୁ ଯଦି ଶିଶୁ କୁ ମା’ର ପ୍ରଥମ କଶ କ୍ଷୀର ଦିଆଯିବ ତେବେ ତାହା ଶିଶୁର ଶରୀରକୁ ରୋଗରୁ ପ୍ରତିରୋଧ କରିବା ସହିତ ଶରୀର ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଶା, ଅଙ୍ଗନବାଡି କର୍ମୀ, ଗର୍ଭବତୀ, ପ୍ରସୂତୀ ଓ ମହିଳା ମାନେ ଯୋଗ ଦେଇଥିବା ବେଳେ ଅତିଥି ଭାବେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶୀକା ଷ୍ଟାପ ନର୍ସମାନେ ଉପସ୍ଥିତ ରହି ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।

# ରସାବଳି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା, ୭।୮ (ସଂଚାର ବ୍ୟୁରୋ):** ରସାବଳୀ ଦିବସ ପାଳନ ଉପଲକ୍ଷେ ଶ୍ରୀବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ତିନିମୁହାଣୀସ୍ଥିତ ଶ୍ରୀରାମମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଉମାଶଙ୍କର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ରସାବଳୀ ଦିବସ ପାଳନ ପାଇଁ ସବିଶେଷ ଆଲୋଚନା କରାଯାଇଥିଲା। ଆସନ୍ତା ୨୭ତାରିଖ ଶ୍ରୀବଳଦେବଜୀଉଙ୍କ ଜନ୍ମ ଦିବସ ଅବସରରେ ରସାବଳୀ ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା।

ଏହି ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୨୨ତାରିଖରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା। ଉକ୍ତଦିନ ରଥଦାଣ୍ଡସ୍ଥିତ ଯାତ୍ରୀନିବାସରେ ଏକ ଉତ୍ସବ ଅନୁଷ୍ଠିତ ହୋଇ ସେଥିରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଥିଲା।

ଏଥିନିମନ୍ତେ ଏକ କମିଟି ଗଠନ କରାଯାଇ ସର୍ବସମ୍ମତିକ୍ରମେ ସଭାପତି ଭାବେ ରାଜେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ଉପସଭାପତି ଆଶିଷ ମେକାପ ଓ ଜାନକିବଲ୍ଲଭ ସାମନ୍ତରାୟ, ସମ୍ପାଦକ ଉମାଶଙ୍କର ଜେନା, କୋଷାଧ୍ୟକ୍ଷ ଗୋଲଖ ଚନ୍ଦ୍ର ପଢ଼ିଆରୀ,ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଭାବେ ଚିରଞ୍ଜନ ଦାସ ଓ ଦୁର୍ଗା ପ୍ରସାଦ ପତି, ସହ ସମ୍ପାଦକ ଭାବଗ୍ରାହୀ ସାହୁ ଓ ଆଦିତ୍ୟ ପତିଙ୍କୁ ମନୋନୟନ କରାଯାଇଥିଲା।

# ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ୪୪ ପ୍ରତିଯୋଗୀ



**ବାରିପଦା, ୭।୮ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ର ରାଇରଙ୍ଗପୁର ଠାରେ ଆଜି ଶୁକ୍ରବାର ପାଖରୁ ଅନୁଷ୍ଠିତ ହୋଇଥିବା ୭୨ତମ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ମୟୁରଭଞ୍ଜର ୪୪ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ୧୪ ବର୍ଷରୁ କମ ବିଭାଗରେ ଦୁଲାରୀ ସୋରେନ, କମଳିନୀ ମାଣ୍ଡି, ସୀତା କିସ୍କୁ, ଜାସେନ ହେମ୍ବ୍ରମ, ଦେବ ତେଲେଙ୍ଗା, ଦେବାଶିଷ କୁଁଅର, ୧୬ ବର୍ଷରୁ କମ ବିଭାଗରେ ପାପାଲି ସିଂ, ସୁଚିତ୍ରା ସିଂ, ଫୁଲମଣୀ ସୋରେନ, ରୁପାଲୀ କିସ୍କୁ, ଫୁଲମଣୀ ହେମ୍ବ୍ରମ, ଶାନ୍ତିଲତା ହାଁସଦା, ହରିଶ ଚନ୍ଦ୍ର ହେସା, ସଂଜିତ ସିଂହ, ରାକେଶ ବେହେରା, ସୁକୁଲ ହେମ୍ବ୍ରମ, ରାଜ ରାଜେଶ୍ୱର ବେହେରା, ଆକାଶ କୁମାର ମହାନ୍ତ, ୧୮ ବର୍ଷରୁ କମ ବିଭାଗରେ ବିନ୍ଦି ସିଂ, ସୀତାମଣୀ ବାରି, ଦେବସ୍ମିତା ମାଣ୍ଡି, କନ୍ୟା କୁମାରୀ ପାଲ, ସୁନିତା ପିଙ୍ଗୁଆ, ଯମୁନା ମହାନ୍ତ, ବାଲହି ମୁର୍ମୁ, ଭୀମ ସିଂ, ବନମାଳୀ ସିଂ, ହରପ୍ରସାଦ ବେହେରା, ରାମ ହେମ୍ବ୍ରମ, ଭୀମ ନାଏକ, ଉମେଶ ଚନ୍ଦ୍ର ସିଂ, ରାମଦାସ ହାଁସଦା, ଗାଜ ଟୁଡୁ, ଧନଞ୍ଜୟ ସୋଇନ, ୨୦ ବର୍ଷରୁ କମ ବିଭାଗରେ ଜୟନ୍ତୀ ଗୁଇଆ, କଲ୍ୟାଣୀ ଟୁଡୁ, ପୁଷ୍ପାବତୀ କିସ୍କୁ, କ୍ରିଷ୍ଣା ମାଝୀ, ବିଶ୍ୱଜିତ ଦାସ, ଡାକ୍ତର ସୋରେନ, ପବିତ୍ର ପିଙ୍ଗୁଆ, ସୁରାଇ ମାଣ୍ଡି ସୁରେନ୍ଦ୍ର ୱାଦ୍ରା ଓ ଶ୍ଳୋକ ସାଇ ସ୍ଥାନ ପାଇଛନ୍ତି ବୋଲି ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଦିଗେଶ୍ୱର ମହାନ୍ତ ମୁଖ୍ୟ ମ୍ୟାନେଜର, ତ୍ରିଲୋଚନ ମହାନ୍ତ ଓ ଦେବସ୍ମିତା ମହାନ୍ତ ସହକାରୀ ମ୍ୟାନେଜର ଏବଂ ଦଳନ ଚନ୍ଦ୍ର କୁଁଅରଦେଓ ଓ ନରେଶ ଚନ୍ଦ୍ର ହେମ୍ବ୍ରମ କୋଚ ଭାବେ ଦଳ ସହିତ ଗସ୍ତ କରିଛନ୍ତି। ଏସୋସିଏସନର କର୍ମକର୍ତ୍ତା ଓ ସଦସ୍ୟ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# ତିନି ଚୋରି ମାମଲାରେ ୯ ଗିରଫ

### ହଷ୍ଟେଲ୍ ଚୋରି ଘଟଣାରେ ୫, ଘର ଚୋରିରେ ୨ ଓ ରାଜପଥରୁ ସାମଗ୍ରୀ ଚୋରିରେ ୨ ଗିରଫ

**କେନ୍ଦ୍ରାପଡ଼ା, ୭।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସଦର ଥାନା ପୁଲିସ ତିନିଟି ପୃଥକ ଚୋରି ମାମଲାର ତଦନ୍ତ କରି ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ପୁଲିସ ବିଭିନ୍ନ ଚୋରି ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ସଦର ଥାନା ଅନ୍ତର୍ଗତ ଗୁଆଳସିଂ ମୌଜାରେ ଥିବା ଓବିସି ହଷ୍ଟେଲରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡେରାବିଶ ଭାତବାଗ ଅଞ୍ଚଳର ଗଜନୀ ଓରଫ ଚିନ୍ମୟ ଦାସ (୨୩), ଠାକୁରହାଟ ଅଞ୍ଚଳର ଜଟିଆ ଓରଫ ତନ୍ମୟ ଦାସ (୨୨), ହଳଦିଆ ଗ୍ରାମର ଶିବନାରାୟଣ ସାହୁ (୨୦), କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମପୁର ଗ୍ରାମର ବିଷ୍ଣୁ ଓରଫ ଚିନ୍ମୟ ସେଠୀ ଏବଂ ମୀର୍ଜାପାଟଣାର ଦୀପକ ବେହେରା।

ପୁଲିସ ସୂଚନା ଅନୁଯାୟୀ, ଏମାନଙ୍କ ମଧ୍ୟରୁ ତିନି ଜଣ ହଷ୍ଟେଲର ଗ୍ରିଲ୍ ଭାଙ୍ଗି ଚୋରି କରିଥିବା ଅଭିଯୋଗ ରହିଥିବା ବେଳେ ଅନ୍ୟ ଦୁଇ ଜଣ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୭ଟି ଆଲୁମିନିୟମ୍ ଡିସ୍ ଓ ଢାଙ୍କୁଣି, ୨ଟି ବଡ଼ ଗ୍ୟାସ୍ ଚୁଲା ଏବଂ ୪୫ ଇଞ୍ଚର ଏଲ୍‌ଇଡି ଟିଭି ଜବତ କରାଯାଇଥିବା ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି।

ସେହିପରି ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ସତ୍ୟାଭାମ ଦାସଙ୍କ ଘରୁ ଗତ ୨୯ ତାରିଖରେ ହୋଇଥିବା ଚୋରି ଘଟଣାରେ ପୁଲିସ ପଟ୍ଟାମୁଣ୍ଡାଇ ମାଟିଆପାଳ ଗ୍ରାମର ପପିନା ଦାସ (୨୬) ଓ ଜଗା ଦାସ (୩୦)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ ପିତଳ ଓ କଂସା ବାସନକୁସନ ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ପିତଳ କୁଣ୍ଡ, ୨ଟି ପିତଳ ତସଲା, ୨ଟି କଂସା, ୨ଟି ଥାଳିଆ, ଗୋଟିଏ ଢାଳ, ଗୋଟିଏ ଗ୍ଲାସ୍, ୨ଟି ଗିନା ଓ ୨ଟି ଥାଳି ସମେତ ଅନ୍ୟାନ୍ୟ ସାମଗ୍ରୀ ରହିଛି।

ଅନୁରୂପ ଭାବେ ରାଜପଥରୁ ଆଲୁମିନିୟମ୍ ବାଡ଼ା, ସାଇନ୍‌ବୋର୍ଡ, ପାଇପ୍ ଆଦି ଚୋରି ମାମଲାରେ ମଧ୍ୟ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦୁହୁରିଆ ମର୍ଡରପୁର ଗ୍ରାମର ରବୀନ୍ଦ୍ର ମଲିକ ଓ ବିହାରର ମୋହିତ ସ’ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଏହି ଦୁଇ ଅଭିଯୁକ୍ତଙ୍କୁ ଧରିବା ପରେ ପୁଲିସ କଷୋଟିରେ ଥିବା ଏକ କବାଡ଼ିଆ ଦୋକାନରୁ ପାଖାପାଖି ୧୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଚୋରି ଆଲୁମିନିୟମ୍, ଜିଆଇ ସାମଗ୍ରୀ ସହ ୨ଟି ବାଇକ୍ ଜବତ କରିଥିବା ଜଣାପଡ଼ିଛି।

ତିନୋଟି ମାମଲାରେ ମୋଟ ୯ ଜଣ ଗିରଫ ହେବା ଏବଂ ବିପୁଳ ପରିମାଣର ଚୋରି ସାମଗ୍ରୀ ଜବତ ହେବା ପରେ ଅଞ୍ଚଳରେ ଚୋରି ଘଟଣାକୁ ନେଇ ପୁଲିସର ତଦନ୍ତ ଓ ନଜରଦାରି ଆହୁରି କଡ଼ାକଡ଼ି ହୋଇଛି।

# ଶିକ୍ଷକ କର୍ମଚାରୀଙ୍କ ବିକ୍ଷୋଭ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**କୋରାପୁଟ, ୭।୮ (ସଂଚାର ବ୍ୟୁରୋ):** ବିଭିନ୍ନ ଶିକ୍ଷକ ଓ ଶିକ୍ଷାକର୍ମୀ ସମସ୍ୟାର ସମାଧାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଶୁକ୍ରବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଲି ଅନୁଷ୍ଠିତ ହୋଇଥିଲା। ପରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଜିଲ୍ଲା ଶାଖାର ଆବାହକ ତଥା ଜିଲ୍ଲା ଓଷ୍ଟା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଓ କର୍ମଚାରୀମାନେ କହିଥିଲେ ଯେ, ନୂତନ ସରକାର ଦୁଇ ବର୍ଷ ପୂରଣ କରିଥିଲେ ମଧ୍ୟ ଶିକ୍ଷକ ସମାଜର ଦୀର୍ଘଦିନର ସମସ୍ୟା ସମାଧାନ ଦିଗରେ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ଏହା ପ୍ରତିବାଦରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ତୀବ୍ର କରାଯାଇଛି ବୋଲି ସେମାନେ କହିଥିଲେ।

ସମିତି ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କୁ ମଧ୍ୟ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସୁଶାନ୍ତ କୁମାର ଖୁଣ୍ଟିଆ, ରାଜ୍ୟ ଉପସଭାପତି ବିଜୟ କୁମାର ଭଟ୍ଟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିବାକର ରାଓ, ଫକୀର ଚରଣ ଖୁଣ୍ଟିଆ, ମନୋଜ କୁମାର ମହାପାତ୍ର, ଦେବେନ୍ଦ୍ର କୁମାର ବୈଦ୍ୟ, ସୁରେଶ କୁମାର ପ୍ରଧାନ, ଅରବିନ୍ଦ ସ୍ୱାଇଁଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରର ବହୁ ପଦାଧିକାରୀ ଏବଂ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।




# ସୌନ୍ଦର୍ଯ୍ୟର ନୂତନ ଦିଗ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ



ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି। ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ ପରିଚିତ ହୋଇଛି। ସର୍ଜରି ବିନା ଚର୍ମକୁ ଟାଇଟ୍ କରିବା, ଚର୍ବି କମାଇବା ଓ ପ୍ରାକୃତିକ ଉଜ୍ଜ୍ୱଳ ଫେରାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଛି । ତେଣୁ ଆଜିର ଯୁଗରେ ଏହି ଚିକିତ୍ସା ମଧ୍ୟ ବହୁତ ଲୋକପ୍ରିୟ ହୋଇପାରିଛି। ଏହି ଫେସିଆଲ ସମ୍ପର୍କରେ ସୌନ୍ଦର୍ଯ୍ୟ ବିଶାରଦ ଡା. ଦେବୀ ପୁଷ୍ପା ମହାନ୍ତି କହନ୍ତି, ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ହେଉଛି ଏକ ନନ୍-ସର୍ଜିକାଲ ପ୍ରକ୍ରିୟା, ଯାହାର ଉଚ୍ଚ ତରଙ୍ଗ ଶକ୍ତି ଦ୍ୱାରା ଚର୍ମର ଗଭୀର ସ୍ତରକୁ ଉତ୍ତାପ ପହଞ୍ଚାଏ। ଏହି ଉତ୍ତାପ କୋଲାଜେନ୍ ଉତ୍ପାଦନକୁ ବଢ଼ାଇ ଚର୍ମକୁ ଟାଇଟ୍ ଓ ନରମ କରିଥାଏ। ଫଳସ୍ୱରୂପ ଚର୍ମ ଅଧିକ ଯୁବ, ଆକର୍ଷଣୀୟ ଓ ପତଳା ଦେଖାଯାଏ। ଏହି ଟ୍ରିଟମେଣ୍ଟର ପ୍ରମୁଖ ଲାଭ ହେଉଛି ମୁଖର ଚର୍ବି କମେଇବା ସହ ମୁହଁରେ ନୂତନ ଉଜ୍ଜ୍ୱଳତା ଆଣିଥାଏ। ଏହା ସହିତ ପୋର୍ସ ହ୍ରାସ କରେ ଓ ଫେସ୍‌ରେ ଲିଫ୍ଟିଂ ଏଫେକ୍ଟ ମିଳେ। ବିଶେଷକରି ୨୦ ବର୍ଷ ବୟସ ପରେ ଏହି ଚିକିତ୍ସା କରିବା ଚର୍ମ ଯତ୍ନ ପାଇଁ ଅଧିକ ଉପଯୋଗୀ ହୋଇଥାଏ। ପ୍ରକ୍ରିୟା ଦୃଷ୍ଟିରୁ ଦେଖିଲେ, ପ୍ରଥମେ ଚର୍ମକୁ ସଫା କରାଯାଏ, ପରେ ଏକ ବିଶେଷ ଜେଲ୍ ଲଗାଯାଇ ଆରଏଫ୍ ଡିଭାଇସ୍ ଦ୍ୱାରା ହାଲୁକ ମାସାଜ୍ କରାଯାଏ। ପୂରା ପ୍ରକ୍ରିୟା ପ୍ରାୟ ୩୦ ରୁ ୪୫ ମିନିଟ୍ ମଧ୍ୟରେ ସମାପ୍ତ ହୁଏ ଓ ଏହା ବେଶୀ କଷ୍ଟ ଅନୁଭବ ହୁଏନାହିଁ। ଯଦିଓ ଏହା ସୁରକ୍ଷିତ ଚିକିତ୍ସା, ମାତ୍ର କେତେକ ମାମଲାରେ ମୁଖ ହାଲୁକା ଲାଲ ହେବା ବା ତାପ ଅନୁଭବ ହୋଇପାରେ। ଯାହା କିଛି ସମୟରେ ଠିକ୍ ହୋଇଯାଏ। ଏହି ଚିକିତ୍ସାରେ କେତୋଟି ପର୍ଯ୍ୟାୟ ପରେ ତ୍ୱଚାରେ ପରିବର୍ତ୍ତନ ଦେଖାଯାଏ। ଏହି ଫେସିଆଲ ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଖରାକୁ ଯିବେ ନାହିଁ। ଏହାସହ ସର୍ବଦା ମୁହଁରେ ସନ୍‌ସ୍କ୍ରିନ୍ ଓ ମଇଶ୍ଚରାଇଜର ଲଗାନ୍ତୁ। ଆର୍‌ଏଫ୍ ଚିକିତ୍ସାର ଭଲ ଫଳାଫଳ ପାଇଁ ପୁଷ୍ଟିକର ଖାଦ୍ୟପେୟ, ନିୟମିତ ବ୍ୟାୟମ କରନ୍ତୁ। ଏହାସହ ଜଙ୍କ୍ ଫୁଡ୍, ମଦ୍ୟପାନ ଓ ଧୂମପାନ ଠାରୁ ଦୂରେଇ ରହିବା ଦରକାର। ଏହି ଟ୍ରିଟମେଣ୍ଟ କରାଇବା ପୂର୍ବରୁ ଜଣେ ପ୍ରଶିକ୍ଷିତ ବ୍ୟୁଟି ଏକ୍ସପର୍ଟ ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

# ଶରୀର ପାଇଁ ଉପକାରୀ ଆଖୁରସ



ଶରୀର ପାଇଁ ବେଶ୍ ଉପକାରୀ ହେଉଛି ଆଖୁରସ। ମୁଖ୍ୟତଃ ଖରାଦିନେ ଏହାର ଚାହିଦା ଅଧିକ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରି ରହିଛି। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଏହାବ୍ୟତୀତ ଶରୀରରେ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ ଥିବାରୁ ଏହା ଦାନ୍ତ ଓ ଦାନ୍ତମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ପାକସ୍ଥଳୀ ସଂକ୍ରମଣ ଆଶଙ୍କାକୁ ମଧ୍ୟ କେତେକାଂଶରେ ଦୂର କରିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିଥାଏ। ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ଏହା ରକ୍ଷା କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ।

# ସକାଳୁ ପିଅନ୍ତୁ ଏକ କପ୍ ହଳଦୀ ପାଣି

ହଳଦୀରେ ରହିଛି ବହୁ ଔଷଧୀୟ ଗୁଣ, ଯାହା ଅନେକ ରୋଗରୁ ରକ୍ଷା କରିଥାଏ। ଯଦି ନିୟମିତ ସକାଳେ ଏକ କପ୍ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଆପେ ଆପେ ଦୂର ହୋଇଯାଇଥାଏ। ମଧୁମେହଠାରୁ ଆରମ୍ଭ କରି ତ୍ୱଚା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ରହିଛି ଏହାର ସକାରାତ୍ମକ ପ୍ରଭାବ।ହଳଦୀରେ ଆଇରନ୍, କପର, ପ୍ରୋଟିନ୍, ଫାଇବର୍ ଓ ଭିଟାମିନ-ସି' ପରି ପୋଷକ ତତ୍ତ୍ୱ ରହିଛି। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତରକୁ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ପୋଷାକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଲାଭଦାୟକ। ଔଷଧୀୟ ଗୁଣରେ ଭରା ହଳଦୀ ଖାଦ୍ୟର ରଙ୍ଗ ଓ ସ୍ୱାଦକୁ ବଢ଼ାଇଥାଏ। ଏହି ମସଲାର ଉପଯୋଗ କେବଳ ଖାଦ୍ୟରେ ନୁହେଁ, ବରଂ ଅନେକ ଶାରୀରିକ ସମସ୍ୟାକୁ ସମାଧାନ କରିଥାଏ। ଆୟୁର୍ବେଦରେ ହଳଦୀ ଅନେକ ଔଷଧ ତିଆରି ପାଇଁ ବ୍ୟବହାର ହୋଇଥାଏ। ଏହି ମସଲାରେ ଆଇରନ୍, ପ୍ରୋଟିନ୍, ଫାଇବର, ଭିଟାମିନ୍-ସି' ଓ ଭିଟାମିନ୍-ଇ' ପରି ଅନେକ ପୋଷକ ତତ୍ତ୍ୱ ରହିଛି। ଯଦି ନିୟମିତ ଖାଲି ପେଟରେ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ। ଯେପରିକି

**ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି:** ହଳଦୀରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି, ଯାହା ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିଥାଏ। ଫଳରେ ଅନେକ ପ୍ରକାରର ସଂକ୍ରମଣ ଓ ରୋଗରୁ ରକ୍ଷା କରିଥାଏ। ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ନିୟମିତ ହଳଦୀ ପାଣି ପିଇବା ଉଚିତ୍।

**ପାଚନ ତନ୍ତ୍ର ସୁସ୍ଥ ରହେ:** ପୋଷକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟି- ଅକ୍ସିଡାଣ୍ଟ ଗୁଣ ପାଚନ ତନ୍ତ୍ରକୁ ସୁଧାରିଥାଏ। ହଳଦୀ ପାଣି ପିଇବା ଦ୍ୱାରା ପେଟରେ ଥିବା ପ୍ରାୟ ସମସ୍ୟାର ସମାଧାନ ହୋଇଥାଏ।

**ହୃଦୟ ପାଇଁ ଲାଭଦାୟକ:** ହଳଦୀରେ ଥିବା କରକ୍ୟୁମିନ୍ ହୃଦୟ ସ୍ୱାସ୍ଥ୍ୟକୁ ସୁଧାରି ଥାଏ। ସେହିପରି ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ହୃଦୟ ରୋଗକୁ କମ୍ କରିବାରେ ସାହାଯ୍ୟ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ହୃଦୟ ଫିଟ୍ ରହିଥାଏ।

**ରକ୍ତରେ ଶର୍କରା ନିୟନ୍ତ୍ରିତ କରେ:** ଯେଉଁ ଲୋକଙ୍କୁ ମଧୁମେହ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ହଳଦୀ ପାଣି ରାମବାଣ ପରି କାମ କରିଥାଏ। ଏହା ରକ୍ତରେ ଶର୍କରା ସ୍ତରକୁ ସାମାନ୍ୟ ରଖିଥାଏ। ଏଥିରେ ଥିବା କର୍‌କ୍ୟୁମିନ୍ ମଧୁମେହ ଆଶଙ୍କାକୁ କମ୍ କରିଥାଏ।

**ତ୍ୱଚା ପାଇଁ ଗୁଣକାର:** ହଳଦୀ ତ୍ୱଚାରେ ଚମ୍‌କ ଆଣିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ବୟସକୁ ବାନ୍ଧି ରଖିବାରେ ସହଯୋଗ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ତ୍ୱଚାରେ ଚମ୍‌କ ଆସିବା ସହ ସୁସ୍ଥ ରହିଥାଏ।



# ବାର୍ଦ୍ଧକ୍ୟରେ ସୁସ୍ଥ ଜୀବନଶୈଳୀ

ଦଶ ବର୍ଷ ପୂର୍ବେ ମନୁଷ୍ୟର ହାରାହାରି ଜୀବନକାଳ ପ୍ରାୟ ୬୩ ବର୍ଷ ଥିଲା। ଡାକ୍ତରୀ ବ୍ୟବସ୍ଥାର ସୁବ୍ୟବସ୍ଥା ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗୁଁ ଆମର ହାରାହାରି ବୟସ ବଢ଼ି ୭୦ ବର୍ଷରେ ପହଞ୍ଚିଲାଣି। ଏହି ବୟସରେ କ'ଣ ସବୁ ଘଟିବ, କେହି କିଛି କହିପାରିବେ ନାହିଁ। ତେଣୁ ବାର୍ଦ୍ଧକ୍ୟ ବୟସରେ ନିମ୍ନଲିଖିତ ୧୦ ଗୋଟି ସୂତ୍ର ପ୍ରତି ଧ୍ୟାନ ଦେଲେ ଆମେ ସୁସ୍ଥ ରହିବା ସହ ଖୁସିରେ ଜୀବନଯାପନ କରିପାରିବା।



**ପୁଷ୍ଟିକର ଖାଦ୍ୟ:** ଆମେ ବଞ୍ଚିବା ପାଇଁ ଖାଦ୍ୟ ଖାଉ, ସ୍ୱାଦ ପାଇଁ ନୁହେଁ। ଖାଦ୍ୟ ଆମକୁ ଶକ୍ତି ଯୋଗାଏ। ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବାର ଅଛି। ଆମର ଦୈନନ୍ଦିନ ଖାଦ୍ୟରେ ପୁଷ୍ଟିସାର, ଶ୍ୱେତସାର, ଜୀବସାର ଏବଂ ସ୍ନେହସାର ରହିବା ଉଚିତ। ଉକ୍ତ ଚାରିଗୋଟି ଉପାଦାନ ମୁଖ୍ୟତଃ ସବୁଜ ପନିପରିବା, ବିଭିନ୍ନ ଶସ୍ୟ, ମାଛ, ମାଂସ ଏବଂ ଅଣ୍ଡା ଆଦିରେ ଭରପୂର ଥାଏ। ନିରାମିଷ ଖାଦ୍ୟକୁ ଅଧିକ ବ୍ୟବହାର କରି ଆମିଷ ଖାଦ୍ୟକୁ ସୀମିତ ରଖିଲେ ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ଖାଦ୍ୟ ଖାଇବା ସମୟରେ ପେଟପୂରା ନ ଖାଇ କିଛି ଅଂଶ ଖାଲି ରଖିଲେ ସ୍ୱାସ୍ଥ୍ୟ ଭଲ ରହେ।

**ବିଶୁଦ୍ଧ ପାନୀୟ:** ସୁଷମ ଖାଦ୍ୟ ସହିତ ନିର୍ମଳ ପାନୀୟର ଆବଶ୍ୟକତା ରହିଛି। ଦୂଷିତ ଜଳ ବହୁ ସଂକ୍ରାମକ ରୋଗର କାରଣ। ତେଣୁ ଫୁଟା ଏବଂ ଉଷୁମ ପାଣି ପିଇବା ଉଚିତ। ଖାଦ୍ୟ ଖାଇବା ସମୟରେ ପାଣି ପିଇବା ଅନୁଚିତ। କାରଣ ପାକସ୍ଥଳୀରୁ ନିର୍ଗତ ହାଇଡ୍ରୋକ୍ଲୋରିକ ଅମ୍ଳ ଲଘୁ ହୋଇ ଖାଦ୍ୟକୁ ହଜମ କରିପାରେ ନାହିଁ। ତେଣୁ ଖାଦ୍ୟ ଖାଇବାର ୩୦ରୁ ୩୫ ମିନିଟ୍ ପରେ ପାଣି ପିଇବା ଉଚିତ। ଦିନକୁ ଅତିକମ୍‌ରେ ଅଢ଼େଇ ଲିଟରରୁ ତିନି ଲିଟର ପାଣି ପିଇଲେ ଖାଦ୍ୟ ଭଲ ହଜମ ହୁଏ ଏବଂ ଆମର ବୃକ୍କ ବା କିଡ୍‌ନୀ ଠିକ୍ ଭାବରେ କାମ କରିଥାଏ। ବଜାରରେ ବିକ୍ରି ହେଉଥିବା ଥଣ୍ଡା ପାନୀୟଠାରୁ ଯେତେ ଦୂରରେ ରହିବେ, ତାହା ସ୍ୱାସ୍ଥ୍ୟ ପ୍ରତି ସେତେ ଭଲ।

**ଶାରୀରିକ ଶ୍ରମ:** ସୁସ୍ଥ ରହିବାକୁ ହେଲେ ଶାରୀରିକ ପରିଶ୍ରମ ଜରୁରୀ। ଶ୍ରମ ବିମୁଖ ହେବା ବହୁ ରୋଗର କାରଣ। ବୟୋଜ୍ୟେଷ୍ଠ ବ୍ୟକ୍ତି କଠିନ ପରିଶ୍ରମ ନ କରି ଅଙ୍ଗପ୍ରତ୍ୟଙ୍ଗ ଚଳନ ପାଇଁ ହାଲୁକା ବ୍ୟାୟାମ କରିବା ଉଚିତ। ସେଥିମଧ୍ୟରୁ ଦିନକୁ ସକାଳୁ ୩୦ରୁ ୩୫ ମିନିଟ୍ ଚାଲିବା ଉଚିତ। ଚାଲିବା ସହ ଏକ ଘଣ୍ଟା ପର୍ଯ୍ୟନ୍ତ ଖାଲିପେଟରେ ଯୋଗ କରାଯାଇପାରେ। ଯୋଗ ଦୁଇ ପ୍ରକାର; ଯଥା ପ୍ରାଣାୟମ ଏବଂ ଆସନ। ପ୍ରାଣାୟମ ହେଉଛି ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟା ବ୍ୟାୟାମ। ଏହା ଦ୍ୱାରା ଯଥେଷ୍ଟ ଅମ୍ଳଜାନ ଶରୀରରେ ପ୍ରବେଶ କରେ। ଆସନ ହେଉଛି ଅଙ୍ଗପ୍ରତ୍ୟଙ୍ଗ ଚଳନ। ପ୍ରାଣାୟମ ୩୦ରୁ ୪୦ ମିନିଟ୍ ଏବଂ ଆସନ ୨୫ରୁ ୩୦ ମିନିଟ୍ ମଧ୍ୟରେ ସୀମିତ ରଖିଲେ ଶରୀର ନୀରୋଗ ରହିଥାଏ। ତା'ସହ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହେ।

**କ୍ରୋଧ ନିୟନ୍ତ୍ରଣ:** କ୍ରୋଧ ମନକୁ ଅସ୍ଥିର କରେ ଏବଂ ରକ୍ତଚାପ ବଢ଼ାଏ। କ୍ରୋଧ ମନରେ ଅଶାନ୍ତି ସୃଷ୍ଟି କରି ଜୀବନକୁ ଧ୍ୱଂସମୁଖକୁ ଟାଣିନିଏ। ଛୋଟଛୋଟ କଥାରେ ନ ରାଗି ଶାନ୍ତ ରହିବା ଉଚିତ। କ୍ରୋଧଠାରୁ ସର୍ବଦା ଦୂରେଇ ରହିଲେ ଶରୀର ଅନେକାଂଶରେ ସୁସ୍ଥ ରହେ।

**ମନ ଖୋଲି ହସିବା:** ହସିବାକୁ ଏକ ବ୍ୟାୟାମ ସହ ତୁଳନା କରାଯାଇପାରେ। ମନଖୋଲା ହସ ମନରୁ ଦୁଃଖ ଦୂର କରେ। ହସ ଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସୁଚାରୁ ରୂପେ ଚଳନ ହୁଏ। ହୃତ୍‌ପିଣ୍ଡକୁ ରକ୍ତ ସଞ୍ଚାଳନ ଠିକ୍ ରହେ ଏବଂ ରକ୍ତଚାପ ସ୍ଥିର ରହେ। ହସ ଦ୍ୱାରା ଶରୀରର ସ୍ନାୟୁ ଚଳଚଞ୍ଚଳ ରହିବା ସହ ମନ ଉତ୍‌ଫୁଲିତ ରହିଥାଏ। କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ। ହସ ଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ ଏବଂ ବୁଦ୍ଧି ପ୍ରଖର ହୁଏ।

**ସୁନିଦ୍ରା:** ନିଦ୍ରା ଶରୀରରୁ ଅବଶ ଦୂର କରେ। ଶୋଇଲେ ମନରୁ ସବୁ ଦୁଶ୍ଚିନ୍ତା ଦୂର ହୁଏ। ନିଦ ଶରୀରକୁ ସତେଜ ରଖେ। କୌଣସି କାର୍ଯ୍ୟ କରିବାକୁ ଆଗ୍ରହ ସୃଷ୍ଟି ହୁଏ। ରକ୍ତଚାପ ସ୍ଥିର ରହେ। ତେଣୁ ପ୍ରତ୍ୟେକ ବୟୋଜ୍ୟେଷ୍ଠ ବ୍ୟକ୍ତି ଦିନକୁ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଉଚିତ। ଶୟନକକ୍ଷର ବାତାବରଣ ଶାନ୍ତ ରହିଲେ ଭଲ ନିଦ ହୁଏ।

**ନୀରୋଗ ଜୀବନଯାପନ:** ରୋଗ ମଣିଷର ବଡ଼ ଶତ୍ରୁ। ରୋଗ ହେଲେ ମଣିଷ ମନରୁ ସବୁ ସୁଖ ଦୂରେଇଯାଏ। କୌଣସି କାର୍ଯ୍ୟ କରିବାରେ ସ୍ପୃହା କମିଯାଏ। ଶୋଇ ରହିବାକୁ ଇଚ୍ଛା ହୁଏ, କିନ୍ତୁ ନିଦ ହୁଏ ନାହିଁ। ଶୋଇ ନ ପାରିଲେ ଶରୀର ପୀଡ଼ା ହୁଏ, ଶରୀର ଦୁର୍ବଳ ହୁଏ। ଏଥିପାଇଁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଠିକ୍ ଔଷଧ, ଠିକ୍ ଅନୁପାତରେ ଏବଂ ସଠିକ୍ ସମୟରେ ନେବା ଉଚିତ। ରୋଗଠାରୁ ଦୂରେଇ ରହିବା ପାଇଁ ସର୍ବଦା ସ୍ୱାସ୍ଥ୍ୟକର ପରିବେଶକୁ ଆପଣେଇବା ଭଲ।

**ଧନ ଲୋଭ ତ୍ୟାଗ:** ଦୈନନ୍ଦିନ ଜୀବନରେ ଧନର ଆବଶ୍ୟକତା ଯଥେଷ୍ଟ ଅଛି। ପାଖରେ ଧନ ଥିଲେ ସମସ୍ତ ଅଭାବ ଦୂର ହୁଏ ଏବଂ ମନ ପ୍ରଫୁଲ୍ଲ ରହେ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଧନ ମନରେ ଭୟ ସୃଷ୍ଟି କରେ। ଧନ ରୋଜଗାର ପାଇଁ ଅସତ୍ ପଥ ଅବଲମ୍ବନ ନ କରି ସାଧୁତା ରକ୍ଷା କରିବା ଉଚିତ୍। ମାତ୍ରାଧିକ ଧନଲୋଭ ବିଭିନ୍ନ ରୋଗର କାରଣ। ଅଧିକ ଧନ ରୋଜଗାର ପାଇଁ ବ୍ୟସ୍ତ ରହିଲେ ଶରୀର କ୍ଷୀଣ ଏବଂ ଦୁର୍ବଳ ହୁଏ। ଆବଶ୍ୟକତାଠାରୁ ଅଧିକ ଧନ ଥିଲେ ଏହାକୁ ଦୁଃଖୀ ଦରିଦ୍ରଙ୍କୁ ଦାନ ଏବଂ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ଲଗାଇଲେ ଈଶ୍ୱର ଆଶୀର୍ବାଦ କରିବେ ବୋଲି ଭାବିବା ଉଚିତ।

**ପ୍ରକୃତି ସହ ରହିବା:** ପ୍ରକୃତିକୁ ଭରପୂର ଉପଭୋଗ କରିବା ପାଇଁ ଭଗବାନ ସୃଷ୍ଟି କରିଛନ୍ତି। ପାହାଡ଼ ପର୍ବତଘେରା ସବୁଜିମା ସ୍ଥାନ ପରିଭ୍ରମଣରେ ଗଲେ ମନରୁ ସବୁ ପ୍ରକାର ଦୁଃଖ କ୍ଷଣିକ ପାଇଁ ଦୂର ହୋଇଯାଏ। ତେଣୁ ନିଜ ପରିବାର କିମ୍ବା ସମବୟସ୍କ ବନ୍ଧୁଙ୍କ ସହ ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣରେ ଯାଇ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ। ପ୍ରାକୃତିକ ସୌନ୍ଦର୍ଯ୍ୟ ବ୍ୟତୀତ ନିଜ ରାଜ୍ୟ ତଥା ଦେଶର ଧର୍ମସ୍ଥଳୀଗୁଡ଼ିକ ଭ୍ରମଣରେ ଗଲେ ମନରେ ଧାର୍ମିକ ଭାବନା ସୃଷ୍ଟି ହେବା ସହ ସ୍ୱାସ୍ଥ୍ୟ ଭଲ ରହେ।



**ବର୍ତ୍ତମାନ ସହ ରହିବା:** ମଣିଷ ତା'ର ଜୀବନକାଳରେ ବାଲ୍ୟ ଅବସ୍ଥାଠାରୁ ପ୍ରୌଢ଼ ପର୍ଯ୍ୟନ୍ତ ଅନେକ କିଛି ସୁକର୍ମ ଏବଂ କୁକର୍ମ କରିଥାଏ। ବାର୍ଦ୍ଧକ୍ୟ ସମୟରେ ସେହି ସମସ୍ତ ଘଟଣାବଳୀ ମନେପଡ଼େ। ଏହିସବୁ ଘଟଣା ମନକୁ ବ୍ୟସ୍ତ ଏବଂ ଆନ୍ଦୋଳିତ କରିଥାଏ। ବିଶେଷକରି କୁକର୍ମ ମନରେ ଦୁଃଖ ଦିଏ। ଏହିସବୁ ଘଟଣା ଭାବି ଶରୀର ରୋଗଗ୍ରସ୍ତ ହୁଏ। ଏହାଛଡ଼ା ଅଧିକ ବାର୍ଦ୍ଧକ୍ୟ ବୟସରେ ଭବିଷ୍ୟତରେ କ'ଣ ଘଟିବ କହିହେବ ନାହିଁ। ହୁଏତ ପୁଅ ଝିଅ ଆମ କଥା ବୁଝିବେ କି ନାହିଁ ଭାବନା ଆସେ। ଏହା ଦ୍ୱାରା ଆମେ ରୋଗଗ୍ରସ୍ତ ହେଉ। ତେଣୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଅତୀତ ଏବଂ ଭବିଷ୍ୟତକୁ ସମ୍ପୂର୍ଣ୍ଣ ଭୁଲି ସର୍ବଦା ବର୍ତ୍ତମାନ ସହ ରହିବା ଉଚିତ। ଏହା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଆମେ ନୀରୋଗ ହୋଇ ଦୀର୍ଘଜୀବୀ ହେବା।

# ଏମ୍‌ସିଏଲ୍ ପକ୍ଷରୁ ରାୟଗଡ଼ାରେ ଗ୍ରାମୀଣ ସଂଯୋଗୀକରଣର ବିକାଶ ପାଇଁ ୧୦.୨୯ କୋଟିର ସହାୟତା ପ୍ରଦାନ

**ସମ୍ବଲପୁର,୭।୮ (ସଂଚାର ବ୍ୟୁରୋ):** ସମାବେଶୀ ବିକାଶ ଏବଂ ଭିତ୍ତିଭୂମି-ଭିତ୍ତିକ ଗ୍ରାମୀଣ ପ୍ରଗତି ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ମୁନିଗୁଡ଼ା ବ୍ଲକରେ ଗ୍ରାମୀଣ ସଡ଼କ ନିର୍ମାଣ ପାଇଁ ରାୟଗଡ଼ା ଜିଲ୍ଲା ପ୍ରଶାସନ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ସି.ଏସ.ଆର ପଦକ୍ଷେପ ଅଧୀନରେ ଏମ୍.ସି.ଏଲ୍, ମୁନିଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ୧୦.୩ କିଲୋମିଟର ଦୈର୍ଘ୍ୟ




ବିଶିଷ୍ଟ ଆଠଟି ଗ୍ରାମୀଣ ସଡ଼କ, ୨୪ଟି ପୋଲ ଏବଂ ୨,୯୮୦ ମିଟର ଦୀର୍ଘ ରାସ୍ତାକଡ଼ ନାଳ (ଡ୍ରେନେଜ୍) ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ୧୦.୨୯ କୋଟି ଟଙ୍କା ପ୍ରଦାନ କରିବ। ଏହି ପ୍ରକଳ୍ପ ଆକାଂକ୍ଷୀ ଜିଲ୍ଲା ବିକାଶ ଯୋଜନାର ଏକ ଅଂଶବିଶେଷ ଏବଂ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ସୁଦୂର ଆଦିବାସୀ ଅଞ୍ଚଳଗୁଡ଼ିକରେ ଗ୍ରାମୀଣ ସଂଯୋଗୀକରଣକୁ ସୁଦୃଢ଼ କରିବା। ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଏହି ଗ୍ରାମଗୁଡ଼ିକରେ ବିଶେଷ ଭାବେ ଅସୁରକ୍ଷିତ ଜନଜାତି ସମୂହ (ପିଭିଟିଜି)ର ସମ୍ପ୍ରଦାୟ ସମେତ ପ୍ରାୟ ୩,୦୦୦ ରୁ ଅଧିକ ଲୋକ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହାଦ୍ୱାରା ବିଦ୍ୟାଳୟ, ସ୍ୱାସ୍ଥ୍ୟସେବା କେନ୍ଦ୍ର, ବଜାର, ଅତ୍ୟାବଶ୍ୟକ ସେବା ଏବଂ ସରକାରୀ ସୁବିଧା ପାଇବା ପାଇଁ ଗମନାଗମନ ବ୍ୟବସ୍ଥାରେ ସୁଧାର ଆସିବ। ଏହି ଉନ୍ନତ ସଡ଼କ ଭିତ୍ତିଭୂମି ସାମାଜିକ-ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ଆଞ୍ଚଳିକ ଗତିଶୀଳତା ବୃଦ୍ଧି କରିବ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଜୀବନଶୈଳୀରେ ସୁଧାର ଆଣି ପ୍ରତ୍ୟେକ ଋତୁରେ ନିରାପଦ ଓ ସୁଗମ ଯାତାୟାତ ସୁନିଶ୍ଚିତ କରିବ। ଏମ୍.ସି.ଏଲର ମହାପ୍ରବନ୍ଧକ ଜ୍ୟୋତିର୍ମୟ ସିହ୍ନା ଏବଂ ରାୟଗଡ଼ାର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି (ଭା.ପ୍ର.ସେ) ଗତ ବୁଧବାର ଦିନ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହିପରି ଜନକଲ୍ୟାଣକାରୀ ପଦକ୍ଷେପ ମାଧ୍ୟମରେ ଏମ୍.ସି.ଏଲ୍ ସମଗ୍ର ଓଡ଼ିଶାରେ ସ୍ଥାୟୀ ସାମୁଦାୟିକ ଭିତ୍ତିଭୂମି ଏବଂ ସମାବେଶୀ ବିକାଶ କ୍ଷେତ୍ରରେ ନିରନ୍ତର ଯୋଗଦାନ ଦେଇଆସୁଛି। ଦୀର୍ଘସ୍ଥାୟୀ ସାର୍ବଜନୀନ ସମ୍ପତ୍ତି ସୃଷ୍ଟି କରିବା, ଭୌଗୋଳିକ ଦୃଷ୍ଟିରୁ ଦୁର୍ଗମ ଅଞ୍ଚଳରେ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଅସୁରକ୍ଷିତ ଜନଜାତି ସମ୍ପ୍ରଦାୟର ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ପ୍ରତି କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ଏହି ପ୍ରକଳ୍ପ ପ୍ରତିଫଳିତ କରେ।

## ସ୍ମାର୍ଟ ସ୍କୁଲ୍ ନାଁରେ ଅବ୍ୟବସ୍ଥା

# ଗୋଟିଏ କ୍ଲାସରେ ଶହେରୁ ଊର୍ଦ୍ଧ୍ୱ ପିଲା

**ବାଲେଶ୍ୱର,୭।୮ (ସଂଚାର ବ୍ୟୁରୋ):** ସରକାର ସ୍କୁଲଗୁଡ଼ିକୁ ସ୍ମାର୍ଟ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାର ଦାବି କରାଯାଉଛି। କିନ୍ତୁ ବାଲେଶ୍ୱର ମ୍ୟୁନିସିପାଲିଟି ସ୍କୁଲର ଚିତ୍ର ସରକାରୀ ଦାବିକୁ ପ୍ରଶ୍ନବାଚୀ କରିଦେଇଛି। ଏଠାରେ ନା ପର୍ଯ୍ୟାପ୍ତ ଶ୍ରେଣୀଗୃହ ଅଛି, ନା ଅଛନ୍ତି ଶିକ୍ଷକ। ଫଳରେ ଅବ୍ୟବସ୍ଥା ଭିତରେ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି ଛାତ୍ରଛାତ୍ରୀ। ଗୋଟିଏ କ୍ଲାସରୁମରେ ଶତାଧିକ ପିଲା ଖୁନ୍ଦାଖୁନ୍ଦି ହୋଇ ବସୁଥିବା ବେଳେ, ଜଣେ ମାତ୍ର ଶିକ୍ଷକ ସେମାନଙ୍କୁ ପଢ଼ାଉଛନ୍ତି। ଭିଡ଼ ଯୋଗୁଁ



ପାଠପଢ଼ା ବାଧାପ୍ରାପ୍ତ ହେଉଥିବାରୁ ଛାତ୍ରଛାତ୍ରୀମାନେ ଠିକ୍‌ରେ ପଢ଼ିପାରୁ ନାହାନ୍ତି। ଏପଟେ ନବମ ଓ ଦଶମ ଶ୍ରେଣୀର ପରୀକ୍ଷା ପାଖେଇ ଆସୁଥିବାରୁ ଅଭିଭାବକଙ୍କ ଚିନ୍ତା ବଢ଼ିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ନବମ ଶ୍ରେଣୀରେ ୧୧୦ ଓ ଦଶମରେ ୯୦ ଜଣ ଛାତ୍ରଛାତ୍ରୀ ଥିଲେ ମଧ୍ୟ ସମସ୍ତେ ଗୋଟିଏ ଶ୍ରେଣୀଗୃହରେ ପଢ଼ୁଛନ୍ତି। ନିୟମ ଅନୁସାରେ ଗୋଟିଏ ସେକ୍ସନରେ ୪୦ ଜଣରୁ ଅଧିକ ପିଲା ରହିବା କଥା ନୁହେଁ। କିନ୍ତୁ ଏଠାରେ ନା ଅତିରିକ୍ତ ସେକ୍ସନ୍ ହୋଇଛି, ନା ନୂଆ ଶ୍ରେଣୀଗୃହ ନିର୍ମାଣ ହୋଇଛି। ସ୍ଥାନୀୟ ଲୋକ ଓ ଅଭିଭାବକ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ମଧ୍ୟ ଏହି ପ୍ରସଙ୍ଗରେ ସ୍ପଷ୍ଟ ଉତ୍ତର ନ ଦେଇ ଏଡ଼ାଇ ଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ କୋଠା, ମଧ୍ୟାହ୍ନ ଭୋଜନ, ୟୁନିଫର୍ମ, ବହି ଏବଂ ସ୍ମାର୍ଟ କ୍ଲାସରୁମ୍ ପାଇଁ ସରକାର ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ବାଲେଶ୍ୱର ମ୍ୟୁନିସିପାଲିଟି ସ୍କୁଲର ଏହି ଦୃଶ୍ୟ ଦେଖିଲେ ସେହି ଅର୍ଥର ପ୍ରକୃତ ବିନିଯୋଗ ଓ ଶିକ୍ଷା ବ୍ୟବସ୍ଥାର ତଦାରଖକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ପିଲାଙ୍କ ଭବିଷ୍ୟତ ପାଇଁ କରାଯାଉଥିବା ଯୋଜନା କାଗଜପତ୍ରରେ ସୀମିତ ରହିଯିବ, ନା ଏହି ଅବ୍ୟବସ୍ଥା ଦୂର କରିବାକୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନିଆଯିବ ସେ ନେଇ ଚିନ୍ତାରେ ଛାତ୍ରଛାତ୍ରୀ ଏବଂ ଅଭିଭାବକ।

# ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା,୭।୮ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ବଡ଼ମାଳ ଥାନା ଅନ୍ତର୍ଗତ କାତିକେଲା ନିକଟସ୍ଥ ସଫେଇନାଳାରୁ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ଭୁର୍କାମୁଣ୍ଡା ଗ୍ରାମର ଜଗଦୀଶ ମାଝୀ (୪୨) ବୋଲି ଚିହ୍ନଟ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଜଗଦୀଶ ଗତ ଅଗଷ୍ଟ ୨ ତାରିଖରୁ ନିଖୋଜ ଥିଲେ। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ଅଗଷ୍ଟ ୪ ତାରିଖରେ ବଡ଼ମାଳ ଥାନାରେ ଏକ ନିଖୋଜ ଏତଲା ଦାୟର କରାଯାଇଥିଲା। ଗୁରୁବାର ଅପରାହ୍ନରେ ଭଗିପାଲି ନିକଟ ସଫେଇନାଳାରେ ଜଗଦୀଶଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ।

# 'ମା' କ୍ଷୀର ଶିଶୁର ଅଧିକାର, ସୁସ୍ଥ ଭବିଷ୍ୟତର ମୂଳଦୁଆ'

**କେସିଙ୍ଗା,୭।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ସହରର ଦୁର୍ଗାମଣ୍ଡପସ୍ଥିତ ୧୨ ନମ୍ବର ୱାର୍ଡର ଅଙ୍ଗନୱାଡ଼ି କେନ୍ଦ୍ରରେ ଶୁକ୍ରବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୬ ପାଳନ କରାଯାଇଛି। ଏହି ଅବସରରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଙ୍ଗନୱାଡ଼ି କର୍ମୀ ସଂଗୀତା ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୨ ନମ୍ବର ୱାର୍ଡର ସହାୟିକା ଜ୍ୟୋତିର୍ମୟୀ ରାଉତ, ଆଶାକର୍ମୀ ସଇଳେନ୍ଦ୍ରି ବାଗଙ୍କ ସମେତ ଗର୍ଭବତୀ ମହିଳା ଓ ଛୋଟ ଶିଶୁଙ୍କ ମା'ମାନେ ଯୋଗଦେଇଥିଲେ। ଏହି ଅବସରରେ ସେମାନେ ୱାର୍ଡର ବିଭିନ୍ନ ଗଳିକନ୍ଦି ବୁଲି ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେବା ସହ



ଲୋକଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ମା' କ୍ଷୀରର ଗୁରୁତ୍ୱ, ଶିଶୁ ଜନ୍ମ ପରେ ଯଥାଶୀଘ୍ର ସ୍ତନ୍ୟପାନ ଆରମ୍ଭ କରିବା, ଶିଶୁର ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେବା ଏବଂ ଶିଶୁର ଉତ୍ତମ ଶାରୀରିକ ଓ ମାନସିକ ବିକାଶରେ ସ୍ତନ୍ୟପାନର ଭୂମିକା ସମ୍ପର୍କରେ ମା'ମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ମା' କ୍ଷୀର ଶିଶୁ ପାଇଁ ପ୍ରକୃତିର ଏକ ଅମୂଲ୍ୟ ଉପହାର ବୋଲି ମତ ପ୍ରକାଶ ପାଇଥିଲା। ସ୍ତନ୍ୟପାନ ଦ୍ୱାରା ଶିଶୁକୁ ଆବଶ୍ୟକ ପୋଷଣ ମିଳିବା ସହ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ମିଳିଥାଏ। ଏଥିସହ ମା' ଓ ଶିଶୁ ମଧ୍ୟରେ ଭାବନାତ୍ମକ ସମ୍ପର୍କ ମଧ୍ୟ ଅଧିକ ଦୃଢ଼ ହୋଇଥାଏ ବୋଲି ଉପସ୍ଥିତ ମହିଳାମାନଙ୍କୁ ବୁଝାଇ ଦିଆଯାଇଥିଲା। "ସୁସ୍ଥ ଶିଶୁ, ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନ ପାଇଁ ସ୍ତନ୍ୟପାନ ସମ୍ପର୍କରେ ପ୍ରତ୍ୟେକ ମା'ଙ୍କ ମଧ୍ୟରେ ସଠିକ୍ ସଚେତନତା ରହିବା ଆବଶ୍ୟକ" ବୋଲି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ଉପସ୍ଥିତ ମା'ମାନେ ଶିଶୁମାନଙ୍କ ସୁସ୍ଥ ବିକାଶ ପାଇଁ ନିୟମିତ ସ୍ତନ୍ୟପାନ ଓ ଉପଯୁକ୍ତ ପୋଷଣ ସମ୍ପର୍କରେ ସଚେତନ ରହିବା ସହ ଅନ୍ୟ ମହିଳାମାନଙ୍କୁ ମଧ୍ୟ ସଚେତନ କରିବାକୁ ଆହ୍ୱାନ କରିଥିଲେ।

# ଜିଲ୍ଲାପାଳଙ୍କ ଶିଶୁ କଲ୍ୟାଣ ସମିତି କାର୍ଯ୍ୟାଳୟ ପରିଦର୍ଶନ

**ଝାରସୁଗୁଡ଼ା,୭।୮ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲା ଶିଶୁ କଲ୍ୟାଣ ସମିତି କାର୍ଯ୍ୟାଳୟ ପରିଦର୍ଶନ କରି କାର୍ଯ୍ୟକାରିତା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଶିଶୁମାନଙ୍କ ସୁରକ୍ଷା, ଅଧିକାର ଓ ସେମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ ଶିଶୁ କଲ୍ୟାଣ ସମିତିର ନିୟମିତ ବୈଠକ ଏବଂ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ମାମଲାର ପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ। ସମସ୍ତ ଆବେଦନ ଓ ମାମଲାଗୁଡ଼ିକର ଶୀଘ୍ର ଏବଂ ସୁଚାରୁ ରୂପେ ସମାଧାନ କରିବା ସହ ଶିଶୁମାନଙ୍କୁ ନ୍ୟାୟୋଚିତ ସହାୟତା ଯୋଗାଇଦେବାକୁ ସେ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ କାର୍ଯ୍ୟାଳୟର ଆବଶ୍ୟକୀୟ ଭିତ୍ତିଭୂମି ବିକାଶ ଏବଂ ଶୌଚାଳୟଗୁଡ଼ିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଉପରେ ଜିଲ୍ଲାପାଳ ବିଶେଷ ଦୃଷ୍ଟି ଦେଇଥିଲେ। କାର୍ଯ୍ୟାଳୟକୁ ଆସୁଥିବା ଶିଶୁ, ସେମାନଙ୍କ ପରିବାର ଏବଂ କର୍ମଚାରୀଙ୍କ ନିମନ୍ତେ ଏକ ସ୍ୱଚ୍ଛ ଓ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଆବଶ୍ୟକୀୟ ମରାମତି କାର୍ଯ୍ୟ ତୁରନ୍ତ ସମ୍ପାଦନ କରିବାକୁ ସେ କହିଛନ୍ତି। ଏହି ସମୀକ୍ଷା ସମୟରେ ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ସଂଯୁକ୍ତା ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟାବଳୀ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହି ପରିଦର୍ଶନ ସମୟରେ ସମିତିର ସଦସ୍ୟା ମମତା ତ୍ରିପାଠୀ, ସଦସ୍ୟ ଗୁଣନିଧି ବହିଂସା ଏବଂ ସଦସ୍ୟା କିରଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଝାରସୁଗୁଡ଼ା,୭।୮ (ସଂଚାର ବ୍ୟୁରୋ):** ପ୍ରାତଃଭ୍ରମଣ ପାଇଁ ଘରୁ ବାହାରିଥିବା ଜଣେ ବୃଦ୍ଧଙ୍କର ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କଦମଡ଼ିହି ଗ୍ରାମ ନିକଟ ଜାତୀୟ ରାଜପଥ-୪୯ରେ ଘଟିଛି। ମୃତକ ହେଲେ କଦମଡ଼ିହି ଗ୍ରାମର କ୍ଷିତେଶ୍ୱର ପ୍ରଧାନ। ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ସମୟରେ ସେ ସବୁଦିନ ପରି ପ୍ରାତଃଭ୍ରମଣ ପାଇଁ ବାହାରିଥିବା ବେଳେ କଦମଡ଼ିହି ନିକଟ ଜାତୀୟ ରାଜପଥ ନମ୍ବର ୪୯ରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।

# ବିଜେପି ଶକ୍ତି ପ୍ରମୁଖଙ୍କୁ ଫୋନ୍‌ରେ ହତ୍ୟା ଧମକ ଅଭିଯୋଗ

● ସାଂସଦ ପ୍ରତିନିଧିଙ୍କ ପକ୍ଷରୁ ଖଣ୍ଡନ



**ଜଗତସିଂହପୁର,୭।୮ (ସଂଚାର ବ୍ୟୁରୋ):** ଜିଲ୍ଲା ବାଲିକୁଦା ବ୍ଲକ ସାଂସଦ ପ୍ରତିନିଧି ବିଜେପି ଶକ୍ତି ପ୍ରମୁଖ ଙ୍କୁ ଫୋନ ଯୋଗେ ମାରିଦେବାର ଧମକ ଦେଇଥିବାର ଅଭିଯୋଗ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ତାଙ୍କୁ ଫୋନ୍ ମାଧ୍ୟମରେ ଅସଭ୍ୟ ଭାଷା ପ୍ରୟୋଗ କରିବା ସହ ଜୀବନରୁ ମାରିଦେବାକୁ ଧମକ ଓ ଅଞ୍ଚଳରେ ରହିବାକୁ ଦେବେ ନାହିଁ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକାରୀଙ୍କ ପରିଚୟ ଅନୁଯାୟୀ ସେ ହେଉଛନ୍ତି ଗୌରାଙ୍ଗ ଚରଣ ଲେଙ୍କା। ସେ ଓଷକଣା ପଞ୍ଚାୟତ ର ଶକ୍ତି ପ୍ରମୁଖ ଭାବେ ଦାୟିତ୍ୱ ତୁଲାଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକାରୀ କହିଛନ୍ତି ଯେ, ଘଟଣା ଦିନ ସେ ନିଜ ଦାୟିତ୍ୱରେ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଜଗତସିଂହପୁର ସାଂସଦ ପ୍ରତିନିଧି ତଥା ଜିଲ୍ଲା କୃଷକ ମୋର୍ଚ୍ଚା ର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ତାଙ୍କୁ ଫୋନ ଯୋଗେ, କାହିଁକି ସଂଗଠନର କାମ କରୁଛ ବୋଲି ପ୍ରଶ୍ନ କରିଥିଲେ। ଏଥିସହ ଅଞ୍ଚଳରେ ବୁଲିବାକୁ ବାରଣ କରିଥିଲେ।ଏପରି ଧମକ ପରେ ନିଜ ସୁରକ୍ଷାକୁ ନେଇ ସେ ଭୟଭୀତ ହୋଇଥିବା ଅଭିଯୋଗକାରୀ କହିଛନ୍ତି। ଘଟଣା ପରେ ସେ ନିଜ ସହଯୋଗୀମାନଙ୍କ ସହ ଘରକୁ ଫେରି ଆସିଥିଲେ। ପରବର୍ତ୍ତୀ ସମୟରେ କୌଣସି ଅଘଟଣ ଘଟିଲେ ତାହା ପୂର୍ବରୁ ପୁଲିସକୁ ଅବଗତ କରାଇବା ଆବଶ୍ୟକ ବୋଲି ଭାବି ସେ ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ଘଟଣାଟି କେବଳ ବ୍ୟକ୍ତିଗତ ବିବାଦରେ ସୀମିତ ନୁହେଁ। ଅଞ୍ଚଳରେ ରାଜନୈତିକ କାର୍ଯ୍ୟକଳାପକୁ ନେଇ ମଧ୍ୟ ବିଭିନ୍ନ ପ୍ରକାରର ବିରୋଧ ଓ ଚାପ ସୃଷ୍ଟି କରାଯାଉଥିବା ଅଭିଯୋଗକାରୀ ଦାବି କରିଛନ୍ତି।

# ଜିଲ୍ଲା ଗସ୍ତରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଏସଆଇଆର୍ ଉପରେ ସମୀକ୍ଷା



**ସୁବର୍ଣ୍ଣପୁର,୭।୮ (ସଂଚାର ବ୍ୟୁରୋ):** ଏସ୍.ଆଇ.ଆର୍.-୨୦୨୬ ର ପୋଷ୍ଟ ଡ୍ରାଫ୍ଟ ରୋଲ୍ ପ୍ରକାଶନ କାର୍ଯ୍ୟର ସମୀକ୍ଷା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଭାବେ ନିଯୁକ୍ତ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ଓଡ଼ିଶା ସରକାରଙ୍କ ଏସ୍.ଟି ଓ ଏସ୍.ସି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଏବଂ ନିର୍ବାଚନ ପର୍ଯ୍ୟବେକ୍ଷକ ବି. ପରମେଶ୍ୱରନ୍, ଆଇ.ଏ.ଏସ୍. ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଏସ୍.ଆଇ.ଆର୍.-୨୦୨୬ ଅନ୍ତର୍ଗତ ଚିଠା ଭୋଟର ତାଲିକା ପ୍ରକାଶନ ପରବର୍ତ୍ତୀ ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଥମେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ଼ଃ ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ୬୫-ସୋନପୁର ବିଧାନସଭା କ୍ଷେତ୍ରର ଏଇଆର୍‌ଓ -ତଥା- ଉପଜିଲ୍ଲାପାଳ ଡ଼ଃ ସୌମ୍ୟରୂପା ରଥ, ୬୪- ବିରମହାରାଜପୁର ବିଧାନସଭା କ୍ଷେତ୍ରର ଇଆର୍‌ଓ -ତଥା- ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ସମସ୍ତ ଏ.ଇ.ଆର୍.ଓ.-ତଥା-ବିଡିଓ, ଏଇଆର୍‌ଓ -ତଥା-ତହସିଲଦାର, ଏ.ଇ.ଆର୍.ଓ.-ତଥା-ଡେପୁଟି କଲେକ୍ଟର ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ଉପସ୍ଥିତ ଥିଲେ। ବୈଠକରେ ଶ୍ରୀ ପରମେଶ୍ୱରନ୍ ଚିଠା ଭୋଟର ତାଲିକା ପ୍ରକାଶନ ପରବର୍ତ୍ତୀ କାର୍ଯ୍ୟଗୁଡ଼ିକର ଅଗ୍ରଗତି, ଦାବି ଓ ଆପତ୍ତି ଗ୍ରହଣ, ଭୋଟରଙ୍କ ସହ ସମନ୍ୱୟ, କ୍ଷେତ୍ରସ୍ତରରେ ବିଏଲ୍‌ଓମାନଙ୍କ କାର୍ଯ୍ୟ, ସମସ୍ତ ଯୋଗ୍ୟ ମତଦାତାଙ୍କ ଅନ୍ତର୍ଭୁକ୍ତି, ସ୍ୱଚ୍ଛତା, ନିରପେକ୍ଷତା ଏବଂ ସମୟବଦ୍ଧତା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

# ଛାତ୍ରଛାତ୍ରୀମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ନେଇ ସଚେତନତା

**ସୁବର୍ଣ୍ଣପୁର,୭।୮ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଓଡିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲି



ସୋନପୁର ଠାରେ "ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ" ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଦେବାଶିଷ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ, ମଧ୍ୟସ୍ଥତା, ଆପୋଷ ମିଳାମିଶା ରେ ବିଭିନ୍ନ ସମସ୍ୟା ର ସମାଧାନ ଏବଂ ଆଇନ ସେବା ପ୍ରାଧିକରଣ ର ବିଭିନ୍ନ ଆଇନ ଉପରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ ଓ ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲି ର ଅଧ୍ୟକ୍ଷ ଅରୁଣ ମହାକୁର, ଛାତ୍ର ଆଇନଗତ ସାକ୍ଷରତା କ୍ଲବ୍ ର ଶିକ୍ଷକ ହେମନ୍ତ ସିଂଦେଓ ଏବଂ ଶିକ୍ଷକ ପ୍ରଦୀପ ନାଗ ଯୋଗ ଦେଇ ଥିଲେ ଓ ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଅନାମ କୁମାର ସାହୁ ଏବଂ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ ଦେଇଥିଲେ।

# ଶିକ୍ଷା ବିଭାଗର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**ମାଲକାନଗିରି,୭।୮ (ସଂଚାର ବ୍ୟୁରୋ):** ଶୁକ୍ରବାର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଶିକ୍ଷାଧିକାରୀ ଭାଗିରଥି ବେହେରା ସଭାପତିତ୍ୱ କରିଥିବାବେଳେ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଏ ଶ୍ରୀନିବାସ ଆଚାରୀ, ଜିଲ୍ଲା ବିଜ୍ଞାନ ନିରିକ୍ଷକ ଜଗନ୍ନାଥ ବେହେରା, ମାଲକାନଗିରି ବ୍ଲକ ଶିକ୍ଷା ଅଧିକାରୀ ମମତା ସୟ, ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ଖଇରିପୁଟ ବ୍ଲକ ଶିକ୍ଷା ଅଧିକାରୀ ଦିଲ୍ଲିପ କୁମାର ଗଣ୍ଡ, କୋରୁକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଅସିତ କୁମାର ମିସ୍ତ୍ରୀ, ଜିଲ୍ଲା ଶାରିରିକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ଜିଲ୍ଲା ଜେ ଆର ସି ଅଫିସର ନିରଞ୍ଜନ ମହାରଣା, ଶରତ ଦାଶ, ପ୍ରଶାନ୍ତ ବୁରୁଦା, ସମସ୍ତ ବ୍ଲକର ନୋଡ଼ାଲ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଜିଲ୍ଲାରେ ବିଭାଗ ଗୁଡ଼ିକ କିପରି ଅଗ୍ରଗତି କରିପାରିବ ସେ ବିଷୟରେ ଆଲୋଚନା କରିଥିଲେ।

# ହର ଘର ତ୍ରିରଙ୍ଗା ଅବସରରେ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ରାଲି

**ଜୟପୁର,୭।୮ (ସଂଚାର ବ୍ୟୁରୋ):** ଆସନ୍ତା ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଦେଶବ୍ୟାପୀ 'ହରଘରତ୍ରିରଙ୍ଗା-୨୦୨୬' ଅଭିଯାନକୁ ଜନଭାଗିଦାରୀ ମାଧ୍ୟମରେ ସଫଳ କରିବା ଲକ୍ଷ୍ୟରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ରାଲି ଆୟୋଜନ କରାଯିବ। ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ଅଗଷ୍ଟ ୧୦ ତାରିଖରୁ ଏହି ଅଭିଯାନକୁ କେନ୍ଦ୍ର କରି ତ୍ରିରଙ୍ଗା ରାଲି ଓ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କୋରାପୁଟରେ ୧୦ ଅଗଷ୍ଟ ସୋମବାର ସକାଳ ୮ଟାରୁ ଏହି ରାଲି ଆରମ୍ଭ ହେବ। ରାଲିଟି ପୋଲିସ ପ୍ୟାରେଡ୍ ଗ୍ରାଉଣ୍ଡରୁ ଆରମ୍ଭ ହୋଇ ସ୍ପୋର୍ଟସ୍ କମ୍ପ୍ଲେକ୍ସ, କୋରାପୁଟ ପର୍ଯ୍ୟନ୍ତ ଯିବ। ଏହି ଦେଶଭକ୍ତିମୟ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଜନସାଧାରଣ, ଛାତ୍ରଛାତ୍ରୀ, ଯୁବବର୍ଗ, ବିଭିନ୍ନ ସଂଗଠନ ଓ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନଙ୍କୁ ସାମିଲ କରାଯିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ତ୍ରିରଙ୍ଗା ପ୍ରତି ସମ୍ମାନ, ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ।

# ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଲେ ଶିକ୍ଷକ

**ବଲାଙ୍ଗୀର,୭।୮ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲାରେ ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ କମିଟି ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ଧାରଣା ଦିଆଯାଉଛି। ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ନୂତନ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଶିକ୍ଷକ-କର୍ମଚାରୀଙ୍କ ପେନସନ ଓ ସେବା ସର୍ତ୍ତ ପ୍ରଣୟନ ସହ ସମସ୍ତ ଯୋଗ୍ୟ ଶିକ୍ଷାନୁଷ୍ଠାନକୁ ଜିଆଇଏ ପରିସରଭୁକ୍ତ କରିବାକୁ ଦାବି



କରାଯାଇଛି। ଏହା ସହ ନୂତନ ସ୍ଥାୟୀ ନିଯୁକ୍ତି, ଅବସର ବୟସକୁ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ' ବିସଙ୍ଗତି ଦୂର କରିବା ଏବଂ ସମସ୍ତ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ସ୍କୁଲ-କଲେଜକୁ ସରକାରୀକରଣ କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବାକୁ ମଧ୍ୟ ଦାବି କରାଯାଇଛି। ଦାବିଗୁଡ଼ିକ ଶୀଘ୍ର ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସମନ୍ୱୟ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ-କର୍ମଚାରୀଙ୍କ ପ୍ରତିବାଦ



**କୋରାପୁଟ,୭।୮ (ସଂଚାର ବ୍ୟୁରୋ):** ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶୁକ୍ରବାର କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସମିତିର ଆବାହକ ତଥା ଜିଲ୍ଲା ଓଷ୍ଟା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଏହି ଦାବିପତ୍ର ଗ୍ରହଣ କରିଥିଲେ। ଏହା ପରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଅନୁଦାନ, ପେନ୍‌ସନ, ଖାଲି ପଦବୀ ପୂରଣ, ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ବରିଷ୍ଠତା ପ୍ରଦାନ ଏବଂ ଅବସର ବୟସ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ଦାବି ଉଠାଯାଇଥିଲା। ସରକାର ଅଗଷ୍ଟ ୧୫ ସୁଦ୍ଧା ଦାବିଗୁଡ଼ିକ ଉପରେ ନିଷ୍ପତ୍ତି ନ ନେଲେ ଅଗଷ୍ଟ ୧୬ରେ ଭୁବନେଶ୍ୱରରେ ବିଶାଳ ମହାସମାବେଶ ଓ ଧାରଣା ଦିଆଯିବ ବୋଲି ସମିତି ଚେତାବନୀ ଦେଇଛି।

# ସାମାଜିକ ଦାୟିତ୍ୱବୋଧ, ସ୍ୱଚ୍ଛତା ଆପଣାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ଦିଗପହଣ୍ଡି,୭।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମସ୍ଥିତ ସେବାନନ୍ଦ ସରସତୀ ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) କୋ-ୟୁନିଟ୍ ପକ୍ଷରୁ ଶୁକ୍ରବାର 'ସ୍ୱଚ୍ଛତା ପଖଓ୍ୱାଡା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଚେତନତା ସଭାରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଯୁଧିଷ୍ଠିର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ତଥା ଅଧ୍ୟାପକ ରାଜକିଶୋର ମହାନ୍ତି, ଆଇ. ବୈରାଗୀ, ଲକ୍ଷ୍ମୀଧର ସ୍ୱାଇଁ, ଅଧ୍ୟାପିକା ରଶ୍ମିତା ପାଢ଼ୀ, ପ୍ରମିଳା ଦେବୀ, ରଞ୍ଜିତା ପାଣିଗ୍ରାହୀ, ସୁଭାମିତ ନାୟକ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସଚେତନ କରାଇବା ସହ ସ୍ୱଚ୍ଛତା, ସାମାଜିକ ଦାୟିତ୍ୱବୋଧ ଓ ସେବା ମନୋଭାବ ଆପଣାଇବାକୁ ପରାମର୍ଶ ଦେଇଥିଲେ। ପରେ କଲେଜ ଅଧ୍ୟାପିକା, ଅଧ୍ୟାପକ, ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଓ କର୍ମଚାରୀ ବୃନ୍ଦ ମିଳିତ ଭାବେ କଲେଜ ପରିସରକୁ ସମ୍ପୂର୍ଣ୍ଣ ସଫେଇ କରିଥିଲେ।

# ରାସ୍ତାକଡ଼ରେ ୧୨ ଫୁଟ ଲମ୍ବର ଅହିରାଜ



**ଦିଗପହଣ୍ଡି,୭।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍‌ଏସି ୩ ନଂ ୱାର୍ଡ ପିଏଚ୍‌ଡି ରୋଡ୍ କେନାଲ କଡ଼ ମୋବାଇଲ ଟାୱାର ନିକଟରୁ ପ୍ରାୟ ୧୨ ଫୁଟ ଲମ୍ବର ଏକ ଅହିରାଜ ସାପକୁ ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ଉଦ୍ଧାର କରି ନିକଟସ୍ଥ ଟାଙ୍ଗୁଡ଼ି ଦେଇ ଜଙ୍ଗଲରେ ଛାଡ଼ିଦେଇଥିବା ଜଣାପଡ଼ିଛି। ଅହିରାଜ ସାପଟି ସେଠାରେ ରହି ଗର୍ଜନ କରୁଥିବାବେଳେ ସ୍ଥାନୀୟ ନୂଆସାହି ଏବଂ ଉମାଶଙ୍କର କଲୋନୀର କିଛି ଯୁବକ ସାପଟିକୁ ପ୍ରଥମେ ଦେଖିଥିଲେ। ଖବର ପ୍ରଚାରିତ ହେବାପରେ ସାପ ଦେଖିବାକୁ ଘଟଣା ସ୍ଥଳରେ ଲୋକଙ୍କ ଭିଡ଼ ହୋଇଥିଲା। ଏନେଇ ଦିଗପହଣ୍ଡି ବନବିଭାଗ କାର୍ଯ୍ୟାଳୟକୁ ସୂଚନା ଦିଆଯିବା ପରେ ବନ ବିଭାଗ କର୍ତ୍ତୃପକ୍ଷ ଶେରଗଡ଼ର ସ୍ନେକ୍ ହେଲ୍ପଲାଇନ ସଦସ୍ୟଙ୍କୁ ଜଣାଇଥିଲେ। ସ୍ନେକ୍ ହେଲ୍ପଲାଇନର ଦୁଇଜଣ ସଦସ୍ୟଙ୍କ ସହାୟତାରେ ଅତ୍ୟନ୍ତ ସନ୍ତର୍ପଣ ସହକାରେ ପୁରୁଷ ପ୍ରଜାତିର ଅହିରାଜକୁ ଧରି ନିକଟସ୍ଥ ଟାଙ୍ଗୁଡ଼ିଦେଇ ଜଙ୍ଗଲରେ ସୁରକ୍ଷିତ ଅବସ୍ଥାରେ ଛଡ଼ାଯାଇଥିବା ଜଣାପଡ଼ିଛି। ଅହିରାଜଟି କେନାଲ ପାଣିରେ ଭାସି ଆସିଥିବା ସାହି ବାସିନ୍ଦା ଅନୁମାନ କରିଛନ୍ତି।